
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com




ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଫେବୃଆରୀ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର  ଷଷ୍ଠ ବର୍ଷର ଏକାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଔ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, FEBRUARY 2021, Issue No. XI
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


# ଏଇ ସଂଖ୍ୟାରେ...


<u>ପ୍ରବନ୍ଧ ବିଭାଗ</u>

**ଓଡ଼ିଆ ଲୋକଗୀତରେ ଓଡ଼ିଆଣୀର ଜୀବନ ଚରିତ** - ପ୍ରେରଣା ପାତ୍ର ୦୭
**ଧ୍ୱଂସ ମୁଖରେ ଧରିତ୍ରୀର ଧରୋହର** - ମନୋରଂଜନ ଦଳାଇ ୧୧
**ଅପସଂସ୍କୃତିର ମାୟାରେ ଲୁପ୍ତ ପରମ୍ପରା** - ମୀରା ବେଉରା ୧୪
**ଲକଡାଉନ୍ ରେ ଜୀବନ** - କୃଷ୍ଣା ମିଶ୍ର ୧୫
**ଗାନ୍ଧୀଙ୍କ ଶିକ୍ଷାନୀତି** - ତାପ୍ତିମୟୀ ପଣ୍ଡାମିଶ୍ର ୧୬

<u>ଗଳ୍ପ ବିଭାଗ</u>

**ତେଲିଆ ମୁଣ୍ଡରେ ତେଲ** - ବାସନ୍ତୀ ଲତା ଜେନା ୧୭
**ଏ ସମୟ ରହିବ ନାହିଁ** - ସରୋଜ କୁମାର ଜେନା ୧୮
**ଅକୁହା ମାତୃତ୍ୱ** - ଗାଳ୍ପିକ କେଶବ ଚନ୍ଦ୍ର ନାୟକ ୨୦
**ମଣିଷ ବାଘ** - ବିମଳା ଶଂକର ଦାସ ୨୪
**ଭିଟାମାଟି** - କଳ୍ପନା ରାୟ ୨୫
**ଏମିତି ବି ହୁଏ** - ଶ୍ରୀ ସତ୍ୟବ୍ରତ ସାହୁ ୨୬
**ନିଝୁମ ରାତିରେ ପାଉଁଜି ବାଜେ...** - ଆନନ୍ଦ ସାଗରିଆ ୨୭
**ଦେହ** - ଦୁଷ୍ମନ୍ତ ବେହେରା ୨୮
**ହାତୀର ଅନୁତାପ** - ବନଲତା ସିଂହ ୨୯
**ମାଆରୁ ମାମା ପର୍ଯ୍ୟନ୍ତ** - ବେବୀ ନାଏକ ୩୧
**ସାନ ସିନା ବୁଦ୍ଧି ତା ମହାନ** - ଧରିତ୍ରୀ ଦାସ ୩୫
**ମଧୁମାଳତୀ** - ତପସ୍ୱିନୀ ଷଡ଼ଙ୍ଗୀ ୩୭
**ଯନ୍ତ୍ରଣା ଏକ ପୁରୁଷର** - ରଶ୍ମିବାଳା ଶତପଥୀ ୩୮
**ମେହେନ୍ତର** - ସୁଧାଂଶୁ ଶେଖର ଦ୍ୱିବେଦୀ ୩୯
**ପ୍ରିୟ ବନ୍ଧୁ** - ପ୍ରୀତିମୟୀ ବିଶ୍ୱାଳ ୪୦
**ବିଗତ କଥା** - ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ୪୧
**ଅଲଗା** - ସୁକାନ୍ତ ଖଣ୍ଡା ୪୩
**କାଳିଝିଅ ଓ ଫେରିବାଲା** - ସଚ୍ଚିଦାନନ୍ଦ କର ୪୪
**ଅନ୍ତର୍ଦାହ** - ଦେବାଶିସ ମିଶ୍ର ୪୫
**ବାପାଙ୍କ ପୁରୁଣା ବାକ୍ସ** - ସୁଶାନ୍ତ କୁମାର ନନ୍ଦ ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................................................................

ଠିକଣା ......................................................... ପିନ୍‌କୋର୍ଡ୍ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ.....................................

ବ୍ୟାଙ୍କ୍.......................................... ସ୍ଥାନ.....................................................

ତାରିଖ....................................... ଦସ୍ତଖତ.....................................................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଓଡ଼ିଆ ଲୋକଗୀତରେ ଓଡ଼ିଆଣୀର ଜୀବନ ଚରିତ

- ପ୍ରେରଣା ପାତ୍ର

ସାହିତ୍ୟ କୌଣସି କ୍ଷେତ୍ରରେ ବା କୌଣସି ଯୁଗରେ ଜନଜୀବନଠାରୁ ପୃଥକ ହୋଇ ଭିନ୍ନ ସରଣୀରେ ଗତି କରିନାହିଁ। ଜୀବନ ସହିତ ଏହାର ସଂପର୍କ ଅବିଚ୍ଛେଦ୍ୟ । ମଣିଷର ଜୀବନ ସହିତ ତାର ସଂସ୍କୃତି କେଉଁ ଆବହମାନ କାଳରୁ ଜଡ଼ିତ ହୋଇ ରହିଆସିଛି । ସାହିତ୍ୟ ମାନବ ଭାବାବେଗର କଳାତ୍ମକ ବାହ୍ୟ ପରିପ୍ରକାଶ ହେଲେ ସଂସ୍କୃତି ହେବ ତା'ର ଅନ୍ତରାତ୍ମା । ଗୋଟିଏ ଶରୀର ହେଲେ ଅନ୍ୟଟି ତା'ର ଆତ୍ମା ।

ସାହିତ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା - ଲୋକ ସାହିତ୍ୟ ଓ ବିଦଗ୍ଧ ସାହିତ୍ୟ । "ଲୋକସାହିତ୍ୟ" ସାହିତ୍ୟର ଏକ ମନୋରମ ବିଭବ ।

ଲୋକ ସାହିତ୍ୟ ହିଁ ଜନ ସାହିତ୍ୟ । ଲୋକ ଏହାର ସ୍ରଷ୍ଟା । ଏହା ବାସ୍ତବରେ ଜନଜୀବନର ପ୍ରକୃତ ପ୍ରତିଛବି । ଲୋକ ସାହିତ୍ୟ ଆଲୋଚନାର ପ୍ରଥମ ପର୍ଯ୍ୟାୟରେ ଲୋକ ଶବ୍ଦକୁ ହୀନ ଅର୍ଥରେ ଗ୍ରହଣ କରାଯାଇଥିବାର ଲକ୍ଷ୍ୟ କରାଯାଇଥାଏ । ପରେ ପରେ ଏହି ଶବ୍ଦ ପ୍ରତି ଲୋକମାନଙ୍କ ମନରେ ଥିବା ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇଯାଇଛି । ଲୋକ ଶବ୍ଦ ମଧ୍ୟରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟ ଦ୍ୟୋତିତ ହୋଇପାରେ । ଏହିପରି ଭାବରେ ଲୋକ ଶବ୍ଦରୁ ଲୋକ ସାହିତ୍ୟର ସୃଷ୍ଟି । ଲୋକ ସାହିତ୍ୟକୁ କେହି କେହି ପଲ୍ଲୀ ସାହିତ୍ୟ, ଲଘୁ ସାହିତ୍ୟ ବା ଗାଉଁଲି ସାହିତ୍ୟ ବୋଲି କୁହାଯାଏ ।

ଲୋକଗୀତ ସଂପର୍କରେ ଆଲୋଚନା କରିବା ପୂର୍ବରୁ ଆମେ ଲୋକ ସାହିତ୍ୟ ଏବଂ ତା'ର ବିଭାଗୀକରଣ ବିଷୟରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ନିହାତି ଆବଶ୍ୟକ ।

ଲୋକ ସାହିତ୍ୟର ସଂର୍ପକରେ ଅନେକ ସମାଲୋଚକ ଭିନ୍ନ ଭିନ୍ନ ମତ ଦେଇଛନ୍ତି । ସେହି ସବୁ ମତଦ୍ୱାରା ଆମେ ଲୋକ ସାହିତ୍ୟକୁ ଭଲଭାବେ ହୃଦୟଙ୍ଗମ କରିହୁଏ ।

ଲଣ୍ଡନ ଫୋକଲ୍‌ର ସୋସାଇଟି ଆନୁକୂଲ୍ୟରେ ଦିଆଯାଇଥିବବା ମତାନୁଯାୟୀ - ପିଢ଼ି ପରେ ପିଢ଼ି ମୁହଁରୁ ମୁହଁକୁ ଗତି କରୁଥିବା ବିଭିନ୍ନ କଥା, କବିତା ଓ କାହାଣୀକୁ ଲୋକ ସାହିତ୍ୟ କୁହାଯାଏ ।

କୁଞ୍ଜବିହାରୀ ଦାସଙ୍କ ମତରେ - ଯେଉଁ ସାହିତ୍ୟକୁ ବିଦ୍ୱାନ ପଣ୍ଡିତଙ୍କ ଠାରୁ ଗଣ୍ଡ ମୁର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝି ପାରନ୍ତି ତାହା ହେଉଛି ଲୋକ ସାହିତ୍ୟ ।

ପ୍ରାଚୀନ ମନୁଷ୍ୟ ଜଙ୍ଗଲରେ ଥିବା ସମୟରେ ବିଭିନ୍ନ ପଶୁପକ୍ଷୀଙ୍କ ସ୍ୱର ଝରଣାର କୁଳୁକୁଳୁ ତାଳ ବର୍ଷାର ରିମ୍‌ଝିମ୍ ସ୍ୱର ଆଦିକୁ ଅନୁସରଣ କରି କଥା କରିବା ଶିଖିଛି । କ୍ରମଶଃ କଥାରୁ ସୃଷ୍ଟି ହୋଇଛି କବିତା ଏବଂ ପରେ ସୃଷ୍ଟି ହୋଇଛି କାହାଣୀ । ଅତୀତରେ ଲେଖିବା ପଦ୍ଧତି ଉଦ୍ଭାବନ ହୋଇନଥିବାରୁ ସାଧାରଣ ମଣିଷର ମୁଖ ନିସୃତ କବିତା ଓ କାହାଣୀ ସବୁ ମୁହଁରେ ଗତିକରି ବିକଶିତ ହୋଇଛି । ସ୍ଥଳ ବିଶେଷରେ କବିତା ବା କାହାଣୀରେ ପରିବର୍ତ୍ତନ ମଧ୍ୟ ଅସମ୍ଭବ ନୁହେଁ । ଆଇମା କାହାଣୀ ଏବଂ ଚାଟଶାଳୀରେ ଅବଧାନଙ୍କ ପାଖରୁ ଶୁଣୁଥିବା ବିଭିନ୍ନ ଶିକ୍ଷଣୀୟ ଗଳ୍ପ ମାଧ୍ୟମରେ ଲୋକ ସାହିତ୍ୟ ଭିନ୍ନ ଭିନ୍ନ ଢ଼ଙ୍ଗରେ ପରିବେଶିତ ହୋଇଛି । କେତେବେଳେ ଗପ ମାଧ୍ୟମରେ ତ ପୁଣି କେତେବେଳେ କବିତା ବା ବ୍ୟଙ୍ଗ ଉକ୍ତି ମାଧ୍ୟମରେ ଲୋକ ସାହିତ୍ୟଗୁଡ଼ିକ ନିଜ ନିମନ୍ତେ ସୃଷ୍ଟି କରିଛି ଏକ ସ୍ୱତନ୍ତ୍ର ସ୍ଥାନ ।

ଲୋକ ସାହିତ୍ୟକୁ ୪ ଭାଗରେ ବିଭକ୍ତ କରାଯାଇଛି । ଯଥା - ୧. ଲୋକ ଗୀତ ୨. ଲୋକ କାହାଣୀ ୩. ଲୋକ ଉକ୍ତି ୪. ଲୋକ ନାଟକ । ଏଥିମଧ୍ୟରୁ ଲୋକଗୀତ ହେଉଛି ଅନ୍ୟତମ ।

ଲୋକଗୀତର ସ୍ରଷ୍ଟାମାନେ ହେଉଛନ୍ତି ନାରୀ ଏବଂ ପୁରୁଷ । ଲୋକଗୀତ ଜୀବନରସର ପ୍ରାଚୁର୍ଯ୍ୟରେ ଭରପୁର । ଲୋକ ସାଧାରଣ କଳ୍ପନା ବିଳାସୀ ନୁହଁନ୍ତି । ବାସ୍ତବତାର ପୂଜାରୀ । ସେମାନେ ଆମ ବାସ୍ତବ ଜୀବନର ସଂଘର୍ଷରେ ଆସନ୍ତି, କଳ୍ପନା ବିଳାସରେ ଜୀବନ ବିତାଇବାକୁ ଅବସର କାହିଁ? ବହୁ ଗୀତ ଏଇ ସଂଘର୍ଷର ପ୍ରତୀକ ରୂପେ ସୃଷ୍ଟି ହୋଇଛନ୍ତି ।

ଲୋକଗୀତ ହେଉଛି ଗାଉଁଲି ଲୋକର ହୃଦୟାବେଗର ବାହ୍ୟପରିପ୍ରକାଶ । ତେଣୁ କେତେ ମତ ଦିଅନ୍ତି ଯେ ଏହା ୨ ପ୍ରକାରର । ପ୍ରଥମଟି ହେଉଛି ପୁରୁଷ ଗୀତ ଯଥା - କୃଷକ ଗୀତ, ଶଗଡ଼ିଆ ଗୀତ, ସୁଧାରୀ ତାଳଗୀତ, ନାଉରିଆ ଗୀତ, ଚକୁଳିଆ ପଣ୍ଡା ଗୀତ ଇତ୍ୟାଦି । ଅନ୍ୟଟି ହେଉଛି ନାରୀ ଗୀତ ଯଥା ଦୋଳିଗୀତ, କାନ୍ଦଣାଗୀତ, ପୁଚିଖେଳ ଗୀତ, ଶିଶୁଗୀତ, ପର୍ବପର୍ବାଣୀ ଓ ଓଷାଗୀତ ଇତ୍ୟାଦି ।

ଅନ୍ୟ କେତେ ସମାଲୋଚକ ମତ ଦିଅନ୍ତି ଯେ ଏହା ୪ ପ୍ରକାରର । ଯଥା -

୧. ପୁରୁଷ ଗୀତ - କୃଷକ ଗୀତ, ଶଗଡ଼ିଆ ଗୀତ, ନାଉରିଆ ଗୀତ ।

୨. ନାରୀ ଗୀତ - ଦୋଳିଗୀତ, କାନ୍ଦଣାଗୀତ, ପୁଚିଖେଳ ଗୀତ, ଶିଶୁଗୀତ ।

୩. ନାରୀ ନିୟମ ସଂପର୍କୀୟ ଗୀତ - ପ୍ରବଚନ, ଡାକବଚନ, ଖନା ବଚନ ।

୪. ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ମୂଳକ ଗୀତ - ଢ଼ଗଢ଼ମାଳୀ,

ଏହିପରି ଭାବରେ ଲୋକଗୀତର ବିଭାଗୀକରଣ ହୋଇଛି ।

ଲୋକଗୀତରେ ମୁଖ୍ୟସ୍ଥାନ ନାରୀକୁ ପ୍ରଦାନ କରାଯାଇଛି

କାରଣ ସଂସ୍କୃତି କ୍ଷେତ୍ରରେ ନାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ନାରୀକୁ ଦୁହିତା ବୋଲି କୁହାଯାଏ । କାରଣ ଦୁହିତା ଦୁଇ କୂଳକୁ ହିତା । ନାରୀ ହେଉଛି ସୃଷ୍ଟିର କର୍ତ୍ତା । କାରଣ ଗୋଟିଏ ନାରୀ ହିଁ ସମୟର ପରିବର୍ତ୍ତନ ହିସାବରେ ସେ ତାର ଚରିତ୍ରରେ ମଧ୍ୟ ପରିବର୍ତ୍ତନ ଆଣିଥାଏ । ବିବାହ ପୂର୍ବରୁ ସେ ତାର ବାପା, ଭାଇ, ମାଆ,ଭଉଣୀ ଇତ୍ୟାଦିମାନଙ୍କର ହିତ ସାଧନା ପାଇଁ ପୂଜାପାଠ କରିଥାଏ । ବିବାହ ପରେ ସେ ଦୁଇ ଘରର ହିତ ସାଧନା ପାଇଁ କାମନା କରେ ।

କେତେବେଳେ ସେ ଗୋଟିଏ ଘରର ବୋହୂ ତ କେତେବେଳେ ସ୍ତ୍ରୀ ଏବଂ କେତେବେଳେ ମାଆ ତ ପୁଣି କେତେବେଳେ ସେ ଗୋଟିଏ ଭଉଣୀର ଭୂମିକା ଗ୍ରହଣ କରିଥାଏ । ତାର ନିଜତ୍ୱ ବୋଲି କିଛି ନଥାଏ । ସମୟ ସହିତ ସେ ନିଜକୁ ପରିବର୍ତ୍ତନ କରିଥାଏ ।

ଭାରତୀୟ ସଂସ୍କୃତିରେ ନାରୀର ଭୂମିକା ସର୍ବୋପରେ ଥିବାରୁ ନାରୀ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥାଏ । ଓଡ଼ିଆ ସଂସ୍କୃତିରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଏହି ସମସ୍ତ ପର୍ବପର୍ବାଣୀରେ ନାରୀ ଭୂମିକା ମୁଖ୍ୟ ଥାଏ । ରଜ, କୁମାରପୂର୍ଣ୍ଣିମା, ଜହ୍ନି ଓଷା, ଖୁଦୁରୁକୁଣୀ ଓଷା ଇତ୍ୟାଦି ସେ ପାଳନ କରିଥାଏ । ସେଥିମଧ୍ୟରୁ ରଜପର୍ବ ହେଉଛି ଅନ୍ୟତମ ।

ଓଡ଼ିଶାବାସୀ ସେମାନଙ୍କର ସାମାଜିକ ଜୀବନରେ ବହୁ ପର୍ବପର୍ବାଣୀ ପାଳନ କଲେ ହେଁ ରଜପର୍ବର ଅନ୍ୟାନ୍ୟ ପର୍ବ ତୁଳନାରେ ଏକ ବିଶେଷ ବିଶେଷତ୍ୱ ରହିଛି । ରଜ ତିନିଦିନ ମୁଖ୍ୟତଃ ତରୁଣୀମାନଙ୍କ ପାଇଁ ଆନନ୍ଦ ଉତ୍ସବର ଦିନ । ରଜର ପ୍ରଥମ ଦିନଠାରୁ ତରୁଣୀମାନେ ଦୋଳି ଖେଳିବା ଆରମ୍ଭ କରି ଦେଇଥାନ୍ତି । ତରୁଣୀମାନେ ଦୋଳିଖେଳିବା ସମୟରେ ସେମାନେ ନିଜର ସାଂଗସାଥୀ, ପ୍ରେମିକ, ଭାଉଜମାନଙ୍କୁ ଲକ୍ଷ୍ୟ କରି ଖୁସିରେ ଗୀତ ଗାଇ ଦୋଳି ଖେଳିବାରେ ମାତିଥାନ୍ତି । ଦୋଳିଗୀତ ଆରମ୍ଭ ହୋଇଥାଏ ପ୍ରଥମେ କୌଣସି ଦେବତା ବା ଦେବୀଙ୍କୁ ଉଦ୍ଦେଶ୍ୟ କରି । ଯେପରି –

ଲଲାଟେ ଦେଇ ଚନ୍ଦନ
ପ୍ରଥମେ ବନ୍ଦିଲି ଶ୍ରୀଗଜାନନ
ଦୋଳିଗୀତେ ହେଲା ମନ ।
ବନ୍ଦଇ ସାରଳା ଦେବୀ
ପ୍ରସନ୍ନ ହୋଇଲେ ଉତ୍ତର ଦେବି
ମନରେ ରଖିବି ଭାବି
ଦୋଳିର ଉପରେ ଫୁଲ
ଭଲ ଭଲ ଗୀତ ଗାଇବ ଫୁଲ
ସମସ୍ତେ କହିବେ ଭଲ ।

ତରୁଣୀମାନେ ଦୋଳି ଖେଳିବା ସମୟରେ ସେମାନେ ସେମାନଙ୍କର ସୁନେଲି ଭବିଷ୍ୟତ ଜୀବନର ରଂଗୀନ ସ୍ୱପ୍ନକୁ କଳ୍ପନା ଚକ୍ଷୁରେ ଦେଖିଥାନ୍ତି । ନିଜକଥା ଚିନ୍ତା କରି କରି ସେମାନେ ତାଙ୍କର ଭାଉଜମାନଙ୍କ ସହିତ ଥଟ୍ଟା ତାମସା କରି ସେମାନଙ୍କୁ ରଗାଇ ତରୁଣୀମାନେ ଆନନ୍ଦ ପାଇଥାନ୍ତି । ପ୍ରଥମେ ଭାଉଜମାନଙ୍କୁ ଚିଡ଼ାଇ ଦେଇ ନିଜେ ଅଭିମାନ କରନ୍ତି ଏବଂ ପରେ ପରେ ସେମାନେ ତାଙ୍କର ପ୍ରଶଂସା କରି ଗୀତ ଗାଇଥାନ୍ତି ଏବଂ ଭାଉଜମାନଙ୍କୁ ଖୁସି କରେଇଥାନ୍ତି । ଓଡ଼ିଆମାନଙ୍କର ପାରିବାରିକ ଜୀବନରେ ନଣନ୍ଦ ଏବଂ ଭାଉଜଙ୍କର ସଂପର୍କ ଅତ୍ୟନ୍ତ ନିବିଡ଼ ଓ ମଧୁର ଥିବାରୁ ସେମାନେ ଗୀତ ଗାଇଥାନ୍ତି । ଯଥା –

ପିତା ଶାଗ ବୁଦିବୁଦି
ଭାଇ କହା ସଙ୍ଗେ କଲେ ପୀରତି ଲୋ
ହାତୁ ଦେଇ ସୁନାମୁଦି ।

ଏହିପରି ଭାବରେ ରଜପର୍ବରେ ତରୁଣୀମାନେ ରଜପର୍ବ ତାଙ୍କ ସାଙ୍ଗସାଥୀ, ଭାଉଜମାନଙ୍କ ସହିତ ମିଶି ପାଳନ କରିଥାନ୍ତି ।

ଗ୍ରାମର ଝିଅମାନେ କୌଣସି ପୂଣ୍ୟ ପର୍ବର ଶେଷ ଦିବସରେ ପ୍ରତିଯୋଗିତା ପୂର୍ବକ ପୁଚିଖେଳ ଖେଳିଥାନ୍ତି । ବିଶେଷ ଭାବରେ ଖୁଦୁରୁକୁଣୀ ଓଷାର ଶେଷ ପାଳିରେ ଝିଅମାନଙ୍କ ମଧ୍ୟରେ ପୁଚିଖେଳ ପାଇଁ ପ୍ରତିଯୋଗିତା କରିଥାନ୍ତି । ଏହା କେବଳ ଶରୀର ଗଠନରେ ସାହାଯ୍ୟ କରିନଥାଏ ବରଂ ମାନସିକ ଶାନ୍ତି ଆଣିବା କ୍ଷେତ୍ରରେ ମଧ ଏହାର ଆବଶ୍ୟକ ରହିଛି । ପରସ୍ପର ମଧ୍ୟରେ ପ୍ରତିଯୋଗୀ ମନୋଭାବର ଉଦ୍ରେକରେ ଏହା ସାହାଯ୍ୟ କରିଥାଏ । ଏହି ଖେଳରେ ଜଣେ ଅନ୍ୟଜଣକୁ ଟପିଯିବା ପାଇଁ ଅନବରତ ଉଦ୍ୟମ କରିଥାଏ ।

ଏହି ଖେଳ ଖେଳିବା ସମୟରେ ଗ୍ରାମର ତରୁଣୀମାନେ ବେଳେବେଳେ ନିଜର ସମାଜ, ଗ୍ରାମ ଓ ପରିବାରର କଥା କହିଥାନ୍ତି, ସେମାନେ ତାଙ୍କର ମନର ଭାବନାକୁ ପୁଚି ଖେଳିଖେଳି ସେମାନେ ଅନ୍ୟଜଣଙ୍କ ଆଗରେ ପ୍ରକାଶ କରିଥାନ୍ତି ।

ପୁଚିଖେଳ ଦୁଇ ପ୍ରକାରର ଯଥା ବସାପୁଚି ଓ ଠିଆପୁଚି । ପୁଚି ଖେଳ ସମୟରେ ତରୁଣୀମାନେ ବିଭିନ୍ନ ଗୀତ ଗାଇଥାନ୍ତି । ଯଥା –

ବସାପୁଚି – ପୁଚିଲୋ ପୁଚି
ଯା, ଯା ଘୁଞ୍ଚିଲୋ
ଗହୀରୀ ବିଲରେ ମଇଁଷି
ଧାନ କେଣ୍ଡାକେଣ୍ଡା ଖାଉଚି
ଆଡ଼େଇ ଦେଲେ ଗଉଡ଼ଭାଇ
ବୋହୂ ବାପଘର ଯାଉଛି ।
ଠିଆପୁଚି –
ଠିଆ ପୁଚି ନାରଙ୍ଗ
ଗୋଡ଼ ଦିଟା ସାରଙ୍ଗ
ସାରଙ୍ଗ ବଣକୁ ଯାଇଥିଲି
ସାରଙ୍ଗ କୋଳି ଆଣିଥିଲି
ଅଧେ କଲି ଭଜା
ଅଧେ କଲି କଂଞ୍ଚା ।
ମୋ ଭାଇ ରଜା ମୋ ଭାଉଜ ରାଣୀ

ହିଡ଼ ତଳେ ଯୋଉଁ ଗହୀର କୂଅ
କିଏ କାଢ଼ିଦେବ ପାଣି ।

ପୂର୍ବରେ ବର୍ଣ୍ଣିତ ଯେ ଓଡ଼ିଆ ସଂସ୍କୃତିରେ ବାରମାସରେ ତେର ପର୍ବ ପାଳନ କରାଯାଏ । ପ୍ରତ୍ୟେକ ପର୍ବର ପାଳନ ପଛରେ କୌଣସି ନା କୌଣସି ଲୌକିକ ବିଧି ରହିଛି । ମାନସିକ ପରିପୂରଣ ଉଦ୍ଦେଶ୍ୟରେ ହେଉ ବା ଭବିଷ୍ୟତ ପାଇଁ କିଛି କାମନା କରିଥାଏ । ଏ ସବୁର ପାଳନ ସାମାଜିକ ସ୍ୱୀକୃତ ଲାଭ କରିଛି ।

ନାରୀ । ନାରୀ ଜଣଙ୍କର ଝିଅ, ଜଣଙ୍କର ଭଉଣୀ, ଜଣଙ୍କର ବୋହୂ, ଜଣଙ୍କର ସ୍ତ୍ରୀ ଏବଂ ସର୍ବପ୍ରଥମେ ସେ ଜଣଙ୍କ ମାଆ ହୋଇଥାଏ । ଏହା ପୂର୍ବରେ ବର୍ଣ୍ଣନା କରାଯାଇଛି । ସମସ୍ତଙ୍କ ହିତ ସାଧନ ସେ କରିଥାଏ । ଗୋଟିଏ ଝିଅ ତା ବାପାର ମଙ୍ଗଳ କାମନା ଠାରୁ ଆରମ୍ଭ କରି ତାର ନିଜର ଛୁଆର ମଙ୍ଗଳ କାମନା କରିବା ତାର ମୁଖ୍ୟ କାର୍ଯ୍ୟ ଅଟେ । ଗୋଟିଏ ନାରୀ ଯେତେବେଳେ ଗୋଟିଏ ଝିଅର ଭୂମିକା ବହନ କରେ ଯେତେବେଳେ ସେ ତାର ବାପା ଏବଂ ଭାଇଙ୍କ ମଙ୍ଗଳ କାମନା ପାଇଁ ସେ ବିଭିନ୍ନ ଓଷାବ୍ରତ କରିଥାଏ । ଯେପରିକି ଶୁକ୍ରାର ପୂଜା, ଜହ୍ନିଓଷା, ମଙ୍ଗଳବାର ଓଷା ଇତ୍ୟାଦି । ସେଥିମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ । ଯାହା ଭଉଣୀ ତା ଭାଇପାଇଁ ଓଷା ରଖିଥାଏ ।

ଭଉଣୀ ତାର ଭାଇ ମଙ୍ଗଳକାମନା ଏବଂ ଲମ୍ବା ଆୟୁଷ ପାଇଁ ଏହି ଓଷା ପାଳନ କରିଥାଏ । ଭାଦ୍ରବମାସରେ ପ୍ରତି ରବିବାର ଏହି ଓଷା ପାଳିତ ହୁଏ । ଏହି ଓଷା ଭାଲୁକୁଣୀ ଦେବୀଙ୍କୁ ପୂଜା କରାଯାଏ । ଏହା ପ୍ରାୟ ଦେଢ଼ ମାସ ପର୍ଯ୍ୟନ୍ତ ପାଳିତ ହୁଏ । ଏହି ଓଷା ପଛରେ ମଧ୍ୟ ଗୋଟିଏ କିମ୍ବଦନ୍ତୀ କାହାଣୀଟିଏ ମଧ୍ୟ ରହିଛି । ଯେତେବେଳେ ସାଧବ ପୁଅମାନେ ବାଣିଜ୍ୟ ବେପାର କରିବା ପାଇଁ ଅନ୍ୟ ସହରକୁ ଯାଇଥିଲେ ସେତେବେଳେ ତାଙ୍କ ପରିବାରର ସମସ୍ତ ଲୋକ ସବୁ କିଛି ଦୂରେଇ ଦେଇଥିଲେ । ଜଣେ ବ୍ରାହ୍ମଣ ସାଧବ ପୁଅଙ୍କ ଭଉଣୀ ତଅପୋଇକୁ ଏହି ଓଷା କରିବାକୁ କହିଥିଲେ ଯାହାଫଳରେ ତାର ଭାଇମାନଙ୍କ ଉପରୁ ସମସ୍ତ ବାଧାବିଘ୍ନ ଦୂର ହୋଇଯିବ ଏବଂ ସବୁ ଦୁଃଖ ସୁଖରେ ପରିଣତ ହେବ । ସେହିଦିନ ପରଠାରୁ ଭଉଣୀ ତାର ଭାଇ ପାଇଁ ଏହି ପୂଜାଟି ରଖିଥାଏ । ଯାହାଫଳରେ ତାର ଭାଇର ସମସ୍ତ ବାଧାବିଘ୍ନ ଦୂର ହୋଇଯାଇଥାଏ ।

ଗ୍ରାମର ତରୁଣୀମାନେ ଏହି ଓଷାକୁ ଦୁଇ ଦଳରେ ପାଳନ କରିଥାନ୍ତି ଏବଂ ସେମାନେ ଏହାକୁ ଗୋଟିଏ ପ୍ରତିଯୋଗିତା ଭାବରେ ପାଳନ କରିଥାନ୍ତି । ନିଜ ନିଜର ଭାଲୁକୁଣୀ ବା ଦେବୀଙ୍କୁ ପ୍ରଶଂସା କରି ଅନ୍ୟ ଦଳର ଉପାସିତ ଦେବୀଙ୍କୁ ସମାଲୋଚନା କରିଥାନ୍ତି । ଯେପରି –

ଆମ ଭାଲୁକୁଣୀ ଖାଏ ଖିରି
ତୁମ ଭାଲୁକୁଣୀ ବାଟ ହଗୁରୀ
ଆମ ଭାଲୁକୁଣୀ ରାଣୀ
ତୁମ ଭାଲୁକୁଣୀ ମୁଣ୍ଡରେ ବେଣୀ
ତୁମ ଭାଲୁକୁଣୀ ମୁଣ୍ଡ ଉକୁଣି ।

ସେହିପରି ନାରୀମାନେ ଶରତର ମେଘମୁକ୍ତ ଆକାଶ ତଳେ କୁମାରୀ ଝିଅମାନେ କୁମାର ପୂର୍ଣ୍ଣିମା ପୂଜା ପାଳନ କରନ୍ତି ଏବଂ ସେହି ଦିନ ସେମାନେ ପୁଚି ଖେଳିଥାନ୍ତି । ତରୁଣିଟିଏ ତାର ସ୍ୱପ୍ନର ରାଜକୁମାର ପାଇବା କାମନା କରିବା ପାଇଁ ସେ କୁମାର ପୂର୍ଣ୍ଣିମା ଓଷା କରିଥାଏ । ସେହିଦିନ ରାତିରେ ସେ ଜହ୍ନକୁ ପୂଜା କରିଥାଏ ଏବଂ ଗୀତ ଗାଇଥାଏ । ଜହ୍ନି ଓଷାରେ ଝିଅମାନେ କାଠପିଢ଼ାରେ ଜହ୍ନିଫୁଲ ସଜାଇ ଗ୍ରାମର ଘରେ ଘରେ ବୁଲି ଗୀତ ଗାଇଥାନ୍ତି । ଏହି ଓଷାକୁ କୁମାର ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଗୋଟିଏ ଭଲ ରାଜକୁମାର ପାଇବା ଆଶାରେ କୁମାରୀ ଝିଅମାନେ ଏହି ଓଷା କରିଥାନ୍ତି । ଯଥା-

ଜହ୍ନି ଆଞ୍ଜୁଳି ଗୋ ଜହ୍ନି ଆଞ୍ଜୁଳି
ନିତି ମାଗଉଁ ସାତ ଆଞ୍ଜୁଳି
ସାତ ଆଞ୍ଜୁଳିକ ପୂରାଇ ଦେବ
ବଡ଼ଘରେ ଯାଇ ବୋହୂ ହୋଇବ ।
ଏ ପାଖେ ପର୍ବତ ସେ ପାଖେ ପର୍ବତ
ମଝିରେ ବଣିଆ ଘର
ଆଆରେ ବଣିଆ ଗହଣା ଦେଇଯିବି
ସୀତା ଯିବେ ଶାଶୁଘର ।

ବୋଧହୁଏ କରୁଣ ରସର ପ୍ରଥମ ସାର୍ଥକ ପ୍ରୟୋଗ ଲୋକସାହିତ୍ୟରେ ହିଁ ଦେଖିବାକୁ ମିଳିଥାଏ । ଗୋଟିଏ ଘରେ ଗୋଟିଏ ଗାଁରେ ବାଲ୍ୟ, ଶୈଶବ୍ୟ ଅତିକ୍ରମ କରି ଯୌବନରେ ପଦାର୍ପଣ କରିବା ମାତ୍ରେ କନ୍ୟାର ପିତାମାତା ତା'ର ବିବାହ ପାଇଁ ବ୍ୟସ୍ତ ହୋଇଉଠନ୍ତି ଏବଂ ତା ପାଇଁ ବରପାତ୍ରର ସନ୍ଧାନରେ ଲାଗିପଡ଼ିଥାନ୍ତି । ଯେଉଁଠାରେ ସେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରଥମ ପାହାଚରେ ପଦାର୍ପଣ କରିବା ମାତ୍ରେ କନ୍ୟାର ପିତାମାତା ତା'ର ବିବାହ ପାଇଁ ବ୍ୟସ୍ତ ହୋଇଉଠନ୍ତି ଏବଂ ତା ପାଇଁ ବରପାତ୍ରର ସନ୍ଧାନରେ ଲାଗିପଡ଼ିଥାନ୍ତି । ଯେଉଁଠାରେ ସେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରଥମ ପାହାଚରେ ପଦାର୍ପଣ କରିଥାଏ । ଯେଉଁଠାରେ ସେ ଗୋଟିଏ ବୋହୂ, ଗୋଟିଏ ସ୍ତ୍ରୀର ଭୂମିକା ବହନ କରେ ।

ସେ ନିଜର ପିତାମାତା, ସାଙ୍ଗସାଥୀ, ଗାଁ ଛାଡ଼ି ଯେଉଁ ଅପରିଚିତ ସ୍ଥାନକୁ ଯାଉଛି କିଏ ଜାଣେ ସେଠାରେ ତା ପାଇଁ କେଉଁ ମୁହୂର୍ତ୍ତମାନ ଅପେକ୍ଷା କରିଛନ୍ତି ?ଅପରିଚିତମାନଙ୍କ ସହିତ କିପରି ସେ ଏତେବଡ଼ ଜୀବନ ଅତିବାହିତ କରିବା ସେ ଚିନ୍ତା ଓ ଦୁଃଖରେ କାନ୍ଦେ । ଯେଉଁଠାରେ କାନ୍ଦଣାଗୀତ ସୃଷ୍ଟି ହୋଇଛି ।

ପିତାମାତାଙ୍କର ସ୍ନେହ, ସାଙ୍ଗସାଥୀମାନରଙ୍କର ଆଦର, ଭାଇ ଭାଉଜଙ୍କ ମମତା ସବୁକୁ ମନେ ପକାଇ ସେ କାନ୍ଦିଉଠେ । ଗୋଟିଏ ଝିଅର ପରିବେଶ ଅନ୍ୟ ଝିଅର ପରିବେଶଠାରୁ ଉନ୍ନତତର ହୋଇପାରେ କିନ୍ତୁ ଗତାନୁଗତିକ ରୀତିରେ ଗୋଟିଏ ଝିଅ ଯାହା ଗାଇଥାଏ ତାଠାରୁ ଅନ୍ୟ ଝିଅଟି ଶିଖି ସେଇଆ ଗାଇଥାଏ ତାଠାରୁ ଅନ୍ୟ ଝିଅଟି ଶିଖି ସେଇଆ ଗାଏ । କାନ୍ଦଣା ଗୀତରେ ଚିତ୍ରିତ ସବୁ ଚରିତ୍ର ପ୍ରାୟ ଗତାନୁଗତିକ ସେ କାନ୍ଦୁ କାନ୍ଦୁ ଅଭିଯୋଗ ବଢ଼ିଯାଇଛି ମାତ୍ର ଏ ରୋଦନ କାଳ କାମରେ ହିଁ ପଡ଼େ । ସମସ୍ତେ ଶୁଣନ୍ତି, ଲୁହ,

ଝରାନ୍ତି, ନିଷ୍କ୍ରିୟ ରହନ୍ତି । କାରଣ କାନ୍ଦିବା ଗୋଟିଏ ପ୍ରଥାଭାବେ ପ୍ରଚଳିତ ।

ଝିଅ ବିଭା ହୋଇ ବାପଘରୁ ଶାଶୁ ଘରକୁ ଯିବା ସମୟରେ କାନ୍ଦିବାଟା ଏକ ସାମାଜିକ ପ୍ରଥା । ଏଥିରେ ତା'ର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଦ୍ୟୋତିତ ହୋଇଉଠିଥାଏ । ବିଭିନ୍ନ ପରିବେଶ ଓ ଭିନ୍ନଭିନ୍ନ ସ୍ଥାନ ପାଇଁ ମଧ୍ୟ ଭିନ୍ନ ଏକ ଶୋକାବେଗ ସମଗ୍ର ହୃଦୟକୁ ଆବୋରି ଯାଏ ଏ କାନ୍ଦଣା ଶୁଣିଲେ ପଥର ବି ତରଳି ଯାଏ ।

ଝିଅ ଯେତେବେଳେ ତାର ବାପଘର ଛାଡ଼ି ତାର ଶାଶୁଘରକୁ ଯାଇଥାଏ ସେ ସମସ୍ତଙ୍କୁ କୁଣ୍ଢେଇ କାନ୍ଦି କାନ୍ଦି ଗୀତ ଗାଇଥାଏ । ଯାହା ମୁଖରୁ ମୁଖକୁ ଗତି କରି କାନ୍ଦଣା ଗୀତରେ ପରିଣତ ହୋଇଛି । ଏଥିରୁ ଅନୁମାନ କରାଯାଏ ସେ କାନ୍ଦଣା ଗୀତର ସ୍ରଷ୍ଟା ନାରୀ । ସେ ବିଦାୟ ସମୟରେ ସମସ୍ତଙ୍କୁ ସମ୍ୱୋଧନ କରି କାନ୍ଦିଥାଏ । କବି ଭାବରେ ସେ ଗୀତ ରଚନା କରିନଥିଲେ ହେଁ ସମସ୍ତ ସାହିତ୍ୟିକ ମର୍ଯ୍ୟାଦା ଏଥିରେ ରୂପ ଲାଭ କରିଥାଏ ।

ଯେପରି – କଳାମେଘ ବୋଲି ମୁଁ ଚାହେଁ ନାଇଁ ଲୋ ବୋଉ
କଳାହାଣ୍ଡି ବୋଲି ମୁଁ ଧୁଏ ନାହିଁ ଲୋ ବୋଉ
ମାଆକୁ ସମ୍ୱୋଧନ କରି । ଛାଡ଼ ଛାଡ଼ ମୋର ମୁଣ୍ଡର କେଶ ମୋ ମାଆମାନେ ।
ସଖୀ ଡାକୁଛନ୍ତି ଖେଳିଯିବାକୁ ମୋ ମାଆମାନେ ।
ଏବେ ସବୁ ସ୍ନେହ ପାସୋରି ଦେଲେ ମୋ ମାଆମାନେ
କାନି ପଣତରୁ ଫିଟାଇ ଦେଲେ ।
(ବାଡୁଅ ପାଣିରେ ଗାଧୋଇବା ସମୟରେ କନ୍ୟାର କାନ୍ଦଣା)
ମଥୁରା ଦେଶରୁ ଆଣିଲେ ଡାକି ମୋ ବାପା
ସାଜି ଆସିଛନ୍ତି ରତ୍ନ ପାଲିଙ୍କି ମୋ ବାପା
ରତ୍ନ ପାଲିଙ୍କିରେ କଂସ ଅସୁର ମୋ ବାପା
ଆସି ଦୂରକଲା ମଥୁରା ପୁର । (ବାପାଙ୍କୁ ସମ୍ୱୋଧନ କରି)
ଅମଡ଼ା ଗହୀରେ ବାଳୁଙ୍ଗା ଘାସ ହେ ଭାଇ
ଚାଲି ଯାଇଥିଲ କଂସର ଦେଶ ।
ବାଲି ହୁଙ୍କାକୁ ପର୍ବତ ମଣିଲ ହେ ଭାଇ
ଚରଣର ଧୂଳି ତିଳକ କରି ।
ଝିରିଝିରି ପାଣି ପଥର କାଟେ ହେ ନୂଆ ବୋହୂ
ଝିରିଝିରି କଥା କଲିଜା କାଟେ ।
ଭୋକ କଲେ ଭାତ କିଏ ଖୁଆଇବ ହେ ନୂଆବୋହୂ
କୋଇଲିର ମେଳ ଆମ୍ବ ତୋଟାରେ ହେ ନୂଆବୋହୂ
ଆମରି ମେଳର ରଜ କୋଠାରେ ହେ ନୂଆବୋହୂ
(ଭାଉଜକୁ ସମ୍ୱୋଦନ କରି)

ଶେଷ ସ୍ତରରେ ନାରୀଟିଏ ମାଆର ଭୂମିକା ଗ୍ରହଣ କରିଥାଏ । ତାକୁ ଜନନୀ, ଧାତ୍ରୀ ଇତ୍ୟାଦି କୁହାଯାଏ । ଗୋଟିଏ ନାରୀ ଯେତେବେଳେ ଗର୍ଭ ଧାରଣ କରେ ସେତେବେଳେ ସେ ଗୋଟିଏ ଭଲ ମାଆ ହେବାପାଇଁ ପ୍ରୟସା ଆରମ୍ଭ କରିଦେଇଥାଏ ।

ନାରୀର ଜୀବନ ଚକ୍ରର ଶେଷ ପାହାଚ ହେଉଛି ମାଆ ହେବା । ସେ ତାର ନିଜ ଗର୍ଭରୁ ଗୋଟିଏ ସନ୍ତାନଟିଏ ଜନ୍ମଦେଇ ଥିବାରୁ ତାକୁ ଜନନୀ ବୋଲି କୁହାଯାଏ ।

ଶିଶୁକୁ ସ୍ନେହ ଓ ମମତା ଦେଇ ଯତ୍ନର ସହିତ ପାଳନ କରିବାର ଦାୟିତ୍ୱ ପିତାମାତାଙ୍କର । କିନ୍ତୁ ଏହି କ୍ଷେତ୍ରରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ । ମାଆଟି ଶିଶୁକୁ ହଳଦୀ ଲଗାଇ ଦେବା ସମୟରେ ଗାଧୋଇ ଦେବା ସମୟରେ ଖୁଆଇବା ସମୟରେ ବୁଲାଇବା ସମୟରେ ଏବଂ ଶୁଆଇବା ସମୟରେ ମାଆଟି ବିଭିନ୍ନ ଗୀତ ଗାଇଥାଏ । ଯେଉଁଠାରୁ ଶିଶୁ ଗୀତର ସୃଷ୍ଟି ଏବଂ ଏହା ସ୍ରଷ୍ଟା ନାରୀ ବା ମାଆ ।

ଏହି ଗୀତର ମଧୁରତାରେ ପିଲାମାନେ କେବଳ ଆକୃଷ୍ଟ ହୋଇ ନଥାନ୍ତି ବରଂ ଏଥିରୁ ସେମାନେ ଶିକ୍ଷା ଗ୍ରହଣ ମଧ୍ୟ କରିଥାନ୍ତି । ପିଲାଙ୍କୁ ଝୁଲାଇବା ସମୟରେ ମାଆ ଗୀତ ଗାଇଥାଏ ଯଥା –
ଝୁଲ ହାତୀ ଝୁଲ ହାତୀ
ଝୁଲିଲେ ଖାଇବୁ ଖଣ୍ଡଛାଡ଼ି
ହାତୀ ଝୁଲୁରେ ବାଆପାଣି ଖାଇ ଫୁଲରେ ।
ମାଆ ଯେତେବେଳେ ତାର ଶିଶୁକୁ ଶୁଆଇ ଥାଏ ସେତେବେଳେ ମଧ୍ୟ ଗୀତ ଗାଇଥାଏ ଯଥା –
ଧୋରେ ବାୟା ଧୋ
ଯେଉଁ କିଆରିରେ ଗହଳ ମାଣ୍ଡିଆ
ସେଇ କିଆରିରେ ଶୋ ।
ମାଆ ଯେତେବେଳେ ତାର ଶିଶୁକୁ ଅଦ୍ୟ ଶିକ୍ଷା ଦେଇଥାଏ ସେତେବେଳେ ମଧ୍ୟ ଗୀତରେ ତାକୁ ଶିକ୍ଷା ପ୍ରଦାନ କରିଥାଏ । ଯଥା
–ଏକ ତାରା ମଣିଷ ମରା ଦୁଇ ତାରା କତରା ଘୋଡ଼ା
ତିନି ତାରା ନନ୍ଦିଘୋଷ ଚାରି ତାରା ଘରେ ପଶ
ପାଂଚ ତାରା ନାହିଁ ଦୋଷ ଛଅ ତାରା ବୈକୁଣ୍ଠେ ବସ । ଇତ୍ୟାଦି ।

ଏହି ପରି ଭାବରେ ଓଡ଼ିଆ ଲୋକଗୀତରେ ଓଡ଼ିଆ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବହନ କରିଛି । ଗୋଟିଏ ନାରୀ ହିଁ ସମସ୍ତ ଜିନିଷର ସ୍ରଷ୍ଟା ଏବଂ ନାରୀ ଠାରୁ ହିଁ ଜୀବନ ଆରମ୍ଭ ଏବଂ ନାରୀ ଠାରେ ହିଁ ଜୀବନ ଶେଷ । ଲୋକ ସାହିତ୍ୟ ବା ଲୋକ ସଂସ୍କୃତିର ମନୋରମ ବିଭାଗ ଲୋକଗୀତର ସୃଷ୍ଟି ମଧ୍ୟ ଗୋଟିଏ ନାରୀ ।

ରାଉରକେଲା, ସୁନ୍ଦରଗଡ

# ଧ୍ୱଂସ ମୁଖରେ ଧରିତ୍ରୀର ଧରୋହର

- ମନୋରଂଜନ ଦଳାଇ

ବିଶ୍ୱ ବ୍ରହ୍ମାଣ୍ଡରେ ଯେତେଯେତେ ଗ୍ରହ, ଉପଗ୍ରହ ସବୁ ଅଛନ୍ତି ସେ ସବୁ ମଧ୍ୟରେ ଅତି ସୁନ୍ଦର ହେଉଛି ଆମ ପୃଥିବୀ । ଏଠି ଜୀବନ ଅଛି, ବର୍ତ୍ତିବାର ରାହା ଅଛି, ଜୀବନକୁ ଉପଭୋଗ କରିବା ପାଇଁ ପ୍ରଚୁର ଭଲପାଇବା ଅଛି, ଆଉ ପରିବେଶର ପ୍ରାଚୁର୍ଯ୍ୟ ମଧ୍ୟରେ ଆକର୍ଷଣୀୟ ପ୍ରକୃତିର ମନୋଲୋଭା ଦୃଶ୍ୟରାଜୀ, ଇନ୍ଦ୍ରଧନୁର ସପ୍ତରଙ୍ଗ ଓ ସପ୍ତସ୍ୱରର ମୁର୍ଚ୍ଛନା ଅଛି । ଆମ ଦେଶର ପ୍ରଥମ ମହାକାଶଚାରୀ ସମ୍ମାନୀୟ ରାକେଶ ଶର୍ମା ମହାକାଶ ବିଚରଣ କାଳରେ ତତ୍‌କାଳୀନ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବେତାର ଯୋଗେ ରାକେଶଜୀଙ୍କୁ ପଚାରିଥିଲେ "ରାକେଶଜୀ ମହାକାଶରୁ ପୃଥିବୀ କିପରି ଦିଶୁଛି" । ଉତ୍‌ଫୁଲିତ ରାକେଶ ଶର୍ମା ତତ୍‌କ୍ଷଣାତ୍ କହିଥିଲେ ଏଠାରୁ ପୃଥିବୀ ବହୁତ ସୁନ୍ଦର ଦିଶୁଛି ମେଡମ୍ । ପରେ ପରେ ଶ୍ରୀମତୀ ଗାନ୍ଧୀ ପୁଣି ପଚାରି ବସିଥିଲେ "ରାକେଶଜୀ ପୃଥିବୀ ମଧ୍ୟରେ ଆପଣ ଯଦି ଆମ ଦେଶ ଭାରତବର୍ଷକୁ ଦେଖି ପାରୁଥିବେ କୁହନ୍ତୁ ମହାଶୁନ୍ୟରୁ ଆମ ଦେଶ କିପରି ଦିଶୁଛି । ରାକେଶ ଶର୍ମାଙ୍କ ଉତ୍ତର ଥିଲା ବହୁତ ମାର୍ମିକ ଓ ହୃଦୟସ୍ପର୍ଶି, "ସାରେ ଯାହାଁସେ ଆଛା ହିନ୍ଦୁସ୍ତାନ ହମାରା" । ମନ୍ତ୍ର ମୁଗ୍ଧ ହୋଇ ଉଠିଥିଲେ ସେଦିନ ଶ୍ରୀମତୀ ଗାନ୍ଧୀ । ବାସ୍ତବରେ ଭାରତ ଏକ ମାଟି ଗୋଡିର ଭୂଖଣ୍ଡ ଖାଲି ନୁହେଁ, ଏହି ଭୂଖଣ୍ଡକୁ ଜନନୀ ଜନ୍ମ ଭୂମି ଭାବେ ଏ ଅଞ୍ଚଳର ପୁତ୍ର ରୂପି ସମାଜ ମାନିଥା । ଆଉ ସମ୍ମାନ ମଧ ଦେଇଥାଏ । ହଜାର ହଜାର ବର୍ଷର ଏ ଭୂଖଣ୍ଡ ଏକ ମହାଭାରତୀୟ ଜୀବନ୍ତ ଇତିହାସ । ଏହା ଏକ ମହାନ ସଂସ୍କୃତି ଓ ସଭ୍ୟତାର ମହୋଞ୍ଜଦାର । ଏହାର ବିସ୍ତିର୍ଣ୍ଣ ସାମୁଦ୍ରିକ ବେଳାଭୂମି, ସବୁଜିମା ମୟ ଘଞ୍ଚ ଅରଣ୍ୟାନୀ, ନଭଶ୍ଚୁମ୍ବୀ ଶ୍ୟାମଳୀମା ଭରା ପର୍ବତ ଶୃଙ୍ଖଳା, ଚିରସ୍ରୋତା ପବିତ୍ର ନଦ ନଦୀ ଆଉ କୁଳୁ କୁଳୁ ପ୍ରବାହିତ ପାହାଡି ଝରଣା, ସର୍ବପରି ଏ ଭୂଖଣ୍ଡକୁ ନିବିଡ ଭାବେ ଭଲ ପାଉଥିବା ଏହାର ପୁତ୍ର କନ୍ୟାରୂପି ସନ୍ତାନ ହିଁ ଏ ଦେଶର ପ୍ରାକୃତିକ ବୈଭବ । କଥାରେ ଅଛି "ଯାହା ନାହିଁ ଜଗତେ ତାହା ଅଛି ଭାରତେ", ଏହି ଉକ୍ତି ଅନେକାଂଶରେ ସତ୍ୟ । ଏ ଦେଶର ମଣିଷ ପାହାଡର ଶିଳା, ନଦୀର ଜଳ, ଜଙ୍ଗଲର ବୃକ୍ଷ, ଏପରିକି ବାୟୁ, ଅଗ୍ନି, ମାଟି, ଆକାଶ ସହିତ ଗ୍ରହ, ଉପଗୃହ, ମୃତ ଓ ଜୀବିତ ପ୍ରାଣୀ ମଧ୍ୟରେ ଇଶ୍ୱରଙ୍କୁ ଖୋଜି ପାଇଥାଏ । ଏ ଦେଶର ପବିତ୍ର ମାଟିରେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧଦେବ, ମହାବୀର, ନାନକ, ଶଙ୍କରାଚାର୍ଯ୍ୟ ଭଳି ଅନେକ ଅବତାରି ପୁରୁଷ ଜନ୍ମ ନେଇ ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଏ ଦେଶର ଉତ୍ତଙ୍ଗ ପର୍ବତ କୋଳରୁ ପତିତପାବନୀ ଗଙ୍ଗା, ଯମୁନା, ସରସ୍ୱତୀ, କ୍ରୀଷ୍ଣା, କାବେରୀ, ନର୍ମଦା, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଜନ୍ମ ନେଇ ଏହି ମାଟିକୁ ଜୀବନ୍ୟାସ ଦେଇଛନ୍ତି । ହିମାଳୟ, ଆରାବଳୀ, ସାତପୁଡା, ନିଳଗିରୀ, କପିଳାସ, କୈଳାସ, ନିୟମଗିରି, ଗନ୍ଧମାର୍ଦନ, ଏ ଦେଶର ସଂସ୍କୃତି ସଭ୍ୟତାର ଧରୋହର । ଏଥି ପାଇଁ କୋଟି କୋଟି ବର୍ଷ ହେଲା ଏ ମାଟି ର ମଣିଷ ତାର ପୂର୍ବଜ, ପ୍ରକୃତି ଓ ଜନ୍ମ ଭୂମିକୁ ଦେବତା ସମ ମାନି ପୂଜା କରିଥାଏ ଓ ତାର ସଂରକ୍ଷଣ କରିଥାଏ । ପ୍ରତି ଭାରତୀୟ ପାଇଁ ଏମାନେ ପ୍ରାତଃ ସ୍ମରଣୀୟ । ଆମ ସଂସ୍କୃତି ଓ ସଭ୍ୟତାର ସୂର୍ଯ୍ୟୋଦୟ ଏହି ପର୍ବତ ମାନଙ୍କରୁହିଁ ଅୟମ ଆରମ୍ଭ ହୋଇଥିଲା । ହଜାର ହଜାର ବର୍ଷ ପୂର୍ବରୁ ଆମ ଶିକ୍ଷା, ଦୀକ୍ଷା ଓ ପରୀକ୍ଷାର ପ୍ରୟୋଗଶାଳା ଏହି ଗାରିମା ମୟ ପର୍ବତ ଆଜି ଶ୍ରୀହିନ ହେବାକୁ ବସିଲାଣି । ସବୁଜିମା ମୟ ପ୍ରକୃତି ଯେପରି ବିବର୍ଣ୍ଣ ହୋଇଯାଇଛି । ଘଞ୍ଚ ଅରଣ୍ୟାନୀ ରେ ସୁଶୋଭିତ ଗିରିରାଜ ଆଜି ଲଣ୍ଡିତ ମସ୍ତକରେ ଦୃଶ୍ୟମାନ । ହଜାର ହଜାର ଏକର ଜଙ୍ଗଲ ଆଜି ମରୁଭୂମିରେ ରୁପାନ୍ତରିତ । ଆଜି ମଣିଷ ମଣିଷର ଅଭିପ୍ସା ପୂରଣ ପାଇଁ ପ୍ରତି କ୍ଷେତ୍ରରେ ପରିବେଶକୁ ପ୍ରଦ୍ୟୁଶିତ କରୁଛି । ଗଙ୍ଗା ନଦୀର ଜଳ ପ୍ରଦ୍ୟୁଶିତ କାରଣରୁ ସ୍ୱାଧିନତାର ୭୧ ବର୍ଷ ପରେ ତତ୍‌କାଳିନ କେନ୍ଦ୍ର ସରକାର ନମାମୀ ଗଙ୍ଗା ଅଭିଜାନ ଆରମ୍ଭ କରି ସଫେଇର ଶୁଭାରମ୍ଭ କରିଥିଲେ । ଯମୁନା ବଞ୍ଚାଅ ଆନ୍ଦୋଳନ ଏବେବି ଚାଲିଛି । ବୋଧ ହୁଏ ମା' ସରସ୍ୱତୀ ନଦୀ ପ୍ରଦ୍ୟୁଷଣର ପୂର୍ବାନୁମାନ କରି ପୂର୍ବରୁ ପାତାଳି ହୋଇ ଛୁପିଯାଇଛନ୍ତି । ସମୟ ସହିତ ମଣିଷ ଏତେ ବଦଳି ଯାଇଛି ଯେ, ସେ ବର୍ତ୍ତମାନ ଛଡା ଭବିଷ୍ୟତ କଥା ଭାବୁନାହିଁ । ଦିନଥିଲା ଝରଣାର ସ୍ୱଚ୍ଛଜଳ ବ୍ୟବହାର କରି ବନବାସୀ ଲୋକ ସୁସ୍ଥ ଓ ସବଳ ଥିଲେ । ହେଲେ ଆଜି ଝରଣାର ଉତ୍ସ ଅନେକ ସ୍ଥାନରେ ବନ୍ଦ ହେଇଗଲାଣି । ଆଉ ଯେଉଁଠି ଉତ୍ସ ଅଛି ତା ଏତେ ପ୍ରଦ୍ୟୁଶିତ ଯେ ଏହାକୁ ବ୍ୟବହାର କରି ଆଜି ବନବାସୀ ମାନେ ଅନେକ ରୋଗ ବ୍ୟାଧିରର ଶୀକାର ହେଉଛନ୍ତି । ପୁରାତନ କାଳରେ ବଣ, ଜଙ୍ଗଲ, ପାହାଡ, ପର୍ବତରେ ବସ ବାସ କରୁଥିବା ମୁନୀ ଋଷି ମାନଙ୍କର ଧାରଣା ଥିଲା ଦିନେ ଏ ସ୍ୱାର୍ଥପର ମଣିଷ ନିଜ ସୁଖ ଓ ଆବଶ୍ୟକତା ପାଇଁ ଏ ପାହାଡ ପର୍ବତ, ନଦ ନଦୀ, ଏବଂ ବୃକ୍ଷରାଜୀଙ୍କର ଶତ୍ରୁ ସାଜିବ । ଏମାନଙ୍କୁ ଧ୍ୱଂସ କରି ଏମାନଙ୍କ ଉପଯୋଗରେ ନିଜ ସ୍ୱାର୍ଥ ସାଧନ କରିବ । ସେଥି ପାଇଁ ବୋଧେ ଏମାନଙ୍କ ସୁରକ୍ଷା ଦୃଷ୍ଟିରୁ ଆମର ଧର୍ମ, ସଂସ୍କୃତି, ସାହିତ୍ୟ, ଇତିହାସ ସହିତ ପରିବେଶକୁ ସୁନ୍ଦର ଭାବେ ସଂରଚନା କରିବା ସହ ଏହାର ବୈଜ୍ଞାନିକ ତଥ୍ୟ ମଧ ଉପସ୍ଥାପିତ କରି ଯାଇଥିଲେ । ଏପରିକି ଆମ ଦେଶର ଅବସ୍ତିତିକୁ ନେଇ ପୁରାତନ ସଂସ୍କୃତ ଶ୍ଲୋକରେ ବର୍ଣ୍ଣିତ ଅଛି " ଉତ୍ତରଂ ଯତ୍ ସମୁଦ୍ରସ୍ୟ ହିମାଦ୍ରେଶ୍ଚୈବ ଦକ୍ଷିଣମ୍, ବର୍ଷ ତତ୍ ଭାରତଂ ନାମ ଭାରତୀ ଯତ୍ର ସନ୍ତତିଃ", ସେହିପତି ଭାରତ ବନ୍ଦନା ରେ ଅଛି "ରତ୍ନାକାରଧୌତପଦାଂ ହିମାଳୟକିରୀଟିନୀମ୍, ବ୍ରହ୍ମରାଜର୍ଷି ରତ୍ନାଢ୍ୟାଂ ବନ୍ଦେ ଭାରତମାତରମ୍" ଏବଂ "ପ୍ରାତଃ ସ୍ମରଣମ୍ ଶ୍ଳୋକରେ -

ସମୁଦ୍ର ବସନେ ଦେବି ! ପର୍ବତସ୍ତନମଣ୍ଡଲେ ! ବିଷ୍ଣୁପତ୍ନି ! ନମସ୍ତୁଭ୍ୟଂ ପାଦସ୍ପର୍ଶଂ କ୍ଷମସ୍ୱ ମେ" । ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ପାହାଡ ପର୍ବତର ଧାର୍ମିକ ମହତ୍ତ୍ୱ ଆମ ଦେଶରେ କେତେ ଥିଲା ତାହା ଏହି ଶ୍ଳୋକରୁ ଜଣା ଯାଏ । ଆଜି କାଲି ଭୂପୃଷ୍ଠରେ ଥିବା ପାହାଡ, ପର୍ବତ, ନଦ ନଦୀ, ଜଙ୍ଗଲ, ବନସ୍ପତି, ପଶୁପକ୍ଷୀ ଓ ଜଳଚର ପ୍ରାଣୀ ସମସ୍ତେ ମଣିଷଙ୍କ ଅତ୍ୟାଚାରର ଶିକାର । ପ୍ରତି ମୁହୂର୍ତ୍ତରେ ଏମାନଙ୍କ ଧ୍ୱଂସ ପଛରେ ଲାଗିପଡିଛି ମଣିଷ । କାଶ୍ମିରରୁ- କନ୍ୟାକୁମାରୀ ଓ ଗୁଜରାଟରୁ-ଆସାମ ମଧ୍ୟରେ ନୀଳନୀଳ ଗଗନଚୁମ୍ବୀ ପର୍ବତ, ଶ୍ୟାମଳୀମାମୟ ସୁନ୍ଦର ଘାଟି ଆମ ଦେଶରେ ମନୋରାମ ମୟ ପ୍ରାକୃତିକ ପରିବେଶ ସୃଷ୍ଟି କରୁଥିଲା । ଉତ୍ତର ପୂର୍ବ ଭାଗରେ ଏହି ପର୍ବତ ମାଳା ସବୁ ପ୍ରଚୀର ସମ ପ୍ରାକୃତିକ ବିପଦ ଓ ବିଦେଶୀ ରାଷ୍ଟ୍ରର ଆକ୍ରମଣରୁ ଆମ ଦେଶକୁ ରକ୍ଷା କରୁଥିଲା । ହେଲେ ଧିରେ ଧିରେ ଏ ସବୁର କ୍ଷୟ ହେବାର ଚାଲିଛି । ଭବିଷ୍ୟତ ଆଗକୁ ଅତି ଭୟାନକ ଏହା ପାଇଁ କୌଣସି ସତର୍କତା ମଧ୍ୟ ନାହିଁ । ଏହି ପାହାଡ ପାର୍ବତକୁ ସୁନ୍ଦର ଓ ଜୀବନ୍ତ କରି ରଖୁଥିବା ବିରଳ ପ୍ରଜାତିର ବୃକ୍ଷ ରାଜୀ ଆଉ ପାହାଡର ଶିରାପ୍ରଶିରାରେ ରକ୍ତ ସମ ପ୍ରବାହିତ ଚିରସ୍ରୋତା ଜଳ ରାଶି ଆଜି ଅଦୃଶ୍ୟ ହୋଇଗଲାଣି । ବିଜ୍ଞାନର ତତ୍ତ୍ୱନୁସାରେ ବୃକ୍ଷ ଦ୍ୱାରା ବୃଷ୍ଟି ବା ଜଳର ସୃଷ୍ଟି, ଜଳ ଦ୍ୱାରା ଅନ୍ନ, ଆଉ ଅନ୍ନ ପାଇଁ ଜୀବନ ମିଳିଥାଏ । ଏଣୁ ଜୀବନର ସଜ୍ଞା ଜୀବ ଓ ବନର ସମିଶ୍ରଣକୁ ବୁଝାଇ ଥାଏ । ଯେଉଁଠି ବୃକ୍ଷ ଅଛି, ଜଙ୍ଗଲ ଅଛି, ସେଠି ଜୀବନ ଅଛି । ଆଜି ଆମ ଦେଶ ଓ ଆମ ରାଜ୍ୟର ପାହାଡ ପର୍ବତ ମାନଙ୍କରେ ନା ଜଙ୍ଗଲ ଅଛି ନା ଜଳର ଉତ୍ସ ଅଛି । ପାହାଡ ପର୍ବତରେ ଏବେବି ପୋଡୁ ଚାଷ ଚାଲିଛି । ଏହି ପୋଡୁ ଚାଷ ଆଜି ବଳି ପ୍ରଥା ଓ ସତୀଦାହ ପ୍ରଥାକୁ ବଳି ପଡିଲାଣି । ଏସବୁକୁ ବନ୍ଦ ପାଇଁ ସରକାରୀ ବେସରକାରୀ ସ୍ତରରେ ଆଖି ଦୃଶିଆ ସଚେତନତା ଅବା କଡା ଆଇନ ଏ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ । ପାହାଡରୁ ଗଛ ଚାଲି ଯିବାରୁ ବୃଷ୍ଟି ଓ ମଣିଷ ଦ୍ୱାରା ମୃର୍ତ୍ତିକା କ୍ଷୟ ହୋଇ ଚାଲିଛି । ଆଜି ଅନେକ ପାହାଡ ପର୍ବତ ତାର ଅସ୍ତିତ୍ୱ ହରେଇଲେଣି । ଅନେକଙ୍କ ଚିହ୍ନ ବର୍ଣ୍ଣ ଆଉ ନାହିଁ । ବୃକ୍ଷ ନଥିବାରୁ ପାହାଡି ଝରଣା ସୁଖିଗଲା । ନଦୀରେ ପାଣି ନାହିଁ । ବର୍ଷା ଜଳକୁ ନଦୀରେ ପ୍ରତିରୋଧ କରି ଏହାର ଉପଯୋଗକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ଶତୃତା ଆରମ୍ଭ ହୋଇଗଲାଣି । ବୋଧହୁଏ ଆଗାମୀ ବିଶ୍ୱ ଯୁଦ୍ଧ ପାନୀୟ ଜଳକୁ ନେଇ ହେବାର ଆଶଙ୍କା କରାଯାଉଛି । ସଡକ, ବାଇପାସ ରୋଡ ପାଇଁ ଶହଶହ ପାହାଡ କଟାଯାଉଛି । ହଜାର ହଜାର ଗଛ କଟାଯାଉଛି । ପାହାଡ ଚିରି ଶହଶହ ଟନ ମାଟି, ଗୋଡି, ପଥର, ମୋରମ ଆଦି ତାଡି ନିଆଯାଉଛି । ରାସ୍ତା ହେବ, ଭିତ କମିବ, ଦୁର୍ଘଟଣା ହଟିବ ଏ ସବୁ କଥା ମଣିଷ ଚିନ୍ତା କରୁଛି ଅଥଚ ଏ ପାହାଡ ପର୍ବତ ଦ୍ୱାରା ଆମର କଣ ଉପକାର ହେଉଥିଲା ସେ କଥା ଭାବୁନାହିଁ । ପରିବେଶ ସନ୍ତୁଳନରେ ଏ ପାହାଡ ପର୍ବତର ମୁଖ୍ୟ ଭୂମିକା ଥିଲା । ଏ ପାହାଡ ପର୍ବତରୁ ଜଙ୍ଗଲ ନଷ୍ଟ କରିଦେବା ଦ୍ୱାରା ଆଜି ଆମ ଜଳର ଉତ୍ସ ବନ୍ଦ ହୋଇଗଲା । ସ୍ୱାର୍ଥପର ମଣିଷ ସବୁ ସମୟରେ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ହିଁ ଚାହୁଁଛି । ସେଇଥି ପାଇଁ ପାହାଡ ପର୍ବତ ମଧ୍ୟରେ ଥିବା ଲୌହ, ତମ୍ବା, ବୋକ୍ସାଇଟ୍, ଗ୍ରାଫାଇଟ୍, ମାଙ୍ଗାନିଜ ଓ ଅନ୍ୟାନ୍ୟ ଖଣିଜ ସମ୍ପଦକୁ ନିଜ ସ୍ୱାସ୍ଥ୍ୟ ପାଇଁ ହାତେଇ ଚାଲିଛି । ପରିବେଶ କଥା ଚିନ୍ତା ନକରି ପ୍ରଦ୍ୟୁଷିତ ରାସ୍ତାରେ ଆଖି ବନ୍ଦ କରି ଚାଲିଛି । ପୂର୍ବେ ପାହାଡ ପର୍ବତର ଉତ୍ତର ପାର୍ଶ୍ୱରେ ଜନ ବସତି, ନଗର ମାନ ସ୍ଥାପନ ହେଉଥିଲା । ଦକ୍ଷୀଣ ପଟୁ ଆସନ୍ନ, ଛଡ ତୋଫାନ, ବାତ୍ୟାରୁ ବଞ୍ଚିବା ପାଇଁ ଏହା ସେସମୟର ଶ୍ରେଷ୍ଠ ଆବିଷ୍କାର ଥିଲା । ଏବେ ମଣିଷ ପାହାଡ ପର୍ବତ ଉପରେ ଅତ୍ୟାଚାର କରିଚାଲିଛି । ଦିନେ ଯେଉଁ ଦେଶରେ ପାହାଡ ପର୍ବତକୁ ଦେବତା ଭାବେ ପୂଜା କରାଯାଉଥିଲା ଆଜି ସେହି ଦେଶର ଲୋକ ପାହାଡକୁ ବଡ ବଡ ଯନ୍ତ୍ର ସହାଯ୍ୟରେ କାଟି ଗୁଣ୍ଡ କରି ମାଟିରେ ମିଶେଇ ଦେଉଥିବା ଦେଖିବାକୁ ମିଳୁଛି । କାଶ୍ମିରରୁ କନ୍ୟାକୁମାରୀ ଯେ କୌଣସି ପାହାଡ ପର୍ବତକୁ ଦେଖିବେ ସବୁର ଧାର୍ମିକ ମହତ୍ତ୍ୱ ଅଛି ତଥାପି ମଣିଷ ଅବୁଝା । ବିଶ୍ୱର ଯେତେସବୁ ପାହାଡ ପର୍ବତ ଅଛି ସେଥିମଧ୍ୟରୁ ଅଧିକାଂଶ ପ୍ରାଚୀନ ଓ ନବୀନ ପାହାଡ ଆମ ଦେଶରେ ଅଛି । ପୃଥିବୀର ସମୁଦାୟ ଅଂଶ ର ୨୭.୨ ପ୍ରତିଶତ ପାହାଡ ପର୍ବତ ଘେରା ଅଞ୍ଚଳ । ଭାରତ ବର୍ଷର ସମୁଦାୟ ଭୂଭାଗର ୧୦.୬ ପ୍ରତିଶତ ପାହାଡ ପର୍ବତ ଶୃଙ୍ଖଳାରେ ଆବୋଦ୍ଧ ଥିବା ବେଳେ ୧୮.୫ ପ୍ରତିଶତ ପାହାଡିଆ ଉଚ୍ଚ ଭୂମି ଭାବେ ପରିଚିତ । ପ୍ରାକୃତିକ ଭାବେ ଭୂପୃଷ୍ଠର କିଛି ଅଂଶ ଉଚ୍ଚ ଭାବେ ଉପରକୁ ଉଠି ଠିଆ ହୋଇଥିବା ଅଂଶକୁ ପାହାଡ ବୋଲି କୁହାଯାଏ । ଏହା ସମତଳ ଅଞ୍ଚଳ ଠାରୁ ଢେର ଉଚ୍ଚ ଥାଏ । ଅତି କମ୍‌ରେ ୬୦୦ ମିଟରରୁ ଉର୍ଦ୍ଧ ଉଚ୍ଚତା ବିଶିଷ୍ଟ ଭୂଭାଗକୁ ପାହାଡ କୁହାଯାଏ । ଆୟୁ ଅନୁସାରେ ଏହି ପାହାଡ ପର୍ବତ ୨ ଭାଗରେ ବିଭକ୍ତ ଯଥା: ପ୍ରାଚୀନ ପର୍ବତ ଓ ନୂତନ ପର୍ବତ । ଯେଉଁ ପର୍ବତର ସୃଷ୍ଟି ଅନ୍ୟୁନ ୩ କୋଟି ବର୍ଷ ପୂର୍ବେ ହୋଇଛି ଅର୍ଥାତ୍ ମହାଦ୍ୱିପୀୟ ବିସ୍ଥାପନ ଯୁଗର ପୂର୍ବରୁ ହୋଇଛି ତାହା ପ୍ରାଚୀନ ପର୍ବତ ଯଥା - ପେନାଇମ (ଇଉରୋପ), ଅପ୍ଲେସିୟନ(ଆମେରିକା), ଆରାବଳୀ (ଭାରତ) ଏଥିପାଇଁ ଆରାବଳୀ ପର୍ବତକୁ ଭାରତର ପ୍ରାଚୀନ ତମ ପର୍ବତ ଭାବେ ଗଣାଯାଏ । ଯେଉଁ ପର୍ବତ ସେନୋଯୋଇକ ଯୁଗର ପ୍ଲେଷ୍ଟୋର ଅଭିସରଣରେ ସୃଷ୍ଟି ହୋଇଛି ତାହା ନୂତନ ପର୍ବତ ଯଥା: ହିମାଳୟ (ଭାରତ), ରାକି (ଉ. ଆମେରିକା), ଏଣ୍ଡିଜ (ଦ. ଆମେରିକା), ଆଲପସ୍ (ୟୁରୋପ) ଅନ୍ୟତମ । ପୃଥିବୀର ସବୁଠୁ ବଡ ପର୍ବତ ଏଣ୍ଡିଜ ପର୍ବତ ମାଳାକୁ ବୁଝାଏ । ଭାରତର ଅପକ୍ଷୟନ ପ୍ରଣାଳୀ ଦ୍ୱାରା ଗଠିତ ଉଚ୍ଚ ଭୂଭାଗ ଯଥା - ବିନ୍ଧ୍ୟାଞ୍ଚଳ, ଆରାବଳୀ, ସତପୁଡା, ନିଳଗିରୀ ପର୍ବତ ସମୂହ ଦେଖିବାକୁ ମିଳିଥାଏ । ବିଶ୍ୱର ବିସ୍ମୟ ଭାବେ ପରିଚିତ ଏହି ପର୍ବତ ସବୁ ଚାରି ପ୍ରକାରରେ ବିଭକ୍ତ (୧) ବଳିତ ବା ମୋଡଦାର ପର୍ବତ, (୨) ବ୍ଲକ ପର୍ବତ ବା ଖଣ୍ଡ ପର୍ବତ, (୩) ଜ୍ୱାଳାମୁଖୀ ପର୍ବତ, (୪) ଅବଶିଷ୍ଟ ପର୍ବତ । ପୃଥିବୀ ପୃଷ୍ଠରେ ଅଦ୍ୟାବଧି ପ୍ରାୟ ୧୦୯ ଟି ପର୍ବତ ଅଛି । ଯେଉଁ ମାନଙ୍କ ହାରାହାରୀ ଉଚ୍ଚତା ସମୁଦ୍ର ପତନ ଠାରୁ ୭୨୦୦ ମିଟର (୨୩୬୨୨ ଫୁଟ) ରୁ ଅଧିକା ହେବ । ଏହା ମଧ୍ୟରୁ ଅଧିକାଂଶ ଭାରତୀୟ ଉପ

ମହାଦ୍ୱୀପ ରେ ଅବସ୍ଥିତ । ପୃଥିବୀର ଦର୍ଘ୍ୟତମ ପର୍ବତ ଶୃଙ୍ଖଳା ଭାବେ ଦକ୍ଷିଣ ଆମେରିକାର ଏଣ୍ଡିଜ୍ ପର୍ବତ ମାଳାକୁ ବୁଝାଯାଏ । ଯାହାର ଲମ୍ବ ୭୦୦୦ କି.ମି । ଏସିଆ ମହାଦେଶରେ ପର୍ବତ ଶୃଙ୍ଖଳା ମଧ୍ୟରେ ଅନ୍ୟତମ ହିମାଳୟ ପର୍ବତମାଳାର ଦର୍ଘ୍ୟ ୨୪୦୦ କି.ମି. ଥିବା ଜଣା ଯାଏ । ଇଏତ ସମ୍ୟକ କଥା ପୃଥିବୀ ମାନ ଚିତ୍ରରେ ଥିବା ପର୍ବତ ଶ୍ରେଣୀର ସ୍ଥିତି ଓ ଅବସ୍ଥିତିର । ହେଲେ ଆଉ କିଛି ବର୍ଷ ପରେ ଆମ ଧରିତ୍ରିର ଧରୋହର ଏ ସୁନ୍ଦର ସୁନ୍ଦର ଉପକାରୀ ପାହାଡ ପର୍ବତ, ଏଥି ମଧ୍ୟରେ ଥିବା ସବୁଜିମା ମୟ ଅରଣ୍ୟାନୀ, ବିଭିନ୍ନ ପ୍ରଜାତୀର ବିରଳ ଜୀବ ଜନ୍ତୁ , ପକ୍ଷୀ, ଆଦିମ ସଭ୍ୟତାର ଆଦି ମାନବ, ଐତିହଭରା ତପୋଭୂମି, ପବିତ୍ର ଗୁମ୍ଫା, ପର୍ଯ୍ୟଟନ ସ୍ଥଳ, ବନସ୍ପତି ଓ ନଦ ନଦୀର ଉତ୍ସ ସବୁ ବିଲୁପ୍ତ ହୋଇଯିବାର ଆଶଙ୍କା ଦେଖା ଦେଇଛି । ପୁରାଣ ବର୍ଣ୍ଣୀତ ପର୍ବତ ରାଜଙ୍କ  କନ୍ୟା ମାତା ପାର୍ବତୀ କୈଳାସ ପର୍ବତ ନିବାସୀ ଦେବ ଦେବ ମହାଦେବଙ୍କ ଜୀବନ ସଙ୍ଗିନୀ ସାଜିଥିଲେ । ଏବେବି ଏହି କମ୍ବଦନ୍ତି ମୟ ମହୋନୀୟ ପର୍ବତମାନ ଆମ ପାଇଁ ଅତି ମାର୍ମିକ ଓ ଧାର୍ମିକ ସ୍ଥଳ । ହିମାଳୟକୁ ପୃଥିବୀର ସ୍ୱର୍ଗ ବୋଲି କୁହାଯାଏ । ବିଶ୍ୱାସ ଅଛି ଏଠାରେ ଦେବତା ମାନେ ବାସ କରିଥାନ୍ତି । ଏହି ପର୍ବତ ଦେଇ ଯୁଧିଷ୍ଠିର ସ୍ୱର୍ଗାରୋହଣ କରିଥିଲେ । ବିନ୍ଧ୍ୟ ପର୍ବତକୁ ମୁଣ୍ଡ ନୁଆଁଇବା ପାଇଁ ଋଷି ଅଗସ୍ତି ଦେଇଥିବା ଆଦେଶ ଆଜି ମଧ୍ୟ ଲୋକ ମୁଖରେ ପ୍ରଚାରିତ । ଅନେକ ମୁନୀ ଋଷି ଅଦୃଶ୍ୟ ଭାବେ ଏହି ପର୍ବତ ମାନଙ୍କ ମଧ୍ୟରେ ତପସ୍ୟାରେ ମଗ୍ନ ଥିବା ବିଶ୍ୱାସ କରାଯାଏ । ଜଗତ ମଙ୍ଗଳ ନିମନ୍ତେ ହିମାଳୟର ଅବଦାନ ଅନନ୍ୟ । ଗନ୍ଧମାର୍ଦନ ପର୍ବତରୁ ମୃତ୍ୟୁ ସଂଜିବନୀ (ବିଶଲ୍ୟକରଣୀ) ସଂଧାନ ପାଇଁ ରାମ ଭକ୍ତ ହନୁମାନଙ୍କ କଥା ହେଉ ଅବା ଓଡିଶାର ମହେନ୍ଦ୍ର ଗିରି ପର୍ବତ ମାଳାରେ ଭଗବାନ ପର୍ଶୁରାମଙ୍କ ଅବସ୍ଥିତିର କଥା ଆଜିବି ଲୋକ ମୁଖରେ ବିଶ୍ୱାସର ପ୍ରାଣ କେନ୍ଦ୍ର ସାଜିଛି । ଏହି ପର୍ବତ, ନଦ ନଦୀ, ଝରଣା, ଜଙ୍ଗଲ, ଆମ ପାଇଁ କେବଳ ମାତ୍ର ମାଟି, ଗୋଡି, ପାଣି, ପଥରର ସମାହାର ନୁହେ । ଏହା ସହ ଗୋଟିଏ ସ୍ୱତନ୍ତ୍ର ସଂସ୍କୃତି ଓତପ୍ରୋତ ଭାବେ ଜଡିତ । ଯାହା ଭିତରେ ଅଛି ଆମ ପୁରାଣ, କିମ୍ବଦନ୍ତି, ଐତିହ୍ୟ, ଲୋକ ସାହିତ୍ୟ, ଇତିହାସ, ଲୋକଗୀତ ଆଉ ଅନେକ କିଛି । ଆଜିର ମଣିଷ ମନରେ ଉପଭୋଗର ଆଦିମ ଅଭିଳାଷା । ସବୁ ଧ୍ୱଂସ କରି ସେ କିପରି ସୁଖ ରେ ରହିବ ଏହି ଚିନ୍ତନ ନିରନ୍ତନ କରିଚାଲିଛି । ଅନୁଗୁଳ ଜିଲ୍ଲାର ମଳୟ ଗିରି ପର୍ବତ (୩୯୦୦ ଫୁଟ) ଗଜପତିର ମହେନ୍ଦ୍ର ଗିର (୪୯୨୫ ଫୁଟ) ଢେଙ୍କାନାଳର କପିଳାସ, କୋରାପୁଟର ଦେଓମାଳି, କନ୍ଧମାଳର ଦାରିଙ୍ଗବାଡି, ରାୟଗଡା-କଳାହାଣ୍ଡିର ନିୟମଗିରି ପର୍ବତ ମାଳା ସହ ଅନେକ ପର୍ବତ ଆଜି ଧ୍ୱଂସ ମୁଖରେ ପଡିଛି । କାଠ ମାଫିଆଙ୍କ ଚକ୍ରାନ୍ତରେ ଜଙ୍ଗଲ ଧ୍ୱଂସ ହେବା ପରେ ଏମାନଙ୍କ ଲୋଲୁପ ଦୃଷ୍ଟି ଏବେ ପାହାଡ ପର୍ବତ ଉପରେ ପଡିଛି । ରାୟଗଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଅଞ୍ଚଳ ଯାହାକୁ ଦକ୍ଷିଣ ପଶ୍ଚିମାଞ୍ଚଳ କୁହାଯାଉଛି ସେଠି ଅନେକ ପାହାଡ ଲଣ୍ଡିତ ମସ୍ତକରେ ଶ୍ରୀହିନ ହୋଇ ଠିଆ ହୋଇଛନ୍ତି । ପର୍ବତରୁ ଗଛ କାଟି ନେବା ଫଳରେ ବୃଷ୍ଟି ଦ୍ୱାରା ମୃତ୍ତିକା କ୍ଷୟ ହୋଇ ଏଭଳି ବିବର୍ଣ୍ଣ ରୂପ ଧାରଣ କରିଛି ଆମ ପର୍ବତ ମାଳା । ପ୍ରତିଦିନ ହଜାର ହଜାର ଜେସିବି ଓ ଅନ୍ୟାନ୍ୟ ଯନ୍ତ୍ର ସାହାଯ୍ୟରେ ପାହାଡ ଖୋଳା ଚାଲିଛି । ଗୋଡି, ମାଟି, ମୋରମ, ପଥର ଆଖି ବୁଜା ଚାଲାଣ ହେଉଛି । ପ୍ରଶାସନ ଜକ ଜକ ହୋଇ ଦେଖୁଛି, କିଛି କରୁ ନାହିଁ । ହୁଏତ ସରକାରଙ୍କୁ ରାଜସ୍ୱ ମିଳୁଛି ନଚେତ ପ୍ରଶାସନର ହାତ ଚିକଣ ହେଉଛି । କେହି ଅନୁଭବ କରୁନାହାନ୍ତି ପର୍ବତର ଦୁଃଖ କୁ ଆଉ କେହି ଭାବୁନାହାନ୍ତି ଭବିଷ୍ୟତ ବଂଶଧରଙ୍କ ସୁରକ୍ଷା ଜନିତ କଥା ବସ୍ତୁକୁ । ତେଣୁ ସମସ୍ତେ ମିଶି ଗଣ ଧର୍ଷଣ କରିଚାଲିଛନ୍ତି ଧରିତ୍ରୀର ଏ ସୁନ୍ଦର ଧରୋହରକୁ । ଆମ ରାଜ୍ୟରେ ପର୍ବତ ମାନଙ୍କ ସ୍ଥିତି ବଡ ଭୟାନକ । ଭୟଙ୍କର ଭାବେ ଯନ୍ତ୍ର ଦାନବର ଶାଣିତ ଆଘାତରେ ପର୍ବତ ମାଳା ଯନ୍ତ୍ରଣା ଜର୍ଜରିତ । ବିବର୍ଣ୍ଣ ଭିନ୍ନକ୍ଷମ ଭଳି ଦିଶୁଛନ୍ତି ଏହି ସୁନ୍ଦର ସୁନ୍ଦର ସବୁଜିମା ମୟ ଶଇଳ ଶୃଙ୍ଖଳା । ନିର୍ମମ ମଣିଷର ଆଘାତ ଚରମ ସୀମା ଲଘିଂଥିବା ବେଳେ କିଛି କିଛି ସହଜ ଉପାୟରେ ପର୍ବତରେ ନିଆ ଲଗାଇ ପୋଡୁ ଚାଷ, ଅଙ୍ଗାର ସଂଗ୍ରହ ଓ ପୋଡା ପଶୁ ପକ୍ଷୀ ମାଂସର ମଜା ନେଉଛନ୍ତି । ଜଳ, ଜଙ୍ଗଲ ଓ ଜୀବନର ଉତ୍ପତି ସ୍ଥଳକୁ ମଣିଷ ଧ୍ୱଂସ କରି ସୃଷ୍ଟିକୁ ସଂହାର ମୁହକୁ ଠେଲି ଦେଉଥିବା ବେଳେ କେହି ଜଣେବି ପ୍ରତିବାଦକି ପ୍ରତିରୋଧ କରୁନାହାନ୍ତି । କେହି ପଚାରୁ ନାହାନ୍ତି, କୋଟି କୋଟି ବର୍ଷର ଆମ ଜୀବନ ଜୀବିକା କୁ ଧ୍ୱଂସ କରିବାକୁ ତୁମକୁ ଅଧିକାର ଦେଲା କିଏ ? ଧରିତ୍ରୀର ଏ ସୁନ୍ଦର ଧରୋହର ଲୋପ ପାଇଗଲେ ଜୀବନ ରହିବ ନାହିଁ । ମଣିଷ ସମାଜର ଗତି ଆଗାମୀ ଦିନରେ କଣ ହେବ ଭାବିଲେ ଅନ୍ଧକାର ଦିଶୁଛି । ଏଣୁ ସମୟ ବିଗିଡି ଯିବା ପୂର୍ବରୁ ଯାହା କିଛି ବଞ୍ôଛି ତାକୁ ଭବିଷ୍ୟତ ପାଇଁ ସାଇତି ରଖିବା ଉଚିତ୍ ନୁହେ କି ।

ମୁନିଗୁଡା,ରାୟଗଡା

# ଅପସଂସ୍କୃତିର ମାୟାରେ ଲୁପ୍ତ ପରମ୍ପରା

**- ମୀରା ବେଉରା**

ସମଗ୍ର ବିଶ୍ୱରେ ଯଦି ଦେଖିବା ଭାରତବର୍ଷ ଏକମାତ୍ର ରାଷ୍ଟ୍ର ଯାହାର ସଂସ୍କୃତି, ପରମ୍ପରା, ଏକତା ପାଇଁ ବିଶ୍ୱଦରବାରରେ ଖ୍ୟାତି ଅର୍ଜନ କରିଛି । ଏହି ରାଷ୍ଟ୍ର ଏକତା, ଭାଇଚାରା, ଅଖଣ୍ଡତା, ସାର୍ବଭୌମତ୍ୱ, ବସୁଧୈବ କୁଟୁମ୍ବକମ୍ ଭଳି ଉକ୍ତି ଉପରେ ବିଶ୍ୱାସ କରେ । ଏହାର ସଂସ୍କୃତି ଆଧ୍ୟାତ୍ମିକତା ଏବଂ ନୈତିକତା ଉପରେ ପ୍ରତିଷ୍ଠିତ । ୫୦୦୦ ବର୍ଷର ପୂରାତନ ସଭ୍ୟତା ସିନ୍ଧୁ ସଭ୍ୟତାରେ ମଧ୍ୟ ମୂର୍ତ୍ତିପୂଜା ବା ଶକ୍ତିପୂଜା ଦେଖାଯାଉଥିଲା । ଭାରତବର୍ଷରେ ଶକ୍ତିପୂଜା ଅତି ପ୍ରାଚୀନ । ପୁରାଣରେ ଦେବୀମାନେ ଯେତେବେଳେ ଦାନବ ରାକ୍ଷସମାନଙ୍କର ଅତ୍ୟାଚାରରେ ଅତୀଷ୍ଠ ହୋଇ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ଶରଣାପନ୍ନ ହେଉଥିଲେ ଉଭୟ ବ୍ରହ୍ମା, ଶିବ ଏବଂ ଅନ୍ୟାନ୍ୟ ଦେବତାମାନେ ମିଳିତ ହୋଇଥିଲେ ଦାନବମାନଙ୍କୁ ହରାଇବା ପାଇଁ । ଏହି ସମବେତ ହୋଇଥିବା କ୍ରୋଧାନ୍ୱିତ ଦେବତାମାନଙ୍କ ମୁଖମଣ୍ଡଳରୁ ଏକ ଅପୂର୍ବ ଜ୍ୟୋତି ନିର୍ଗତ ହୋଇଥିଲା । ସେହି ତେଜରୁ ଜନ୍ମ ନେଇଥିଲେ ଆଦ୍ୟାଶକ୍ତି, କାତାୟନୀ, ତ୍ରୀଶୁଳଧାରିଣୀ, ସିଂହବାହିନୀ ଦେବୀ ଦଶଭୂଜା ଦୁର୍ଗା । ବିଜୟର ସ୍ମାରକ ସ୍ୱରୂପ କେଉଁ ପୌରାଣିକ ଯୁଗରୁ ଏହି ପରମ୍ପରା ଅନୁଯାୟୀ ଶକ୍ତିର ସ୍ୱରୂପ ଏହି ମୂର୍ତ୍ତିପୂଜା ପାଳନ କରାଯାଉଛି । ଏହି ଦୁର୍ଗା ହେଉଛନ୍ତି ଜଗତ୍‌ଜନନୀ, ଦୁର୍ଗତୀନାଶିନୀ, ଅଭୟ ବରଦାୟିନୀ, ତ୍ରିଶୁଳଧାରିଣୀ, କଲ୍ୟାଣ ପ୍ରଦାୟିନୀ, ଅଶୁଭ ବିନାଶିନୀ ।

ଆଜି ଭୟଙ୍କର କରୋନା ମହାମାରୀ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରି ଆମର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନକୁ ସଂପୂର୍ଣ୍ଣ ଧ୍ୱଂସକରି ଜୀବନ ଓ ଜୀବିକାକୁ ବିପନ୍ନ କରିଛି । ଏହି ବିପଦ ସମୟରେ ମହାମାୟା ଦୁର୍ଗା ସେହି କରୋନା ମହାମାରୀକୁ ମାନବ ସମାଜରୁ ସଂପୂର୍ଣ୍ଣ ଧ୍ୱଂସକରି ଏ ପୃଥିବୀକୁ ରକ୍ଷା କରନ୍ତୁ । ଏଥିପାଇଁ ଆମେ ସମସ୍ତେ ମା'ଦୁର୍ଗାଙ୍କୁ ସାର୍ବଜନୀନ ଭାବରେ ନିରାଡ଼ମ୍ବର ଭାବେ ଆମ ସମଗ୍ର ମାନବ ସମାଜର ମଙ୍ଗଳ, ସୁଖ, ସମୃଦ୍ଧି, ସୌଭାଗ୍ୟ ଲାଭପାଇଁ ପ୍ରାର୍ଥନା କରିବା ଆବଶ୍ୟକ । ଆମେ ଯଦି ନିଷ୍କପଟ ଭାବେ ମା' ଜଗଦମ୍ବା ଦୁର୍ଗାଙ୍କୁ ପ୍ରାର୍ଥନା କରିବା ତେବେ ମା ନିଶ୍ଚିତ ଏହି ବିପତ୍ତିରୁ ଆମ୍ଭମାନଙ୍କୁ ଉଦ୍ଧାର କରି ସଂସାରର ଅନ୍ୟାୟ, ଅନ୍ଧକାର, ଇର୍ଷା, ହିଂସାକୁ ଧ୍ୱଂସ କରିବେ ।

କିନ୍ତୁ ବଡ଼ କ୍ଷୋଭ ଏବଂ ଦୁଃଖର କଥା ଆମେ ଆଜି ଆମର ପର୍ବପର୍ବାଣୀଗୁଡିକୁ ଯେତିକି ଆନନ୍ଦ ଉଲ୍ଲାସରେ ପାଳୁଛୁ, ତାହା କିନ୍ତୁ ଆଉ ମାନବ ସମାଜକୁ ପ୍ରକୃତ ସୁଖ କି ଆନନ୍ଦ ଦେଇପାରୁ ନାହିଁ । ପୂଜା ପାର୍ବଣରେ ଭକ୍ତି ରହିବା ତ ଦୂରର କଥା ପୂଜା ପାର୍ବଣକୁ ଏତେ ମାତ୍ରାରେ ଆଡ଼ମ୍ବରପୂର୍ଣ୍ଣ କରାଯାଉଛି ଯେ ପୂଜାର ପ୍ରକୃତ ଉଦ୍ଦେଶ୍ୟ ବେଳେବେଳେ ଜଣାପଡୁ ନାହିଁ । ଭୋଜିଭାତ, ମଉସମଜଲିସ୍, ମଦ ମାଂସର ଆସରରେ ସଭିଏଁ ପାଗଳ । ମଣ୍ଡପଗୁଡ଼ିକୁ ଆଲୋକମାଳା, ତୋରଣମାଳା, ବିକୃତ ସଙ୍ଗୀତ, ନୃତ୍ୟ, ଯାହା ପାଶ୍ଚାତ୍ୟ ଶୈଳୀରେ ପରିବେଷିତ ହେଉଛି ସେଥିରେ ପୂଜାର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡୁ ନାହିଁ । ଏହା ବରଂ ଲୋକମାନଙ୍କ ଭିତରେ ଭକ୍ତି ଦେବା ପରିବର୍ତ୍ତେ ସଭ୍ୟତାକୁ ପତନାଭିମୂଖୀ କରୁଛି । କେବଳ ପ୍ରତିଯୋଗୀତାଭିତ୍ତିରେ ଦେବାଦେବୀଙ୍କ ମୁକୁଟ, ବସ୍ତ୍ର ଏବଂ ଆସବାବପତ୍ର ତିଆରି କରି ସୁନା, ଚାନ୍ଦି, ହୀରାର ମୁକୁଟ ଗଢ଼ି ସାଧାରଣ ମଣିଷକୁ ଲୁଟିବା ଭଳି କୁତ୍ସିତ କାର୍ଯ୍ୟ କରାଯାଉଛି ।

ଗୋଟିଏ ପଟେ ମନ୍ଦିରରେ ଦେବୀଙ୍କୁ ପାଟବସ୍ତ୍ର ପିନ୍ଧାଇ ସ୍ୱର୍ଣ୍ଣ, ହୀରା, ମୋତି, ମାଣିକର ମୁକୁଟ ଅଳଙ୍କାର ପିନ୍ଧାଇ ଆଉ ଗୋଟିଏ ପଟେ ମାତୃଶକ୍ତିର ପ୍ରତୀକ ମାତୃଜାତିକୁ ଅସମ୍ମାନ କରାଯାଉଛି । ଝିଅଟିର ବଞ୍ଚିବା ଅଧିକାର ତା'ଠାରୁ ଛଡ଼ାଇ ନିଆଯାଉଛି । ବିଚ୍‌ବଜାରରେ ଦିବାଲୋକରେ, ଟ୍ରେନ୍‌ରେ, ବସ୍‌ରେ, ମନ୍ଦିରରେ, ମସଜିଦ୍‌ରେ ତାର ଇଜ୍ଜତକୁ ଲୁଟାଚାଲିଛି । ତା' ଉପରେ ଅମାନବୀୟ ନିର୍ଯ୍ୟାତନା କରାଯାଉଛି । ସବୁ ବର୍ବରତାର ସୀମାପାର ଦୁର୍ଘଟଣା ସବୁ ଚଳଚ୍ଚିତ୍ରର ଛବିପରି ଆମ ଆଖି ସାମ୍ନାରେ ଘଟିଯାଉଛି । ଅଥଚ ସଭ୍ୟସମାଜ ଆଖି, କାନ, ପାଟି ଥାଇ ମଧ୍ୟ ମୂକ, ବଧିର, ଧୃତରାଷ୍ଟ୍ରଅ ପରି ଅନ୍ଧ ହୋଇଯାଉଛି । ଥରେ ଜାତିର ପିତା କହିଥିଲେ, 'ଯେଉଁଦିନ ଗୋଟିଏ ମା' ରାତି ୧୨ଟାରେ ରାଜରାସ୍ତାରେ ତାର ସ୍ୱାଭିମାନ ସହ ନିର୍ଭୟରେ ଯିବା ଆସିବା କରିପାରିବ, ସେହିଦିନ ଏ ରାଷ୍ଟ୍ର ସ୍ୱାଧୀନ ହେଲା ବୋଲି ବୁଝିବାକୁ ହେବ ।' କିନ୍ତୁ ବଡ଼ ଦୁଃଖର କଥା ରାତି ୧୨ଟା କ'ଣ ଦିନ ଦ୍ୱିପହରେ ମଧ୍ୟ ଝିଅଟି ଏପିରିକି ନିଜ ଘରେ ମଧ୍ୟ ସେ ସୁରକ୍ଷିତ ନୁହେଁ । ଏହିଭଳି ଦାନବ ପ୍ରକୃତିର ଧ୍ୱଂସ କେବେ ପାଇବ ? ତାହା ଚିନ୍ତାର କାରଣ ହୋଇଛି । ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମା'ଦୁର୍ଗାଙ୍କୁ ଆବାହନ କରୁ ପରନ୍ତୁ ସେହି ମା'ର ପ୍ରତିରୂପ ଆମ ସମାଜର କନ୍ୟାକୁ ହତାଦର କରୁ । ରକ୍ତ, ମାଂସ, ହାଡ଼ ଆଉ ମଜ୍ଜାର ପ୍ରକୃତ ମା'କୁ ଅପହରଣ କରୁ । ତା' ଉପରେ ପାଶବିକ ଅତ୍ୟାଚାର କରୁ । ଯେତେ ସବୁ ସୀମାପାର ବର୍ବରତା ବ୍ୟବହାର କରୁ ସାକ୍ଷୀ ପ୍ରମାଣକୁ ନଷ୍ଟ କରିଦେବାପାଇଁ ତା'ର ଜିଭ ମଧ୍ୟ କାଟି ଦେବାକୁ ଆମେ ପଛାଉ ନାହୁଁ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ପ୍ରହସନ ଏପରି ଆତ୍ମପ୍ରବଞ୍ଚନା କାହିଁକି ? ଏ ପ୍ରକାର ଛଳନା କାହିଁକି ? ଏହା ମହାମାରୀ କୋଭିଡ଼-୧୯ ଠାରୁ ମଧ୍ୟ ଆହୁରି ଭୟାନ, ଆହୁରି ଯନ୍ତ୍ରଣାଦାୟକ । ଏସବୁ ଆମ ପରଦା ପଛର କାହାଣୀ । ଆମେ କଦାପି ଭୁଲିଯିବା ଉଚିତ୍ ନୁହେଁ ଯେ ଆମେ ସେହି ମା'ର ପାଶବିକ ଅତ୍ୟାଚାର କରୁଛୁ । ଯେଉଁ ମା'ର ସ୍ନେହ, ଶ୍ରଦ୍ଧା, ମମତା, ପ୍ରେମରେ ଆମ ଜୀବନ ସୃଷ୍ଟି, ତାରି ତ୍ୟାଗର ପ୍ରତିଦାନରେ ଆମ ଜୀବନ ଦିନେ ସମୃଦ୍ଧ ହୋଇଥିଲା । ଏଭଳି ପ୍ରବଞ୍ଚନା କାହିଁକି ? ପ୍ରତ୍ୟେକ ସଭ୍ୟସମାଜ ନିଜକୁ ଥରେ ପ୍ରଶ୍ନ କରୁ ? ମା'ର କଲ୍ୟାଣମୟୀ, ଆନନ୍ଦମୟୀ ମୂର୍ତ୍ତି, କରୁଣାମୟୀ ମୂର୍ତ୍ତି ଯେତିକି ଲାବଣ୍ୟମୟ, ଶାନ୍ତି ପ୍ରତିମୟ ତାର ସଂହାରକାରିଣୀ ମୂର୍ତ୍ତି ମଧ୍ୟ ସେତିକି ବିପଦପୂର୍ଣ୍ଣ ଏ ସମାଜପାଇଁ । ମା' ହେଉଛନ୍ତି ଶକ୍ତି, ସାହସ, ଶୌର୍ଯ୍ୟ, ପରାକ୍ରମ ଓ ବିଜୟର ପ୍ରତୀକ । ସେ ସୃଷ୍ଟିକର୍ତ୍ତା ପୁଣି ସେ ସଂହାରକର୍ତ୍ତା । ସେ ସୃଷ୍ଟିର ପ୍ରତୀକ ସେ ପୁଣି ବିଲୟର ପ୍ରତୀକ । ବର୍ତ୍ତମାନ ସେହି ଅନ୍ଧକାର, ଆଶୁରିକ, ଅସତ୍ୟ ବିରୁଦ୍ଧରେ ଯୁଦ୍ଧ କରିବାର ସମୟ ଆସିଛି । ପ୍ରାଚୀନ ପରମ୍ପରାକୁ, ଭକ୍ତିଭାବନାକୁ ଆଧ୍ୟାତ୍ମିକ ଚିନ୍ତାକୁ ସମ୍ମାନ ଦେବା ଆମ ସଂସ୍କୃତିର ପରିଚୟ ଆମ ସଭ୍ୟତାର କର୍ତ୍ତବ୍ୟ । କିନ୍ତୁ ପରମ୍ପରା ନାମରେ ସାମ୍ପ୍ରଦାୟିକ ଦଙ୍ଗା ତଥା ନାରୀକୁ ଅସମ୍ମାନ, ନିର୍ଯ୍ୟାତନା ସଂଘର୍ଷମୟ ପ୍ରଦୂଷିତ ପରିବେଶ ସୃଷ୍ଟି କରିବ ଆମ ସଂସ୍କୃତି ପରମ୍ପରାର ସଂପୂର୍ଣ୍ଣ ବିରୋଧି । ପରମ୍ପରାକୁ ବଜାୟ ରଖିବା ସହ ଶାନ୍ତିପୂର୍ଣ୍ଣ ସୌହାର୍ଦ୍ଦ୍ୟପୂର୍ଣ୍ଣ, ଶୃଙ୍ଖଳାର ସହ ଆନ୍ତରିକତାର ସହ ଭକ୍ତିରେ ମା'ଙ୍କୁ ଆବାହନ କରାଯାଉ । ସମାଜରେ ତଥା ଦେଶରେ ମାତୃଶକ୍ତିଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଏବଂ ବଞ୍ଚିବାର ଅଧିକାର ସମ୍ମାନ ମିଳୁ । ଏହା ହିଁ ପ୍ରକୃତ ପୂଜା ଏବଂ ଆମ ସଂସ୍କୃତି ପରମ୍ପରା ।

ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ ।

# ଲକଡାଉନ୍ ରେ ଜୀବନ

- କୃଷ୍ଣା ମିଶ୍ର

ଲକଡାଉନ ଶବ୍ଦ ଟିର ଅର୍ଥ ହେଲା ତାଲା ବନ୍ଦ । ଶବ୍ଦଟିକୁ ଆଉଟିକିଏ ଟାଣି ଲମ୍ବା କଲେ ବୁଝାଯାଏ ଯେ ସଭିଙ୍କୁ ସ୍ୱଗୃହ ଭିତରେ ରହିବାକୁ ଏବଂ ଅତି ଆବଶ୍ୟକ ନହେଲେ ବାହାରକୁ ନଯିବାକୁ ସରକାରଙ୍କ ତରଫରୁ ଏକ କଡ଼ା ନିର୍ଦ୍ଦେଶ । ଏହାକୁ ପାଳନ କରିବାକୁ ଲୋକେ ବାଧ କାରଣ, ଅମାନିଆଙ୍କ ବାଟକୁ ଆଣିବାକୁ ଭଲ ରକମର ଦଣ୍ଡର ପ୍ରାବଧାନ ମଧ୍ୟ । ସରକାରଙ୍କ ଦ୍ୱାରା କରାଯାଇଛି । ତେବେ, ଏ ସମସ୍ତ କ୍ରିୟାକଳାପର ପଛରେ କାରଣଟା କଣ ଜାଣିବା ନିହାତି ଦରକାର । କାରଣଟା ହେଲା ଏକ ସୂକ୍ଷ୍ମ ଭୂତାଣୁ, ଯାହାର ନାମ କରୋନା । ଅଧୁନା ଏହି ଭୂତାଣୁଟି ମନୁଷ୍ୟ ଜାତିର ବଂଚିବା ଦୁର୍ବିସହ କରିଦେଇଛି । ତେବେ ଆସନ୍ତୁ ଏହାର ଜନ୍ମ ବିବରଣୀ ଟିକିଏ ଜାଣିବା ।

କରୋନାର ଜନ୍ମ ଚୀନର ଉହାନ ସହରରେ । ବାପା, ମାଁଛେଉଣ୍ଡ କରୋନା ଥିଲା, ପରୀକ୍ଷାଗାରର ସୂକ୍ଷ୍ମ ଜୀବନଙ୍କ ମେଳରେ ବୈଜ୍ଞାନିକଙ୍କ କବଳରେ । ଗତବର୍ଷର ଶେଷ ଭାଗରେ ପରୀକ୍ଷାଗାରରୁ ଖସି ଯାଇ ଚୀନର ଗଳି କନ୍ଦିରେ ଭ୍ରମଣ କରିବାକୁ ଲାଗିଲା ସେ । ଭ୍ରମଣକରିବାର ପ୍ରବଳ ଇଛା ଯୋଗୁ ସେ ଇଟାଲୀ ସହର ଆଡ଼କୁ ଆକର୍ଷିତ ହେଲା । ବାସ୍ ତାପରେ ଆଉ ତାକୁ ଅଟକେଇବ ବା କିଏ ?

ପୃଥିବୀର ଏମିତି କୌଣସି ଦେଶ ନାହିଁ, ଯେଉଁଠି କି ସେ ଯାଇନାହିଁ । ତେଣୁ ଭ୍ରମଣ କରୁ କରୁ ଆସି ପହଞ୍ଚିଲା, ଆମ ଦେଶ ଭାରତରେ । ସାଂଗରେ ତାର ଥିଲେ ହାତ ଗଣତିର କିଛି ଜଣ ଭାଇବନ୍ଧୁ ।

ଚୀନ ଏବଂ ଅନ୍ୟାନ୍ୟ ଦେଶମାନଙ୍କଠୁ ଖବର ପାଇ ଲୋକେ କରୋନାଠାରୁ ଦୂରରେ ରହିବାକୁ ଚେଷ୍ଟା କଲେ । ଗାଈଗୋରୁଙ୍କ ପରି ମୁହଁରେ ତୁଣ୍ଡି ବାନ୍ଧି ପକ୍ଷୀଙ୍କୁ ପିଞ୍ଜରା ଭିତରେ ରଖିଲା ପରି ନିଜକୁ ଗୃହବନ୍ଦୀ କଲେ । ହେଲେ ଏଇ କରୋନା ଜଣକ ଏତେ ଦୟାଳୁ ଯେ ଲକ୍ଷାଧିକ ଛାତ୍ରଛାତ୍ରୀ, ପରୀକ୍ଷା ନଦେଇ ଉତ୍ତୀର୍ଣ୍ଣ ହୋଇଗଲେ । ଏହାରି ଦୟାରୁ ବିଦେଶରେ ଥାଇ ରଂଗୀନ ସ୍ୱପ୍ନ ଦେଖି ସୁନେଲି ଡେଣା ନେଇ ଉଡିବୁଲୁଥିବା ଭାରତୀୟମାନେ ଭାରତୀୟ ମାଟିର ବାସ୍ନାକୁ ପ୍ରଥମଥର ପାଇଁ ବାରିପାରିଲେ । ପୁଣି ତାର ଶକ୍ତିଶାଳୀ ପ୍ରଭାବରେ ଗାୟିକା, ଖଳନାୟିକା ହୋଇଗଲେ । କିଛି ଲୋକ ମନ୍ତବ୍ୟ ଦେଲେ ଯେ କରୋନା ମୁସଲମାନଙ୍କୁ ଅଧିକ ପସନ୍ଦ କରୁଛି ।ତେଣୁ ତାଙ୍କରି ପାଖରେ ରହୁଛି । ଆଉ କିଛି ଲୋକ ଅଭିଯୋଗ କଲେ ଯେ କରୋନା ହିନ୍ଦୁମାନଙ୍କ ପାଖରେରହିଛି । କିନ୍ତୁ କରୋନା ତ ମଣିଷ ନୁହେଁ ଯେ ହିନ୍ଦୁ ମୁସଲମାନ କଳାଗୋରା ଭେଦଭାବ କରିବ ? ସେ ତ ଭୂତାଣୁ । ତା ପାଇଁ ସମସ୍ତେ ସମାନ । ଭଗବାନଙ୍କ ଦ୍ୱାରା ପ୍ରେରିତ ଦୂତଟିଏ ପରି ସଭିଙ୍କ ସହିତ ସମାନ ନ୍ୟାୟ କରିବାକୁ ଲାଗିଲା ସେ ।

ଆଜ୍ଞା ହଁ ଲକଡାଉନ କଥାଟି ତ ବାଟରେ ରହିଗଲା । ତେବେ ଆସନ୍ତୁ ଜାଣିବା ଲକଡାଉନ୍‌ରେ ଲୋକଙ୍କ ଅବସ୍ଥା କ'ଣ ହେଲା ? ଲୋକେ ତ ସ୍ୱଗୃହେ ବନ୍ଦୀ ହେଲେ । ଗୋଟିଏ ଦିନ ବା ୨୪ ଘଣ୍ଟା ଯେ ପରିବାରର ସମସ୍ତ ସଦସ୍ୟ ଏକାଠି ସମୟ ବିତାଇବା ସେ ଅଭ୍ୟାସଟି କେଉଁ ଯୁଗରୁ ଗଲାଣି । ତେଣୁ ମାସାଧିକ ଏକାଠି ଗୃହବନ୍ଦୀ ରହିବା, ନିହାତି ଅସହ୍ୟ। ପ୍ରତେକ ସଦସ୍ୟଙ୍କ ଅଭିଯୋଗ ଗୃହର ଅନ୍ୟ ସଦସ୍ୟାମାନଙ୍କ ବିରୁଦ୍ଧରେ । ଗୃହ ସ୍ୱାମୀଙ୍କ ଅଭିଯୋଗ, ଲକଡାଉନ୍ ହେବା ଦିନଠାରୁ ଗୃହ ସ୍ୱାମିନୀ କାମ କରାଇ କରାଇ ମାରିଲେଣି । ସକାଳୁ ଉଠି ଘରଦୁଆର ସଫା କରିବା ସାଂଗକୁ ଲୁଗା ଧୋଇବା, ରୋଷେଇରେ ସାହାଯ୍ୟ କରିବା ଇତ୍ୟାଦି । ତେଣୁ ଅଫିସ୍ ଖୋଲିବା ପ୍ରତିକ୍ଷାରେ ।

ଗୃହସ୍ୱାମିନୀ ଲୁହ ଛଳ ଛଳ ଆଖିରେ କୁହନ୍ତି ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସଭିଙ୍କ ତତ୍ତ୍ୱାବଧାନ ସହଜ ନୁହେଁ । ଟେଲିଭିଜନ ସମ୍ମୁଖରେ ବସି ସିରିଆଲ ଦେଖୁ ଦେଖୁ ଦିନକୁ କେତେଥର ଯେ ଖାଇବା ବରବାଦ ହେଉଛି, ତା'ର ଠିକଣା ନାହିଁ । ପୌତ୍ରଙ୍କ ଅଭିଯୋଗ ବାହାରକୁ ଯିବାକୁ ନଦେଇ ତାଙ୍କ ଗୋଡ଼ ହାତରେ ବେଡ଼ି ପକାଇ ରଖିଛନ୍ତି । ଏହିଭଳି ଆହୁରି ଅନେକ । କିଛି ଅଭିଯୋଗ ତ କହିବାର ନୁହେଁ ଯେ ଅନୁଭବ କରିବାର । ଯେମିତିକି ପ୍ରାୟତଃ ବିୟୁଟି ପାର୍ଲର ଯାଉଥିବା ମହିଳାଙ୍କର କାୟା କଳ୍ପ ଏଭଳି ବଦଳି ଯାଇଛି ଯେ ପୂର୍ବରୁ ଦେଖିଥିବା ଲୋକେ ଚିହ୍ନ ପାରିବେ ନାହିଁ । ପୁରୁଷଙ୍କ ଅବସ୍ଥା ମଧ୍ୟ ସେହିଭଳି । କେଶ ଆଉ ଦାଢ଼ି ବୃଦ୍ଧି ଯୋଗୁଁ କେହି ଲାଂଗୁଳ ବିହୀନ ମାଙ୍କଡ଼ ପରି ମନେ ହେଉଛନ୍ତି । ତେଣେ ଆବାଳ ବୃଦ୍ଧ ବନିତା ମୁହଁରେ ତୁଣ୍ଡି ବାନ୍ଧି ଅଭିବ୍ୟକ୍ତି ବିହୀନ ଦିଶୁଛନ୍ତି । କିଏ ହସୁଛି କିଏ କାନ୍ଦୁଛି ସ୍ନେହରେ କହୁଛି କି ଗାଳି ଦେଉଛି ବୁଝିବା ଅସମ୍ଭବ । ମହିଳାଙ୍କ ଉପଯୋଗୀ ସମସ୍ତ ମୂଲ୍ୟବାନ ପରିଧାନ ତଥା ଗହଣା ସବୁ ବିକଳରେ ଆଲମାରୀ ଭିତରୁ ଚାହିଁ ରହିଛନ୍ତି । ପୁଣି କେବେ ସେଦିନ ଆସିବ ଯେ ସେଗୁଡ଼ିକ ବାହାର ଦୁନିଆଁ ଦେଖିବେ ।

ଏ ସମସ୍ତ ଦେଖି ମନରେ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ । କାହିଁକି ଆଜି ଏ ଦୁର୍ଦ୍ଦଶା ? ମନୁଷ୍ୟ ଜାତି ପୃଥିବୀରେ ପ୍ରଦୂଷଣ ଭରି ଦେଇଥିଲା । ଚତୁର୍ଦିଗେ ନରକ ପ୍ରାୟ । ବାୟୁମଣ୍ଡଳର ଗ୍ୟାସ ବିଷାକ୍ତ, ସମୁଦ୍ର ନାଳରେ ପରିଣତ । ମନୁଷ୍ୟ ଯୋଗୁଁ କେତେ ଯେ ଜୀବଜନ୍ତୁ ବିଲୁପ୍ତ ହୋଇଗଲେ, ତାର ହିସାବ କେହି ରଖିନାହାନ୍ତି । ସତ୍ୟ କହିବାକୁ ଗଲେ ମନୁଷ୍ୟ ଯୋଗୁ ପୃଥିବୀ ଗୋଟିଏ ଡଷ୍ଟବିନରେ ପରିଣତ ହୋଇଗଲା । କିନ୍ତୁ ଏଇ କିଛି ମାସରେ କରୋନା ଭୂତାଣୁ ଯୋଗୁ ବାୟୁମଣ୍ଡଳରେ ସ୍ୱଚ୍ଛତା ଦେଖାଦେଇଛି । ଯେଉଁ ସ୍ଥାନରେ ଚଢ଼େଇ ଟିଏ ଦିଶୁ ନଥିଲା ଆଜି ସେଠାରେ କେବଳ ପକ୍ଷୀଙ୍କ କଳରବ ହିଁ ଶୁଭୁଛି । ତେଣୁ ମନୁଷ୍ୟ ଏକଥା ଆଦୌ ଭୁଲିବା ଉଚିତ ନୁହେଁ ଯେ ଏ ସମଗ୍ର ପୃଥିବୀ ଆମ ନିଜସ୍ୱ ବା ବ୍ୟକ୍ତିଗତ ସ୍ଥାନ ନୁହେଁ । ବରଂ ଏହା ଉପରେ ପଶୁ, ପକ୍ଷୀ, ଜୀବଜନ୍ତୁ, କୀଟ, ପତଙ୍ଗ ତଥା ଜୀବାଣୁ, ଭୂତାଣୁଙ୍କର ମଧ୍ୟ ଅଧିକାର ଅଛି । ପରମାଣୁ ବୋମା ପରୀକ୍ଷଣ କରି ପୃଥିବୀରେ ରାଜତ୍ୱ କରିବାକୁ ଭାବୁଥିବା ମନୁଷ୍ୟ, ଆଜି ଏକମାତ୍ର ଭୂତାଣୁ ସମ୍ମୁଖରେ ତ୍ରାହି ତ୍ରାହି କରୁଛି । ଯଦି ମାନବ ଜାତି ନିଜର କର୍ମ କୌଶଳ ଓ ଚିନ୍ତାଧାରାକୁ କେବଳ ସ୍ୱାର୍ଥାନ୍ଧ ନହୋଇ ସର୍ବାଙ୍ଗୀନ ଉନ୍ନତି ଦିଗରେ ସଦୁପଯୋଗ କରେ, ତେବେ ପୁଣିଥରେ ଏ ଦୁନିଆରେ ହସ ଖୁସିର ଚହଳ ପଡ଼ିବ ।

ଡି/୩, ସ୍କୁଲ ହାଉସିଙ୍ଗ କଲୋନୀ, ଜିନ୍ଦଲ,
ରାୟଗଡ଼ା, ଛତିଶଗଡ଼ ।

# ଗାନ୍ଧୀଙ୍କ ଶିକ୍ଷାନୀତି

- ତାପ୍ତିମୟୀ ପଣ୍ଡାମିଶ୍ର

ଯୁଗେ ଯୁଗେ ଧରାବକ୍ଷେ ଅନ୍ୟାୟ, ଅତ୍ୟାଚାରକୁ ବିନାଶ କରି ସଂସାରକୁ ନୂତନ ଦିଗଦର୍ଶନ ଦେବା ପାଇଁ ଜଣେ ଦିବ୍ୟ ପୁରୁଷଙ୍କ ଆବିର୍ଭାବ ହୋଇଥାଏ । ତାଙ୍କ ମଧ୍ୟରୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି, ସ୍ୱଦେଶ ପ୍ରେମୀ, ତ୍ୟାଗୀ ବ୍ୟକ୍ତି ଭାବରେ ଜାତିର ଜନକ ମହାତ୍ମା ଗାନ୍ଧୀ ଅନ୍ୟତମ । ସତ୍ୟର ପୂଜାରୀ ଅହିଂସାର ପ୍ରତୀକ ମୋହନ ଦାସ କରମଚାନ୍ଦ ଗାନ୍ଧୀ । ୧୮୬୯ ମସିହା ଅକ୍ଟୋବର ଦୁଇ ତାରିଖରେ କାଠିୱାର ଜଲ୍ଲାର ପୋର ବନ୍ଦରଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଥିଲା କାବା ଗାନ୍ଧୀ ମା ପୁତୁଲି ବାଇ । ସେ ବିଲାତକୁ ପାଠ ପଢ଼ିବାକୁ ଯାଇଥିଲେ । ଆଇନ ପାଠ ପଢ଼ି ଆଇନ ପରାମର୍ଶଦାତା ଭାବେ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ । ସେଠାରେ ରହଣୀ ସମୟରେ ତାଙ୍କ ମନରେ ସ୍ୱଦେଶ ପ୍ରୀତିଭାବ ଜାଗ୍ରତ ହେଲା । ସେଠାକାର ବର୍ଣ୍ଣ ବୈଷମ୍ୟ ନୀତି ତାଙ୍କ ହୃଦୟକୁ ବହୁତ ଆଘାତ ଦେଇଥିଲା ।

ସେହିଠାରୁ ହିଁ ସେ ସତ୍ୟ ଓ ଅହିଂସାର ପ୍ରେରଣା ଲାଭ କରିପାରିଥିଲେ । ସେଠାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରି ସ୍ୱାଧୀନତା ନିମନ୍ତେ ଆଗେଇ ଆସିଥିଲେ । ଗାନ୍ଧୀଜୀଙ୍କ ଶିକ୍ଷା ଦର୍ଶନ ତାଙ୍କର ଜୀବନ ଦର୍ଶନ ଉପରେ ଓତଃପ୍ରୋତ ଭାବରେ ଜଡ଼ିତ । ଶିକ୍ଷାର ଲକ୍ଷ, ନୀତି, ନିୟମ ପାଠ୍ୟକ୍ରମ ଶିକ୍ଷାଦାନ ଉପେର ପର୍ଯ୍ୟବେସିତ ହୋଇଛି । ତାଙ୍କର ଶିକ୍ଷା ନୀତିକୁ ମୌଳିକ ଶିକ୍ଷାନୀତି ବୋଲି କୁହାଯାଏ । ପାଠ୍ୟକ୍ରମ କାର୍ଯ୍ୟଭିତ୍ତିକ ହେବା ଉଚିତ ବୋଲି ସେ ସଦା ସର୍ବଦା କହୁଥିଲେ । ତାଙ୍କ ଶିକ୍ଷା ନୀତିର ମୂଳ ଲକ୍ଷ ଥିଲା ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି । ତେଣୁ ସେ ଏକ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିଥିଲେ । ବିଭିନ୍ନ ବିଷୟ ବସ୍ତୁକୁ ସେଥିରେ ସ୍ଥାନିତ କରିଛନ୍ତି ।

୧. ପ୍ରଥମତଃ ମୌଳିକ ଧନ୍ଦା ଏଥିରେ କୃଷିକାର୍ଯ୍ୟ ସୂତା କାଟିବା, ତନ୍ତ ବୁଣିବା, କାଠକାମ, କାର୍ଡ଼ବୋର୍ଡ଼ କାମ, ଲୁହାକାମ ଇତ୍ୟାଦି ଧନ୍ଦାମୂଳକ କାମ ଗୁଡ଼ିକ ଅନ୍ତର୍ଭୁକ୍ତ ।

୨. ସାଧାରଣ ଜ୍ଞାନ - ଆଜିର ବିଜ୍ଞାନ ଯୁଗରେ ସାଧାରଣ ଜ୍ଞାନ ଆହରଣ କରିବା, ସମସ୍ତ ଜ୍ଞାନ କୌଶଳ, ବିଭିନ୍ନ ଶିକ୍ଷା ଦିଗରେ ପୁଙ୍ଖାନୁପୁଙ୍ଖ ଭାବେ ଦେଶ, ବିଦେଶର ଖବର ଜାଣିବା ପାଇଁ ସାଧାରଣ ଜ୍ଞାନ ରଖାଯିବା ବିଧେୟ ।

୩. ସାମାଜିକ ଶିକ୍ଷା - ଏହାର ଅର୍ଥ ହେଲା ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଏବଂ ଦୈନନ୍ଦିନ ଘଟୁଥିବା ବିବରଣୀ ।

୪. ମାତୃଭାଷା - ମହାତ୍ମାଗାନ୍ଧୀ କହିଥିଲେ ଯେ ସମସ୍ତ ବିଦ୍ୟାଳୟ ମାନଙ୍କରେ ମାତୃଭାଷାକୁ ମାଧ୍ୟମ କରି ବ୍ୟବହାର କରାଯାଇ ଯଦ୍ୱାରା ସମସ୍ତ ବିଦ୍ୟାର୍ଥୀଙ୍କୁ ଜ୍ଞାନ ଆହରଣ ଏବଂ ଜ୍ଞାନ ବ୍ୟକ୍ତ କରିବାକୁ ସହଜ ହୋଇପାରିବ ଓ ସେ ତାର ସୁଯୋଗ ପାଇପାରିବେ ।

୫. ଗଣିତ - ଆମ ଦୈନନ୍ଦିନ ଜୀବନରେ ଗଣିତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ପାଠ୍ୟକ୍ରମରେ ଏହା ଏକ ମାଧ୍ୟମ ଭାବେ ରହିବା ବିଧେୟ ।

୬. ସଂଗୀତ ଓ ଚିତ୍ରକଳା - ଛାତ୍ରଛାତ୍ରୀଭ୍ଙ୍କ ମନୋରଞ୍ଜନ ପାଇଁ ତାଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ଜନ୍ମାଇବା ପାଇଁ ଏହା ରଖାଗଲା ।

୭. ବକ୍ତୃତା ଓ ପ୍ରଶ୍ନୋତ୍ତର ମାଧ୍ୟମ - ଗାନ୍ଧିଜୀ ଶିକ୍ଷକମାନଙ୍କର ବକ୍ତୃତା ଓ ଛାତ୍ରଛାତ୍ରୀମାନଙ୍କର ପ୍ରଶ୍ନୋତ୍ତର ମାଧ୍ୟମକୁ ପାଠ୍ୟକ୍ରମରେ ରଖିବା ପାଇଁ ମତବ୍ୟକ୍ତ କରିଥିଲେ ।

୮. ଶୃଙ୍ଖଳା ଜ୍ଞାନ - ଏହାକୁ ଶିକ୍ଷା ନୀତିରେ ପ୍ରଧାନ ସ୍ଥାନ ଦେଇଛନ୍ତି । ଶୃଙ୍ଖଳା ଜ୍ଞାନ ଦ୍ୱାରା ଶିଶୁ ନିଜକୁ ନିଜେ ଶୃଙ୍ଖଳିତ ରଖି ପାରିବ । ସେ ଆହୁରି କହିଛନ୍ତି ଯେ ଶୃଙ୍ଖଳା ବ୍ୟକ୍ତି କୈନ୍ଦ୍ରିକ ନହୋଇ ସମାଜ କୈନ୍ଦ୍ରିକ ହେବା ବିଧେୟ । ବିଶେଷ ଭାବେ ଗାନ୍ଧିଜୀ ନାରୀ ଶିକ୍ଷା ଉପରେ ବିଦେ ଗୁରୁତ୍ୱ ଦେଇଥିଲେ । ସେ କହନ୍ତି ନାରୀ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ ଏବଂ ସମାଜ ଶିକ୍ଷିତ ହେଲେ ସର୍ବୋପରି ଦେଶ ଶିକ୍ଷିତ ହୋଇପାରିବ । ତେଣୁ ନାରୀ ଶିକ୍ଷା ଏକାନ୍ତ ପ୍ରୟୋଜନ ବୋଲି କହିଛନ୍ତି ।

ସେହିପରି ଗାନ୍ଧିଜୀ ଧର୍ମକୁ ସର୍ବଦା ସମ୍ମାନ ଦେଇ ଆସିଛନ୍ତି । ଧର୍ମ ବିନା ଜୀବନ, ନୀତି ହୀନ ଜୀବନ ସଦୃଶ୍ୟ ବୋଲି କହିଛନ୍ତି । ତେଣୁ ତାଙ୍କ ମତରେ ବିଦ୍ୟାଳୟରେ ଧର୍ମ ସମ୍ବନ୍ଧୀୟ ଶିକ୍ଷା ଦିଆଯିବା ଆବଶ୍ୟକ । ଗାନ୍ଧୀଜୀଙ୍କ ଶିକ୍ଷା ନୀତିରେ ଆଦର୍ଶବାଦ, ପ୍ରକୃତିବାଦ ଓ ପ୍ରୟୋଗବାଦର ସମନ୍ୱୟ ଘଟିଛି । ମୌଳିକ ଶିକ୍ଷା ଦ୍ୱାରା ବିଦ୍ୟାର୍ଥୀ ଏକ ପ୍ରକୃଷ୍ଟ ସାଧନ । ଶିଶୁର ଜୀବନକୁ ସରସ, ସୁନ୍ଦର କରି ଗଢ଼ି ତୋଳିଥାଏ । ଚରିତ୍ର ଗଠନ ଶିକ୍ଷାର ଏକ ମୂଳ ଲକ୍ଷ ଅଟେ । ଶିଶୁ ଭବିଷ୍ୟତରେ କେମିତି ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରିବ, ସେଥିପ୍ରତି ଦୃଷ୍ଟି ରଖି ଶିକ୍ଷାନୀତିକୁ ଚୟନ କରିବା ଉଚିତ୍ ବୋଲି ଗାନ୍ଧିଜୀ କହିଛନ୍ତି । ମୌଳିକ ଶିକ୍ଷା ସ୍ୱଦେଶ ପ୍ରୀତିଭାବ, ମାନବିକ ଓ ବିଶ୍ୱ ଭାତୃତ୍ୱର ଭାବ ଉଦ୍ରେକ କରିଥାଏ । ଏସବୁ ଥିଲା ମହାତ୍ମା ଗାନ୍ଧୀଙ୍କର ଶିକ୍ଷାନୀତିର ମୂଳ ଉଦ୍ଦେଶ୍ୟ ।

ମେଲଛାମୁଣ୍ଡା, ବରଗଡ଼ ।

# ତେଲିଆ ମୁଣ୍ଡରେ ତେଲ

- ବାସନ୍ତୀ ଲତା ଜେନା

ମଣିଷ ଜଣେ ସାମାଜିକ ପ୍ରାଣୀ । ସେ ସମାଜକୁ ନେଇ ବାସ କରେ । ଚଳ ପ୍ରଚଳ ହୁଏ । ସାହି ପଡ଼ିଶାରେ ଭଲ ମନ୍ଦରେ ସହଭାଗି ହୁଏ । ବିପଦ ଆପଦରେ ବନ୍ଧୁ ବାନ୍ଧବଙ୍କ ଦ୍ୱାରେ ଠିଆ ହୁଏ । ଭଗବାନ ସିନା ମଣିଷକୁ ସୃଷ୍ଟି କଲେ, କିନ୍ତୁ ମନୁଷ୍ୟ ବିଭେଦ ସୃଷ୍ଟି କଲା । ଉଚ୍ଚ ନୀଚର ଭେଦଭାବ ଧନୀ ଗରୀବର ଭେଦଭାବ । ମିଛ ଦୁନିଆରେ ସମସ୍ତେ ସ୍ୱାର୍ଥପର । ବର୍ତ୍ତମାନ ଦୁନିଆରେ ଧନୀ ଲୋକଙ୍କୁ ସମସ୍ତେ ଆଦର କରନ୍ତି, ସମ୍ମାନ ଦିଅନ୍ତି ସବୁ ପ୍ରକାର ସୁଖ ସୁବିଧା ତାକୁ ମିଳିଥାଏ । ସରକାରୀ ଯୋଜନା ଯାହା ଗରୀବଙ୍କ ପାଇଁ ତିଆରି ହୁଏ । ସେ ଗରୀବ ବିଚରା ପାଏନାହିଁ । ଧନୀ ବ୍ୟକ୍ତି ମିଛ ସାର୍ଟିଫିକେଟ ଦେଇ ସବୁ ଯୋଜନାର ଭରପୁର ଫାଇଦା ଉଠାଏ । ଧନୀ ପାଏ ବିପିଏଲ କାର୍ଡ଼ର ସମସ୍ତ ସୁବିଧା । କିନ୍ତୁ ଗରୀବ ଲୋକଟି ଶିକ୍ଷା ଦୀକ୍ଷା ଅଭାବରୁ ସେ ଅନ୍ୟର ସାହାଯ୍ୟ ନେଇ କାମ କରିବାକୁ ଚାହେଁ । କିଏ ତାଙ୍କୁ ଟଙ୍କା ମାଗନ୍ତି ତ କିଏ ତାଙ୍କୁ ହଁ କରିଦେବି କହି ମାସ ମାସ ବର୍ଷ ବର୍ଷ ବିତାଇ ଦିଅନ୍ତି । ଗରୀବ ଲୋକଟି ଅଫିସକୁ ଅଫିସ ବାରମ୍ବାର ଦୌଡ଼ି ସେ ନିସ୍ତେଜ ହୋଇଯାଏ । ତା'ର ମନୋବଳ ଭାଂଗିଯାଏ । ସେ ଭୋକ ଉପାସରେ ଦିନକାଟେ । ଏଠି ତେଲିଆ ମୁଣ୍ଡରେ ତେଲ ମରାଯାଏ । ଗରୀବ ନୁଖୁରା ମୁଣ୍ଡଟି ପାଏ ନାହିଁ ଟୋପାଏ ତେଲ । କାଳିଆ ଯୋଜନା କୁହ ବା ମମତା ଯୋଜନା କୁହ ବା ଜନନୀ ସୁରକ୍ଷା ଯୋଜନା ସବୁଠି ହେରଫେର ହୁଏ ।

ଇନ୍ଦିରା ଆବାସ ଯୋଜନାରେ ଗରୀବ ଲୋକଙ୍କୁ ଟଙ୍କା ମିଳେ ଘରକରିବା ପାଇଁ । କିନ୍ତୁ ପ୍ରକୃତରେ ପାଇବାର ଯୋଗ୍ୟ ଯିଏ ସେ ପାଏ ନାହିଁ । ସେ ଟଙ୍କା ଯାଏ ଧନୀର ଖାତାକୁ । ଧନୀ ଶିକ୍ଷିତ ବ୍ୟକ୍ତି କଳେବଳେ କାମ ହାସଲ କରିନିଏ । ଗରୀବ ବିଚରା ଚାହିଁ ରହିଥାଏ ଶୂନ୍ୟ ଆକାଶକୁ ।

ବହୁ ସମୟରେ ଦେଖା ଯାଇଛି ପ୍ରକୃତ ହିତାଧିକାରୀ ଉପକୃତ ହୋଇ ପାରେନାହିଁ । ସେ ଗରୀବର ସୀମାରେଖା ତଳେ ଜୀବନ ଯାପନ କରୁଛି । କିନ୍ତୁ ଧନୀ ବ୍ୟକ୍ତି ସବୁ ପ୍ରକାର ସୁବିଧା ପାଇ କାଳ କାଟୁଛି । କହିବା କାହାକୁ ? ଏ ତ ଆମ ସ୍ୱାର୍ଥାନ୍ୱେଷୀ ସମାଜର କଥା ।

ଗାନ୍ଧୀନଗର, ନବରଙ୍ଗପୁର ।



# ଏ ସମୟ ରହିବ ନାହିଁ

- ସରୋଜ କୁମାର ଜେନା

ବଡ଼ ଅଭାବରେ ଚଳୁଥାନ୍ତି ନିଧି ରାଉତ ଓ ତା'ର ସ୍ତ୍ରୀ ସୁଷମା ବାରିକ ବୟସର ଶେଷ ପାହାଚରେ ଉଭୟ ପାଦ ଥାପି ବଂଚୁଥିଲେ । ପିଲା ବୋଲେ କେବଳ ଗୋଟିଏ ଝିଅ । ଯାହାକୁ ସେମାନେ ବିବାହ କରି ସାରିଥିଲେ । ପୁଅଟିଏ ଭଗବାନ ତାଙ୍କ କୋଳରେ ଦେଇନଥିଲେ । ହଠାତ ଦିନେ ତାଙ୍କ ପୁତୁରା ଶଙ୍କର ବାରିକ । ପାଖ ଗାଁ ସାଆନ୍ତରାପୁର ଗ୍ରାମର ଜଣେ ଯୁବକଙ୍କୁ ଯାଇ ଭେଟିଲା । ଭେଟି ତାଙ୍କୁ ପ୍ରଣାମ କଲା । ଆଉ କହିଲା ଆଜ୍ଞା ଆପଣଙ୍କ ପାଖରେ ଗୋଟିଏ କାମ ଅଛି । ସେଠୁ ସେ ବାବୁ ଜଣକ କହିଲେ କ'ଣ ମୋ ପାଖରେ କିଛି କାମ ଅଛି । ଆପଣ ସମରେଶ ରାଉତ କି ? ମୁଁ ଶୁଣିବାକୁ ପାଇଲି ଆପଣ କୁଆଡ଼େ ସାମ୍ବାଦିକତା କରୁଛନ୍ତି । ଏହା ଶୁଣି ସେ ଯୁବକ ଜଣକ କହିଲେ ହଁ ଆଜ୍ଞା ମୁଁ ସାମ୍ବାଦିକତା କରେ । ମୁଁ ସମରେଶ । ଏହା ଶୁଣି ଶଙ୍କର କହିଲା ଆଜ୍ଞା ବଡ଼ ଅସୁବିଧାରେ ଆମେ ପଡ଼ି ଯାଇଛୁ । ଏହା ଶୁଣି ସମରେଶ କହିଲା କିଛି ଅସୁବିଧା ହୋଇଛି କି ?

ଶଙ୍କର କହିଲା ଆଜ୍ଞା ହଁ । ସମରେଶ କହିଲା ଆପଣଙ୍କ ଘର କେଉଁଠି । ଶଙ୍କର କହିଲା ଆମ ଘର ଆପଣଙ୍କ ଏହି ସାଆନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ଆପଣଙ୍କ ପାଖ ଗାଁ ହରିଠା ଶାସନ । ଏହା ଶୁଣି ସମରେଶ କହିଲା ତାହେଲେ ଆପଣ ଆମ ପଡ଼ୋଶୀ ଗାଁର । ହଉ ଠିକ୍ ଅଛି ଅସୁବିଧା କ'ଣ କୁହ ?

ଏହା ଶୁଣି ଶଙ୍କର କହିଲା ଆଜ୍ଞା ମୋର ଦାଦା ଆଉ ଖୁଡ଼ି ବାର୍ଦ୍ଧକ୍ୟରେ ଆସି ଉପନୀତ ହେଲେଣି । ସରକାରଙ୍କ ଭତ୍ତା ଯାହା ମିଳୁଛି ତାହା ଉପରେ ଉଭୟ ନିର୍ଭର କରି ଚଳନ୍ତି । ସେମାନଙ୍କ ମଧ୍ୟରୁ ମୋ ଦାଦା ନିଧି ବାରିକଙ୍କୁ ଭଲ ଭାବରେ ଆଖିକୁ ଦେଖା ଯାଉନାହିଁ । ନିଜେ ମଧ୍ୟ ଅକ୍ଷମ ଲୋକ ଆଶା ବାଡ଼ି ଧରି ଚାଲୁଛନ୍ତି । ଖୁଡ଼ି ଜଣେ ପକ୍ଷାଘାତ ରୋଗୀ । ତାଙ୍କର ପୁଅ ପାତି କେହି ନାହାନ୍ତି । ଗୋଟିଏ ଯେ ସେ ବିବାହିତା । ସେ ଏମାନଙ୍କୁ ମଧ୍ୟ ଭଲରେ ପଚାରୁ ନାହିଁ । ଏହା ଶୁଣି ସମରେଶ କହିଲା ଅସଲ କଥା କ'ଣ ହୋଇ ମୋତେ ଖୋଲି କରି କୁହ ।

ଏହା ପରେ ଶଙ୍କର କହିଲା ସତ କଥା ହେଉଛି ଆଜ୍ଞା ଏମାନେ ସରକାରଙ୍କ ଯୋଜନାରୁ ବଂଚିତ ହୋଇ ଚଳୁଛନ୍ତି । ଇନ୍ଦିରା ଆବାସ ଖଣ୍ଡେ ମିଳିଲାନି ଓ ଏମାନଙ୍କ ରାସନ କାର୍ଡ଼କୁ ମଧ୍ୟ କାଟି ଦେଇଛନ୍ତି । ଯାହା ମୋ ଠାରୁ ଦୁଇବେଳା କିଛି ଖାଇ ବଂଚୁଛନ୍ତି । ଏମିତିରେ ମୁଁ ଜଣେ ଦିନ ମଜୁରିଆ । ଯାହା କିଛି ରୋଜଗାର କରେ ତାହା ମୋ ପରିବାରକୁ ନିଅଣ୍ଟ । ଏଥିରେ ଏହି ଦୁଇ ଜଣ ମୋ ଉପରେ ନିର୍ଭର କରି କେତେ ଦିନ ଆଉ ଚଳିବେ ।

ସମରେଶ କହିଲା - ଏହି କଥା ତୁମେ କାହାକୁ ଜଣେଇଥିଲ କି ? ଏହା ଶୁଣି ଶଙ୍କର କହିଲା - ହଁ ଆଜ୍ଞା ଆମ ସରପଂଚଙ୍କୁ ଜଣାଇଥିଲୁ । ସେ କିଛି ଶୁଣିଲେ ନାହିଁ । ଏହା ପରେ ଦଧି ବାମନପୁର ବ୍ଲକ ଅଫିସରେ ଜଣାଇଲି କେହି ଏହାକୁ ଶୁଣିଲେ ନାହିଁ । ଶେଷରେ ଆପଣଙ୍କୁ ଗୁହାରି କରୁଛି ।

ଆପଣ ଯଦିଓ ଏହାକୁ ସାମ୍ବାଦିକତା ମାଧ୍ୟମରେ ଲୋକ ଲୋଚନକୁ ଆଣିବେ ଯାହା କିଛି ସୁଫଳ ମିଳିପାରିବ ବୋଲି ମୋର ଆଶା । ଏହା ଶୁଣି ସମରେଶ କହିଲା ହଉ ତୁମେ ଚିନ୍ତା କରନି । ନିଶ୍ଚିତ ଏହାକୁ ମୁଁ ଲୋକ ଲୋଚନକୁ ଆଣିବି । ଏମିତିରେ ଏହା ପରଦିନ ଗଣମାଧ୍ୟମରେ ପ୍ରଚାର ହେଲା ଏହି ଅସହାୟ ଲୋକଙ୍କର କରୁଣ କାହାଣୀ । ଏହା ଦେଖିଲା ପରେ ଦୁଇଦିନ ପରେ ସାଆନ୍ତରାପୁର ପଞ୍ଚାୟତ ସରପଂଚ ଗୁଣନିଧି ପରିଡ଼ା ହଠାତ୍ ଗୋଟେ ଦିନ ସମରେଶଙ୍କୁ ଡାକି ପଚାରିଲା । ଏହି ସବୁ କ'ଣ ତୁ ଗଣମାଧ୍ୟମକୁ ଦେଇଛୁ । ଏହା ଶୁଣି ସମରେଶ କହିଲା ହଁ ଏହାକୁ ମୁଁ ଦେଇଛି । ଆପଣଙ୍କର କ'ଣ କିଛି ଅସୁବିଧା ହେଉଛି କି ? ଏହା ଶୁଣି ସରପଂଚ କହିଲା ଅସୁବିଧାରେ ପକାଇ ମୋତେ ପୁଣି ପଚାରୁଛୁ କ'ଣ ଅସୁବିଧା ହୋଇଛି ? କିଛି ଜାଣି ପାରୁନୁ ଅଜଣା ଚାଉଳ ଭାତ ଖାଉଛୁ । ଏହା ଶୁଣି ସମରେଶ ପ୍ରତି ଉତ୍ତର ରଖିଥିଲା । ଆପଣଙ୍କ ଆଖିକୁ କ'ଣ କିଛି ଦେଖାଯାଉନି । ଆମ ପଂଚାୟତରେ ଦୁର୍ନିତିର ଚେର ଭାରି ଲମ୍ବି ଗଲାଣି । ଶେଷରେ ଆପଣ ଗୋଟିଏ ବୃଦ୍ଧାର ଏହି ଅବସ୍ଥା କରିଛନ୍ତି । ଏହା କହି ସେ ଦିନ ସେଠାରୁ ସମରେଶ ଚାଲିଆସିଥିଲା ।

ଆଉ ଏହାର କିଛି ଦିନ ପରେ ହଠାତ୍ ସନ୍ଧ୍ୟା ସମୟ ଗାଁ ମୁଣ୍ଡ ନାଳ ପୋଲ ପାଖରେ ସମରେଶ ଆଉ ତାର ବନ୍ଧୁ ରଘୁନାଥ ବସି କଥା ହେଉଥିଲେ ଠିକ୍ ଏହି ସମୟରେ କିଛି ଦୂରରେ ବସି ମଦ୍ୟାପଦ କରୁଥିଲେ ସାଆନ୍ତରାପୁର ସରପଂଚ ଗୁଣନିଧି ପରିଡ଼ା ଆଉ କିଛି ଗୁଣ୍ଡା ଶ୍ରେଣୀର ଲୋକ । ସେମାନେ ସମରେଶଙ୍କୁ ଦେଖି ତା ପାଖକୁ ଯାଇ ଗାଳି ଗୁଲଜ କରି କହିଥିଲେ । ଏହା ଶୁଣି ସମରେଶ କହିଲା ତୁମେ ସବୁ କ'ଣ କହି ଦେଇ ଯାଉଛ । ମୁଁ ବୁଝି ପାରୁନି । ଏହା କିନ୍ତୁ ଦୂରରେ ଥାଇ ସରପଂଚ ସବୁ ଦେଖୁଥାଏ । କିନ୍ତୁ ସେ ଦିନ ଗୁଣ୍ଡାମାନେ ନିସ୍ତୋକ ମାଡ଼ ମାରିଥିଲେ ସମରେଶଙ୍କୁ । ଏହା ଦେଖି ରଘୁନାଥ ପଚାରିଲା ଆରେ ସାଂଗ ଏମାନେ ହଠାତ୍ ତୋତେ ମାଡ଼ ମାରି ଚାଲିଗଲେ । ଏହା ଶୁଣି ସମରେଶ କହିଲା ସାଂଗ ଏମାନେ ବୋଧେ ମୋ ସାମ୍ବାଦିକତାକୁ ସହି ପାରୁନାହାନ୍ତି । ମୁଁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛି ବୋଲି । ରଘୁନାଥ ଶୁଣି କହିଲା ହଁ ସେଇୟା ହୋଇଥାଇପାରେ । କିନ୍ତୁ ମନେ ରଖ ଏହି ଅନ୍ୟାୟ ଦୁର୍ନିତିର ସମୟ ଦିନେ ରହିବନାହିଁ । ତୁ ଦିନେ ଦେଖିବୁ ଏହାର ରାୟ ଦିନେ ଠାକୁର ନିଶ୍ଚିତ ଦେବେ । ଏମିତି ଦୁଇବର୍ଷ ବିତିଗଲା ଧୀରେ ଧୀରେ ସାଆନ୍ତରାପୁରର ପଂଚାୟତରେ ଆହୁରି ଦୁର୍ନିତି ବଢ଼ିବାରେ ଲାଗିଲା । ଏପଟେ କିନ୍ତୁ ସାମ୍ବାଦିକତା ମାଧ୍ୟମରେ

ସମରେଶ ନିଜ ପଂଚାୟତ ପାଇଁ ସ୍ୱର ଉତ୍ତୋଳନ କରି ଚାଲିଥାଏ । ହଠାତ୍ ଗୋଟେ ଦିନ ପୁଣି ସରପଂଚ ନିଜେ ସେହି ଗୁଣ୍ଡାମାନଙ୍କ ସହିତ ମିଶି ସମରେଶଙ୍କୁ ଜୀବନରୁ ମାରିଦେବାକୁ ବସିଥିଲା । ସେ ଦିନ ପାଖ ଗାଁ ହରିଠା ଶାସନରେ ରାମଲୀଳା ଚାଲିଥାଏ । ରାତିରେ ରାମଲୀଳା ଦେଖିବାକୁ ଯାଉଥାଏ ସମରେଶ ହଠାତ୍ ଲୁଚି ଗୁଣ୍ଡାମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ସରପଂଚ ସହିତ ମିଶି । କିନ୍ତୁ ସେଦିନ ସମରେଶ କହିଥିଲା ଶୁଣ ଗୁଣନିଧି ବାବୁ ଦିନ ଆସିବ ତୁମର ଏହି ସମୟ ରହିବନାହିଁ । ଦୁର୍ନୀତିର ଚେର ଦିନେ ନା ଦିନେ ଛିଡ଼ିବ । ସେଦିନ ଆମ୍ବ ବିକଳରେ ରକ୍ଷା କର ରକ୍ଷା କର କହି ଜୀବନ ରକ୍ଷା କରିବା ପାଇଁ ସମରେଶ ଦଉଡ଼ି ଦଉଡ଼ି ଆସୁଥାଏ । କିନ୍ତୁ ରାମଲୀଳା ଦେଖିବା ପାଇଁ କିଛି ଲୋକ ଆଉ ହରିଠା ଶାସନର ଶଙ୍କର ବାରିକ ଯାଇଥାନ୍ତି । ଏମାନଙ୍କୁ ଦେଖି ଗୁଣନିଧି ଆଉ ତା'ର ସହଯୋଗୀ ଗୁଣ୍ଡା ଖସି ପଳାଇଥିଲେ ।

କିନ୍ତୁ ସେଦିନ ଶଙ୍କର ବାରିକ ସମରେଶଙ୍କୁ ତୁରନ୍ତ ମେଡ଼ିକାଲ ନେଇ ଭର୍ତ୍ତି କରି ଭଲ କରାଇଥିଲେ । ବାଟରେ ଗଲାବେଳେ ଶଙ୍କର ବାରିକ ସମରେଶଙ୍କୁ କହିଥିଲା ବାବୁ ଦେଖିବ ତୁମ ଲଢ଼େଇ ଦିନେ ସଫଳ ହେବ ଆଉ ମୋ ବୃଦ୍ଧା ଦାଦା ଖୁଡ଼ିଙ୍କ ଆଶିଷ ତୁମ ଉପରେ ପଡ଼ିବ । ଆଉ ଏହି ସମୟ ଦିନେ ରହିବ ନାହିଁ । ପୁଣି ଥରେ ଆମ ପଂଚାୟତ ହସିଉଠିବ । ଏପଟେ ପଂଚାୟତ ଲୋକ କିନ୍ତୁ ଧୀରେ ଧୀରେ ସମରେଶଙ୍କୁ ମିଶେଇବାରେ ବସିଲେ । ଆଉ ଏକଦା ଏହି କଥା ଭିଜିଲାନ୍ସକୁ ଜଣାଇଲେ । କିନ୍ତୁ ସରକାର ଚାପ ପକାଇ ସେଥିରୁ ମୁକୁଳି ଯାଉଥିଲା ଗୁଣନିଧି ସରପଂଚ । ହଠାତ୍ କିନ୍ତୁ କିଛିଦିନ ପରେ ଗୁଣନିଧି ଯେଉଁ ଗୁଣ୍ଡାମାନଙ୍କ ସହିତ ମିଶି ସବୁ ଦୁର୍ନୀତି କରୁଥିଲା ସେଥି ମଧ୍ୟରୁ ଦୁଇ ଜଣକ ଇନ୍ଦିରା ଆବାସକୁ କାଟି ଦେଇଥିଲା ଗୁଣନିଧି ସରପଂଚ । ଏହି କଥା ଜାଣି ସେହି ଗୁଣ୍ଡା ଶ୍ରେଣୀର ଲୋକ ସମରେଶ ପାଖରେ ପହଂଚିଲେ । ଆଙ୍କୁ ଦେଖି ସେ ଦିନ ପୁଣି ଭୟଭୀତ ହୋଇ ଦଉଡ଼ି ପଳାଇଲାବେଳେ ସମରେଶ କିନ୍ତୁ ସେହି ଦୁଇଜଣ ଧରି ପକାଉଥିଲେ । ଆଉ କହିଲେ ସମରେଶ ବାବୁ ଆମର ଭୁଲ ହୋଇଛି । ତୁମେ ଆମକୁ କ୍ଷମା କର ଆମେ ଆଜି ତୁମକୁ ମାରିବା ପାଇଁ ନୁହେଁ ତୁମ ସହିତ ହାତ ମିଶାଇବା ପାଇଁ ଆସିଛୁ । ସେ ଗୁଣନିଧି ଆମର ମଧ୍ୟ ଇନ୍ଦିରା ଆବାସ କାଟି ଦେଇଛି । ଯାହା ପାଇଁ ଆମେ ଏତେ କଲୁ ସେ ଆମ ସହିତ ଏପରି ଖେଳ ଖେଳିବା ପାଇଁ ପଛେଇଲା ନାହିଁ । କିନ୍ତୁ ମନେ ରଖନ୍ତୁ ଏହି ସମୟ ତାର ଆଉ ରହିବ ନାହିଁ । ସେ କେତେଦିନ ଗାଦିରେ ବସିବ ଆମେ ଦେଖିବୁ । ଆଉ ଶୁଣନ୍ତୁ ଆମେ ଗୋଟିଏ ପ୍ଲାନ କରିଛୁ । ପ୍ଲାନ ମୁତାବକ ତାକୁ ଫସେଇ ଦେବା । ସବୁ ସେମାନେ ସମରେଶ କାନରେ କହିଲେ । ପ୍ଲାନ ମୁତାବକ ପୂର୍ବଭଳି ସେହି ଦୁଇ ଗୁଣ୍ଡା ଶ୍ରେଣୀର ଲୋକ ଯାଇ ଗୁଣିନିଧି ସହିତ ମିଶିଲେ । ଏପଟେ ପଂଚାୟତ ଅଫିସରେ କିଛି ସମୟପରେ ଭିଜିଲାନ୍ସ ଦଳ ପୋଲିସ ସହ ଆସି ପହଂଚିଲେ ଇନ୍ଦିରା ଆବାସ କରେଇବା ପାଇଁ ସେହି ଦୁଇ ଗୁଣ୍ଡାଙ୍କ ଠାରୁ ପଇସା ନେଲାବେଳେ । ଭିଜିଲାନ୍ସ ହାତରେ ଗୁଣନିଧି ଗିରଫ ହୋଇ ଜେଲ ଗଲା । ଏହି ସମୟରେ ଦୁଇ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଆଉ ସମରେଶ ଗୁଣନିଧି ସରପଂଚକୁ କହିଲେ ଦେଖିଲ ଏହି ସମୟ ରହିଲାନାହିଁ । ଏପଟେ ଗାଆଁ ଲୋକ ରୁଣ୍ଡ ହୋଇଯାଇଥାନ୍ତି । ସମସ୍ତେ ଚାତକ ହୋଇ ଦେଖୁଥାନ୍ତି । ଗିରଫ ହୋଇ ଯିବା ପୂର୍ବରୁ ଗୁଣନିଧି ସରପଂଚ କହିଲା ତୁ ଠିକ୍ କହୁଥିଲୁ ସମରେଶ ଏହି ସମୟ ମୋର ରହିଲାନାହିଁ ।

ଶେଷରେ ଗରିଫ ହୋଇ ଗୁଣନିଧି ସରପଂଚ ଜେଲ୍ ଗଲା ସଆନ୍ତରାପୁର ପଞ୍ଚାୟତ ହସିଉଠିଲା । ଆଉ ସମରେଶ ଜନ ସାଧାରଣ ମାନଙ୍କୁ କହିଲା ସମୟକୁ ଅପେକ୍ଷା କର ସବୁ କାର୍ଯ୍ୟରେ । ସବୁବେଳେ ସମୟ ପରିବର୍ତ୍ତନ ହୋଇଥାଏ । ଯେମିତି ଏହି ସମୟ ରହିଲାନାହିଁ । ସେମିତି ମଣିଷ ଜୀବନରେ ସବୁ ସମୟ ରହିବନାହିଁ । ଏହା ଶୁଣି ଗାଆଁ ବାଲା କହିଲେ ତୁମେ ଠିକ୍ କହିଚ ସମରେଶ ବାବୁ । ସମୟ ପରିବର୍ତ୍ତନଶୀଳ ଏ ସମୟ ରହିବ ନାହିଁ ।

ବାଲିଝରୀ, ନରସିଂହପୁର, କଟକ ।

# ଅକୁହା ମାତୃତ୍ୱ

– ଗାଳ୍ପିକ କେଶବ ଚନ୍ଦ୍ର ନାୟକ

ଆକାଶରେ ସିନ୍ଦୁରା ଫାଟିଲା । ସବୁଦିନ ପରି ସକାଳ ହେଲା । ଭୁବନେଶ୍ୱର ନଗର ଧୀରେଧୀରେ ଚଳଚଞ୍ଚଳ ହେବ । ଭୁବନେଶ୍ୱରର ଏକ ଗଳିରେ ସଫେଇ କର୍ମଚାରୀଙ୍କ ବସ୍ତି । ବସ୍ତିଟା ଅଧିକାଂଶରେ ନୂଆଣିଆ କୁଡ଼ିଆ, ପଲିଥିନ୍ ଆବୃତ୍ତ, କାହାର କାହାର ଟିଣ ଛପର ପଡ଼ିଛି । ଘର ମୁହଁରେ ଲମ୍ବା ଲମ୍ବା ଚିତ ଉଞ୍ଚର ଝାଡୁ । ଅଳିଆ ବୋହିବା ଠେଲାଗାଡ଼ି । ବସ୍ତିରେ କିଛି ବୁଲା କୁକୁର କିଛି ରାସ୍ତାରେ ପଡ଼ି ରହନ୍ତି । ଅଚିହ୍ନା ଲୋକ ସେଇ ବସ୍ତିକୁ ଗଲେ କୁକୁର ଭୋ ଭୋ ଭୁକନ୍ତି । ଭୁବନେଶ୍ୱର ନଗରଟି ପ୍ରତିଟି ମୁହୂର୍ତ୍ତରେ ବଦଳୁ ଥିଲେ ମଧ୍ୟ ଏହି ସୁଇପର ବସ୍ତିଟା ଯେମିତି ସେମିତି ରହିଛି । କୌଣସି ବିକାଶର ପଦ ଚିହ୍ନ ନାହିଁ । ଏଇ ଝାଡୁଦାରମାନେ ପ୍ରତି ଦିନ ବ୍ରହ୍ମ ମୁହୂର୍ତ୍ତରେ ଉଠନ୍ତି, ବିଭିନ୍ନ ଗଳି କନ୍ଦିକୁ ଯାଇ ଅଳିଆ ଆବର୍ଜନା ସଫା କରନ୍ତି । ସେମାନେ ସର୍ବଦା କର୍ମ ତତ୍ପର । ସେମାନଙ୍କ ଯୋଗୁଁ ନଗରଟି ସଫା ସୁତରା । ନାଳ ନର୍ଦ୍ଦମା ଗନ୍ଧମୁକ୍ତ । ସଫେଇ କର୍ମଚାରୀମାନଙ୍କ ଏହି ମହାନ କର୍ମ ପାଇଁ ସହରୀ ଲୋକମାନେ ବ୍ୟାଧିମୁକ୍ତ ।

ସେଦିନ ବ୍ରହ୍ମ ମୁହୂର୍ତ୍ତରୁ ଉଠି ଜଗା ନାଇକ ଓ ତା' ସ୍ତ୍ରୀ ରତନୀ ହାତେ ଝାଡୁ ଉଠେଇ ଠେଲା ଗାଡ଼ି ଧରି ଦୁହେଁ ବାହାରି ପଡ଼ିଲେ ହାଉସିଂ କଲୋନୀ ଅଭିମୁଖେ । ସେ ଦୁହିଁଙ୍କୁ ଡିଉଟି ପଡ଼ିଛି ବରମୁଣ୍ଡା ହାଉସିଂ କଲୋନୀରେ । ପାହାନ୍ତାରୁ ଉଠି ରାସ୍ତାରେ ଅଳିଆ ଝାଡୁ କରିବା, ଅଳିଆ ଉଠାଇବା କାମ । ରତନୀ ଝାଡୁ କରେ ଆଉ କିଛି ମହିଳାମାନଙ୍କ ସାଥିରେ । ପୁରୁଷ ଝାଡୁଦାରମାନେ ଠେଲା ଗାଡ଼ିରେ ଆବର୍ଜନାକୁ ଉଠାଇ ଗୋଟିଏ ଜାଗାରେ ଜମା କରନ୍ତି । ସବୁ ଅଳିଆକୁ ବଡ଼ ଗାଡ଼ିରେ ନିଆଯାଇ ଡମ୍ପିୟାର୍ଡ଼କୁ ଗଦେଇବା ପାଇଁ । ଏହା ଝାଡୁଦାରମାନଙ୍କ ନିତି ଦିନିଆ କାମ । ପୁରୁଷମାନେ ନର୍ଦ୍ଦମାରୁ ପ୍ଲାଷ୍ଟିକ , ବୋତଲ, ଜରି ,ଏବଂ ଅନ୍ୟାନ୍ୟ ଆବର୍ଜନା କୋଦାଳରେ ଉଠାନ୍ତି । ମଶା ତେଲ ସ୍ପ୍ରେ କରନ୍ତି, ବ୍ଲିଚିଂ ପାଉଡ଼ର ସିଂଚନ କରନ୍ତି । ଅଳିଆ ଏଣେତେଣେ ନଫୋପାଡ଼ିବା ପାଇଁ ପ୍ରତି ସ୍ଥାନରେ ବଡ଼ ବଡ଼ ଡଷ୍ଟବିନ୍ ରହିଛି । ଡଷ୍ଟବିନରେ ଆବର୍ଜନା ପକାଇବା ପାଇଁ ମଧ୍ୟ ସଚେତନ କରାଯାଉଛି । ଯିଏ ଅମାନିଆ ହୁଏ ବିଏମସି ତରଫରୁ ଫାଇନ୍ ପଡ଼େ । ତେଣୁ ସହର ବା ନଗରକୁ ଆବର୍ଜନାମୁକ୍ତ ଏବଂ ପରିଷ୍କାର ରଖିବା ପାଇଁ ସବୁ ନାଗରିକମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ । ରତନୀ ସେଦିନ ସକାଳୁ ସକାଳୁ ଝାଡୁ ମାରୁ ମାରୁ ଡଷ୍ଟବିନ୍ ଭିତରେ କୁଆଁ କୁଆଁ ରଡ଼ି କ୍ଷୀଣ କଣ୍ଠରେ ଭାସି ଆସୁଛି । ସେ ପାଖକୁ ଗଲା ଦେଖିଲା ଆବର୍ଜନା କୁଣ୍ଡରେ ଗୋଟିଏ ଚଦର ଭିତରେ ସଦଜାତ ଛୁଆଟି ପଡ଼ି କାନ୍ଦୁଛି । ଦୁଇ ହାତରେ ଟେକି ଦେଖିଲା ପୁଅ ପିଲାଟି । ଭାରି ଗୁଲୁଗୁଲିଆ ଚେହେରା, ରତନୀ ଦେଖିଲା କେଉଁଠି କିଏ ଦେଖିବା ଆଗରୁ ସେ କାନି ପଣତରେ ଘୋଡ଼ାଇ ଦେଲା । ଜଗା ପାଖକୁ ଆନନ୍ଦ ମନରେ ଯାଇ କହିଲା ବୁଝିଲ ଅଳିଆ ଡବାରେ କିଏ ଛୁଆଟିକୁ ଜନ୍ମ କରି ଫୋପାଡ଼ି ଦେଇଛି । କ'ଣ କରିବା । ଜଗା ଚାରି ଆଡ଼େ ଚାହିଁଲା । କାଳେ କିଏ ଦେଖିଲେ କଥାଟା ପ୍ରଘଟ ହୋଇଯିବ । ସେ କହିଲା ରତନୀ ତୁ ଘରକୁ ଯାଆ ତୋର ଆଜି କାମ କରିବାର ନାଇଁ । ଛୁଆଟିକୁ କ୍ଷୀର ପାନ ଦେବୁ ଯତ୍ନ କରିବୁ । ମୁଁ ଆଜି ସଫେଇ କାମ କରିବି । ରତନୀ ପିଲାଟିକୁ ଧରି କାଳ ବିଳମ୍ବ ନକରି ବସ୍ତିକୁ ଚାଲିଗଲା ।

ସଫା କରିବା ପାଇଁ ଅନ୍ୟାନ୍ୟ ମହିଳା ଏବଂ ପୁରୁଷମାନେ ଟିକେ ବିଳମ୍ବରେ ପହଂଚିଲେ । ଜଗାକୁ ପଚାରିଲା ସୁପରଭାଇଜର ରତନୀ କାହିଁ? ଜଗା କହିଲା ତାର ଦେହ ଭଲ ନାହିଁ ସେ ଆଜି କାମ କରିପାରିବ ନାହିଁ । ଜଗା ଘରକୁ ଗଲା । ଦେଖିଲା ରତନୀ ପିଲାଟିକୁ ପାଖରେ ଧରି ଶୋଇଛି । ମୁହଁରେ କ୍ଷୀର ବୋତଲଟା ଚୁଚୁମେଇଛି । ଜଗା ମନରେ ଖୁସୀ ବାହା ହେବାର ସାତ ବରଷ ବିତିଲାଣି ରତନୀ କୋଳରେ ଛୁଆଟିଏ ନାହିଁ । ଏଥିପାଇଁ ରତନୀ ବାର ଦିଆଁ ଦେବତାକୁ ଡାକେ । ଈଶାଣରେ ମଂଗଳା ମାଆକୁ ନିତି ଡାକେ । ପୂଜା କରେ । କାକୁ ଆସିଲାପରେ ସିନାନ କରି ତୁଳସୀ ଚଉରାରେ ପାଣି ଢ଼ାଳେ । ସୂର୍ଯ୍ୟ ଦେବତାଙ୍କୁ ପାଣି ଆଞ୍ଜୁଳି ଟେକେ । ମଗୁଶୁର ମାସ ପ୍ରତି ଗୁରୁବାରରେ ସୁଦଶା ବରତ କରେ । ମାଆ ଲକ୍ଷ୍ମୀକୁ କେତେ କାକୁତି ମିନତି କରି ରତନୀ ଦୁଃଖ ଜଣାଏ ସନ୍ତାନସନ୍ତତି ପାଇଁ । ନିଜର ନହେଲା ନାଇଁ, ମାଆ ଶେଷରେ ରତନୀର ଦୁଃଖ ଶୁଣିଲେ । କୋଳକୁ ଛୁଆଟିଏ ମିଳିଲା । ଜଗା କାମରୁ ଫେରି ଗାଧୁଆ ପାଧୁଆ କଲା । ରତନୀ କ'ଣ ଦିଟା ପଖାଳ ବାଢ଼ି ଦେଲା । ଜଗା ଖାଇବା କଂସାରେ ବସି ପଚାରିଲା ରତନୀକୁ କିଏ କ'ଣ ସାଇ ପଡ଼ିଶାରେ ତତେ ପଚରା ଉଚରା କରୁଥିଲେ କି ? ରତନୀ କହିଲା – ହଁ । ପଚାରୁଥିଲେ । ମୁଁ କାହିଁକି ଡରିବି ସଫା ସଫା କହିଦେଲି ମତେ ରାସ୍ତା କଡ଼ରୁ ମିଳିଲା ମୁଁ ଆଣିଛି । ଜଗା ବି ରତନୀ କଥାରେ ମୁଣ୍ଡ ଟୁଙ୍ଗାରିଲା । ହଁ ଆମେ କ'ଣ ଚୋରୀ କରିଛେ ନା କ'ଣ ? ଆମ ଦୁଃଖ ଲକ୍ଷ୍ମୀ ମାଆ ଶୁଣିଲେ ।

ଜଗା ସକାଳେ ରାସ୍ତାରେ ଅଳିଆ ଆବର୍ଜନା ସଫା କରେ । ବାକି ସମୟ ରିକ୍ସା ଟାଣେ । ରତନୀ ଘରେ ବାଉଁଶ କାମ କରେ । କୁଲା ବୁଣେ, ଚାଂଗୁଡ଼ି ପାତିଆରେ ତିଆରି କରେ । ଝାଡୁ ମାରିଲେ ଦିନ ମଜୁରୀ ମିଳେ । ଆଜିକାଲି ଅଳିଆ ଆବର୍ଜନା ସଫାକରିବା ପାଇଁ ଠିକା ନିଆଯାଏ । ଦିନ ହାଜିରୀ । ଯେତେ ଦିନ କାମ କରିବ ସେତେ ଦିନର ମୂଲ ମିଳିବ । କୋଉ ରେଗୁଲାର ଚାକିରି ନା କ'ଣ । ଝାଡୁ ମାରିଲେ ଦିନକୁ ମଜୁରୀ ଦୁଇଶହ । ଦେହ ପା ଦୁଃଖରେ କାମ ବନ୍ଦ । କାମକୁ ନଗଲେ ମଜୁରୀ ବନ୍ଦ । ସହରରେ ଏତିକିରେ କ'ଣ ଅଣ୍ଟୁଛି କି ? ଜଗା ବଳକା ସମୟର ରିକ୍ସା ଟାଣି ଶହେ ଦିଶହ କମାଏ ।

ଆଉ ରତନୀକୁ କିଏ ଗରାଖ ଜୁଟିଲେ ପାଛିଆ, ଚାଲୁଣୀ, ଛଟିକି, କୁଲେଇ, ଚାଂଗୁଡ଼ି କିଛି ବିକ୍ରି ବଟା ହୁଏ । ଆଜି କାଲି ପ୍ଲାଷ୍ଟିକ ଯୁଗ ହେବାରୁ କୁଲାରୁ ଛାଞ୍ଚୁଣି ସବୁ ପ୍ଲାଷ୍ଟିକରେ ତିଆରି ହେଲାଣି । ବାଉଁଶ କାମକୁ କିଏ ପଚାରେ ? ଧୀରେ ଧୀରେ ବାଉଁଶ କାମର ଚାହିଦା କମି ଗଲାଣି । ତଥାପି ବିବାହ ବ୍ରତରେ ଲୋଡ଼ାପଡ଼େ ।

ରତନୀ ଏବେ ମାଆ ହୋଇଗଲା । ଯଶୋଦା ମାଆ । ତା ପୁଅକୁ ଶ୍ରଦ୍ଧାରେ କାହ୍ନୁ ଡାକେ । ଦିପ୍ରାଣୀ କୁଟୁମ୍ବ ଆଉ ଛୋଟ ପୁଅ କାହ୍ନୁ । କାହ୍ନୁ ଦିନକୁ ଦିନ ବଡ଼ ହେଲା । ପଡ଼ି ଉଠି ଚାଲିଲା । ରତନୀ ଆଉ ଜଗାର ଗୋଡ଼ ତଳେ ପଡ଼େନାହିଁ । କାହ୍ନୁକୁ ଦେଖିଲେ ପେଟ ପୁରିଯାଏ । କେତେ ଯତନରେ କାହ୍ନୁକୁ ଲାଳନ ପାଳନ କରନ୍ତି । ରତନୀ ଆଉ ଜଗା କାହ୍ନୁକୁ ସ୍କୁଲରେ ନାଁ ଲେଖେଇ ଦେଲେ । କାହ୍ନୁ ପାଠ ପଢ଼ିବ ସେ ପାଠ ପଢ଼ି ମଣିଷ ହେବ । ଜଗା ରତନୀ ପରି ମଇଳା ସଫା କରିବ ନାହିଁ । କି ବଡ଼ ହେଲେ ଝାଡୁ ମାରିବ ନାହିଁ । ଝାଡୁ ମାରିବା କି ଘୃଣ୍ୟ କାମ । ଏଥିରେ କ'ଣ ଇଜତ ଅଛି ? ମୁରୁଖ ଲୋକ ବୋଲି ଏଇ କୌଳିକ ବୃତ୍ତିରେ ବାଧ ବାଧକତାରେ କରିବାକୁ ପଡୁଛି ।

ସେଦିନ ରୁଚିକା ମାର୍କେଟରେ ଜଗା ଆଉ ରତନୀ ଲୁଗା ଦୋକାନରେ କାହ୍ନାକୁ ସାଂଗରେ ନେଇ ପେଣ୍ଟସାର୍ଟ କିଣୁଥିଲେ ।ସେହି ଦୋକାନରେ ହାଉସିଂ ବୋର୍ଡ଼ କଲୋନୀର ଜଣେ ନବ ବିବାହିତ ଯୁବତୀକୁ ରତନୀର ହଠାତ ସାକ୍ଷାତ ହେଲା । କପାଳରେ ସିନ୍ଦୂର, ହାତରେ ନାଲି ଚୁଡ଼ି, ନୂତନ ଶାଢ଼ିରେ ଅତି ସୁନ୍ଦର ଦିଶୁଥିଲା । ରତନୀ ସେ ଯୁବତୀକୁ ଚିହ୍ନେ । ସେ ଘରର ଅଳିଆ ସକାଳେ ସକାଳେ ଠେଲା ଗାଡ଼ିରେ ପକାଏ । ବେଳେବେଳେ ରତନୀକୁ ବାସି ପରଟା କି ରୁଟି ବଳି ପଡ଼ିଲେ ସକାଳେ ତାକୁ ଜରି ପୁଡ଼ିଆରେ ଗୁଡ଼େଇ ଦିଏ । ରତନୀ ଗରିବ ଲୋକ । ବାସି ରୁଟି ଅଣ୍ଟିରେ ଗୁଡେଇ ଘରକୁ ଆଣିଖାଏ । ଇତି ମଧ୍ୟରେ ସେ ଝିଅକୁ ବହୁ ଦିନ ହେଲା ଦେଖିନି ।

ଯୁବତୀ ଜଣକ କହିଲା ମତେ ତୁ ଚିହ୍ନିଲୁ ? ରତନୀ କହିଲା ମଲା ମୁଁ ତୁମକୁ କ'ଣ ଜାଣିନି ତୁମେ ପରା ହାଉସିଂ କଲୋନୀରେ ରୁହ । ରତନୀ ପଚାରିଲା ।ଆଜିକାଲି ମୁଁ ତୁମକୁ ଦେଖୁନି । ଯୁବତିଟି କହିଲା ମୁଁ ପାଂଚ ବର୍ଷ ହେଲା ବାହାହୋଇ ଆସିଲିଣି । ମୁଁ ଏବେ ରସୁଲ ଗଡ଼ରେ ରହୁଛି । ବାବୁ ଓଡ଼ିଆ ଅଧ୍ୟାପକ । ଯୁବତୀ ଜଣକ କହିଲା ଏଇଟା ତୋର ପୁଅ । ରତନୀ ଟିକେ ଡରି ଯାଇ କହିଲା ହଁ ହଁ ଏଇଟା ମୋର ପୁଅ କାହ୍ନା । ପାଠ ପଢୁଛି ସରସ୍ୱତୀ ଶିଶୁ ମନ୍ଦିରରେ । କାଲିକି ସରସ୍ୱତୀ ପୂଜା ଅଛି ତ ନୂଆ ପୋଷାକ କିଣିବା ପାଇଁ ଆସିଛି । ଯୁବତୀ ଜଣ କହିଲା ତୋ ପୁଅ କାହ୍ନା । ଭାରି ସୁନ୍ଦର ଡଉଲ ଡାଉଲ ଚେହେରା ହୋଇଛି ତାକୁ ପାଠ ପଢ଼ା । ଢ଼େର ପାଠ ପଢ଼ା । ଆଉ ଟଂକା ପଇସା ଦରକାର ହେଲେ ମୋ ପାଖକୁ ଆସେ । ଏଇ ଠିକଣାଟା ରଖିଥା.. ।

ଯୁବତୀ ଜଣକ ପୁସିଂ କାର୍ଡ଼କୁ ରତନୀ ହାତରେ ବଢ଼ାଇ ଦେଲା । ଆଉ ଗଲାବେଳେ କାହ୍ନାର ଗାଲକୁ ଟିକେ ହାତରେ ଆଉଁସି ଦେଲା । କାହ୍ନା ହାତରେ କିଛି ଟଂକା ଗୁଞ୍ଜି ଦେଲା । କାହ୍ନା ଲାଜ କରୁଥିଲା ଟଂକା ଧରିବାକୁ । ରତନୀ କହିଲା ଧଅ ମାଆ ପରା ଶ୍ରଦ୍ଧାରେ ଦେଉଛନ୍ତି । କାହ୍ନା କାଗଜ ନୋଟ ଧରି ରତନୀକୁ ଦେଇଦେଲା । ରତନୀ ଟଂକା ଧରୁ ଧରୁ ଯୁବତୀ ସହ ତାଙ୍କ ସ୍ୱାମୀକୁ ବି ଚାହୁଁଥିଲା ଏକ ଲୟରେ । କିଛି ସମୟପରେ କାରରେ ଦୁହେଁ ଚାଲିଗଲେ । ରତନୀ ଭାବିଲା ସ୍ୱାମୀ ସ୍ତ୍ରୀ ଦୁହେଁ କି ଭଲ ମଣିଷ । କେବେ ଦେଖିଥିଲା ରତନୀକୁ ଆଜି ବି ମନେ ରଖିଛି ତାକୁ । ଆଉ କେତେ ଆଗ୍ରହରେ ପାଂଚଶହ ଟଂକା ବଢ଼ାଇଦେଲା ତା ପୁଅ କାହ୍ନା ହାତରେ ।

ରତନୀ ପୁସିଂ କାର୍ଡ଼ଟି ଜଣେ ପାଠୁଆ ଲୋକକୁ ଦେଖେଇ ପଢ଼ାଇଲା । କହିଲା ବାବୁ ଏ ଠିକଣାଟା ଟିକେ ପଢ଼ିଲ । ପୁସିଂ କାଡ଼ରେ ଲେଖାହୋଇଛି ଶ୍ରୀମତୀ ବିଷ୍ଣୁ ପ୍ରିୟା ମିଶ୍ର, ସ୍ୱା ଶ୍ରୀଯୁକ୍ତ ବିଶ୍ୱନାଥ ମହାପାତ୍ର (ଓଡ଼ିଆ ଅଧ୍ୟାପକ), ରସୁଲଗଡ଼ ଛକ ଆଉ ମୋବାଇଲ ନମ୍ବର । ରତନୀ ପୁସିଂ କାର୍ଡ଼ଟିକୁ ଅତି ଯତନରେ ରଖିଲା । ଦରକାର ହେଲେ କାମରେ ଆସିବ । କାହ୍ନା ଦିନକୁ ଦିନ ବଡ଼ ହେଲା । ଭଲ ପାଠ ପଢ଼ିଲା । ମେଟ୍ରିକରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା । ଜଗା ଆଉ ରତନୀ ସେ ଦିନ ଖୁସିରେ ବସ୍ତିରେ ଘର ଘର ମିଠେଇ ବାଣ୍ଟିଲେ । ବସ୍ତି ଲୋକମାନେ ମଧ୍ୟ ଖୁସି ରାତିରେ ଡେକ୍ ଲଗେଇ ଡାନ୍ସ କଲେ ଟୋକାମାନେ । କାହ୍ନା ସୁଇପର ବସ୍ତିର ନାଁ ଉଜ୍ଜଳ କଲା । ମେଟ୍ରିକରେ ଫାଷ୍ଟ ହେଲା । ଏବେ କାହ୍ନା କଲେଜରେ ପଢ଼ିବ । ବେଶୀ ପଢ଼ିଲେ ଆଗକୁ ଏତେ ଟଂକା କାହିଁ । ଖଟିଖିଆ ମଣିଷ । ଆଉ ତ ପଢ଼େଇ ହେବନି । ରତନୀକୁ ରାତିସାରା ନିଦ ହେଲାନି । ଭାବିଲା କ'ଣ କରିବ । ଯେମିତିହେଲେ କାହ୍ନାକୁ ପାଠ ପଢ଼ାଇବ । ଟଙ୍କା ଦେବ କିଏ ? ଆଣିବ କୋଉଠୁ । ଗୁଡ଼ାଏ ସମୟ ଭାବୁଭାବୁ ରତନୀର ମନେ ପଡ଼ିଗଲା । ରସୁଲଗଡ଼ କଥା । ବାବୁଆଣୀ କହିଥିଲେ ଅସୁବିଧା ହେଲେ ଆସିବୁ ।

ଦେଖେ ତାଙ୍କର କିଛି ସାହାଯ୍ୟ ହେଲେ କଲେଜରେ ନାଁଟା ଲେଖାଇଦେବା । ତେଣିକି ଯାହା ହେବ । ତେବେ ଦଶବର୍ଷପରେ ବାବୁଆଣୀ ମତେ କ'ଣ ଚିହ୍ନିବେ । ମନରେ ଅନେକ ପ୍ରଶ୍ନ । ସକାଳୁ ସକାଳୁ ଠିକଣା ଧରି ରତନୀ କାହ୍ନା ସହ ରସୁଲଗଡ଼ରେ ପହଂଚିଲା । ଟେଲିଫୋନ୍ ବୁଥରୁ ଫୋନ କଲା । ରତନୀ ନାଁଟା ଦଶ ବର୍ଷତଳୁ ଭୁଲି ଯାଇଥିଲେ ବିଷ୍ଣୁପ୍ରିୟା । ତଥାପି କାହ୍ନାର ମାଆ ଆଉ ତୁମେ ପାଂଚ ଶହ ଟଂକା ଦେଇଥିବା କଥା ମନେ ପକାଇଲା ପରେ ବିଷ୍ଣୁପ୍ରିୟାଙ୍କ ମନେ ପଡ଼ିଲା । ଠିକଣା ମିଳିଗଲା ।

ରତନୀ ଓ କାହ୍ନୁ ପହଂଚିଲେ ବିଷ୍ଣୁପ୍ରିୟାଙ୍କ ନିକଟରେ । ବିଷ୍ଣୁପ୍ରିୟା ଘରକୁ ଡାକି ବସାଇଲେ । ସେ କହିଲେ ହଁ ଏଇଟା ତୋ ପୁଅ କି ? ରତନୀ କହିଲା – ହଁ । କାହ୍ନାକୁ କହିଲା ରତନୀ ଏ କାହ୍ନା ମାଆକୁ ଜୁହାର କରେ । କାହ୍ନା ବିଷ୍ଣୁପ୍ରିୟାଙ୍କୁ ନମସ୍କାର କଲା । ବିଷ୍ଣୁପ୍ରିୟା କହିଲେ – ଆଉ ଏତେ ଦିନ ପରେ କେମିତି ମନେ ପଡ଼ିଲା । ରତନୀ କହିଲା ମାଆ ମୋ କାହ୍ନୁ ମେଟ୍ରିକ ପାସ କଲା ଫାଷ୍ଟ କ୍ଲାସରେ । ତା ଗୁରୁଜୀ କହିଲେ କଲେଜରେ ପଢ଼ାଇବାକୁ । ହେଲେ ଗରିବ ନୁକ ମାଆ କୁଆଡ଼େ ଏତେ ପଇସା ଅଛି ପଢ଼େଇବାକୁ । ତମେ ଦୟା କଲେ କାହ୍ନୁଟା ପାଠ ପଢ଼ିବ । ବିଷ୍ଣୁପ୍ରିୟା କାହ୍ନୁର ମୁହଁକୁ ଚାହିଲେ ଗୋରା ତକ୍ ତକ୍ ଦେହ । ଖୁବ ସୁନ୍ଦର ପଂକରୁ ପଦ୍ମ ଫୁଟିଲା ପରି କାହ୍ନା । ଠିକ୍ ଅଛି କାହ୍ନା ତ ଆମ ଘର

ଦେଖିଲା କାଲିକି ସେ ଘରକୁ ଆସୁ ଦେଖିବା.. ବିଷ୍ଣୁପ୍ରିୟା କହିଲେ । ମାଆ ପୁଅ ଫେରିଆସିଲେ ନିଜ ଘରକୁ ।

ପରଦିନ କାହ୍ନା ଏକା ଏକା ରସୁଲଗଡ଼ ଗଲା ସିଟି ବସରେ । ବିଷ୍ଣୁପ୍ରିୟାଙ୍କ ଦ୍ୱାର ମୁହଁରେ ଥିବା କଲିଂ ବେଲ କୁ ପୁସ୍ କଲା । ସାଆନ୍ତାଣି ଆସି ଦେଖିଲେ । ବାହାରେ କାହ୍ନା । କାହ୍ନା ନମସ୍କାର କଲା । ଘର ଭିତରକୁ ଡାକିଲେ ମାଆ ସାଆନ୍ତାଣି । କାହ୍ନାର ବୟସ ପନ୍ଦର ହେଲାଣି । ଟିକେ ମୁହଁରେ ଲାଜ ଆଉ ମୁରୁକି ହସ । ଘର ଭିତରକୁ ଯିବାକୁ ଲାଜ କଲା । ଦାଣ୍ଡ ବରଣ୍ଡାରେ ଠିଆହୋଇ କହିଲା, ଏଠି ମାଆ ଠିକ୍ ଅଛି । ମାଆ ସାଆନ୍ତାଣି କାହ୍ନାର ହାତ ଧରି ଘର ଭିତରକୁ ନେଇଗଲେ । କହିଲେ. କାହ୍ନା ତୁ ଲାଜ କରିବୁନି ଏଇଟା ବି ତୋ ମାଆ ଘର । ଯେତେବେଳେ ଚାହିଁବୁ ଆସି ପାରିବୁ । କାହ୍ନା ସେଠାରେ ମଧ୍ୟାହ୍ନ ଭୋଜନ କଲା । ମାଆ ସାଆନ୍ତାଣି କାହାକୁ ନିଜ କାରରେ ବସାଇ ସୁଇପର ବସ୍ତିରେ ଛାଡ଼ି ଦେଇ ରତନୀ ହାତରେ ପୂଳାଏ ଟଂକା ଗୁଞ୍ଜିଦେଇ କହିଲେ କାହ୍ନାକୁ କଲେଜରେ ଭର୍ତ୍ତି କରି ଦିଅ । କାହ୍ନା କଲେଜରେ ପ୍ରଥମ ବର୍ଷ ବିଜ୍ଞାନରେ ନାଁ ଲେଖାଇଲା । ଯୁକ୍ତ ଦୁଇ ଯୁକ୍ତ ତିନି ଏବେ ଜୀବ ବିଜ୍ଞାନରେ ପିଜି କରୁଛି । ଆଉ ସେ ସିଇପର ବସ୍ତିରେ ରହେନି । ହଷ୍ଟେଲରେ ରହି ପାଠ ପଢୁଛି । ବେଳେ ବେଳେ ଗ୍ରିଷ୍ମ ଅବକାଶରେ ତା ମାଆ ରତନୀ ଆଉ ବାପା ଜଗାକୁ ଦେଖା କରିବାକୁ ଯାଏ । ସବୁ ପଢ଼ା ଖର୍ଚ୍ଚ ମାଆ ସାଆନ୍ତାଣି ବହନ କରନ୍ତି । କାହ୍ନା ଏବେ ମାଆ ସାଆନ୍ତାଣୀକୁ ନୂଆ ମାଆ ବୋଲି ଭାବେ । ମତେ ଭଗବାନ କହିଁକି ଗୋଟିଏ ହାଡ଼ି ଘରେ ଜନ୍ମ ଦେଲେ, ପୁଣି ଗରିବ । ଘର କହିଲେ ଏକ ଝୁପୁଡ଼ି କୁଡ଼ିଆ ବସ୍ତିରେ ଠିଆ ହୋଇଥିବା ଅସହାୟ ମଣିଷର କରୁଣ ଚିତ୍ର । ପୁଣି ଛୋଟ ଜାତି ବଡ଼ ଜାତିର ପ୍ରଭେଦ । ଛୁଆଁ ଅଛୁଆଁ ମଣିଷ ମଣିଷ ଭିତରେ ଏତେ ପାର୍ଥକ୍ୟ । କହ୍ନା ଏବେ ଜାତି କଥା କାହା ଆଗରେ ପ୍ରକାଶ କରିବାକୁ ଲଜ୍ଜା ବୋଧକରେ । ସେ ଜାତିରେ ହାଡ଼ି । ତା ବାପା ଝାଡୁଦାର । ତା ସାଂଗସାଥିମାନଙ୍କୁ କେବେ ନିଜ ସୁଇପର ବସ୍ତିକୁ ଆଣେ ନାହିଁ । କ'ଣ ପାଇଁ ଆଣିବ ? ତା ଦୁର୍ବଳତାକୁ ପଦାରେ ନିଲାମ କରିବ କି ସେ ଏବେ ପିଜି କରୁଛି । ପିଜି ପରେ ଲେକଚର ହେବାକୁ ଇଛା । ମାଆ ସାଆନ୍ତାଣୀଙ୍କ ସାହାଯ୍ୟ ଆଉ ଛତ୍ରବୃତ୍ତି ଯୋଗୁ ସେ ଏତେ ଦୂର ପଢ଼ି ପାରିଛି । କାହ୍ନାକୁ ବେଳବେଳେ ସନ୍ଦେହ ଲାଗେ ମାଆ ସାଆନ୍ତାଣୀ କାହ୍ନାକୁ କାହିଁକି ଏତେ ଭଲ ପାଆନ୍ତି ? ଗେଲ କରନ୍ତି । ଗୁଡ଼ାଏ ଟଙ୍କା ତା ପାଇଁ ଖର୍ଚ୍ଚ କରନ୍ତି । ଏତେ ନମ୍ର ଏତେ ସରଳ ଏତେ ଶାଳୀନ । ସେ ଜାତିରେ ବ୍ରାହ୍ମଣ, କାହ୍ନା ଜାତିରେ ଚଣ୍ଡାଳ । ବ୍ରାହ୍ମଣ ଚଣ୍ଡାଳ ଭିତରେ ନିଆଁ ପାଣି ମନା ଛୁଇଁବା ମନା ଛୁଇଁଲେ ସ୍ନାନ କରି ଗଂଗା ଜଳ ଉପରେ ପକାଇ ଗୋମୟ ଜଳ ପାନ କରି ଜାତି ହୁଅନ୍ତି ।

ମାଆ ସାଆନ୍ତାଣୀ ବୋଧେ ସହରୀ ଜୀବନ ବିତାନ୍ତି ବୋଲି ଏସବୁ ଜାତି ପ୍ରଥାକୁ ମାନନ୍ତି ନାହିଁ । ହଁ ସହରରେ ଅବଶ୍ୟ ଜାତିପ୍ରଥା ନାହିଁ । ଭେଦଭାବ ନାହିଁ । ସବୁ ମଣିଷ ସମାନ । କାହ୍ନା ପୁଣି ନିଜକୁ ନିଜେ ସାନ୍ତ୍ୱନା ଦିଏ । ଦିନେ କାହ୍ନା ମାଆ ସାନ୍ତାଣୀ ପାଖକୁ ତରତର ହୋଇ ଗଲା । ମାଆ ଡାକିଛନ୍ତି ଫୋନ କରି ଓଡ଼ିଆ ଅଧ୍ୟାପକ ବିଶ୍ୱନାଥ ମହାପାତ୍ରଙ୍କ ଦେହ ଭୀଷଣ ଖରାପ । କାହ୍ନା ମେଡ଼ିକଲକୁ ନେବ । କାହ୍ନା ଅଧ୍ୟାପକ ମହାଶୟକୁ କେବେ ଭେଟେ । ମାଆ ସାଆନ୍ତାଣୀ ହାଉସ ୱାଇଫ ଘରେ ରୋଷେଇ ପରେ କାମ ନାହିଁ । ଏକା ମଣିଷ ଚାକରାଣୀ ଗୋଟେ ସକାଳେ ବାସନ ମାଜେ ଘର ଓଳାଏ, ଲୁଗା କାଚେ ବାସ୍ । ଦିନ ସାରା ସେଇ କୋଠା ଘରେ ମାଆ ସାଆନ୍ତାଣୀ ଏକା ଏକା । ସବୁ ସୁବିଧା ଅଛି । କାହ୍ନା ଜାଣିଛି ମାଆ ସାଆନ୍ତାଣୀଙ୍କ ସନ୍ତାନ ସନ୍ତତି ନାହିଁ । ତେଣୁ ମନରେ ଭାରି ବିରସ, ବିଷାଦ । କାହାକୁ କେବେ କୁହନ୍ତି ନି ମନର ଦୁଃଖ ମନରେ ମାରି ରହନ୍ତି । ମାଆ ସାଆନ୍ତାଣୀ କେତେ ଥର କହିଲେଣି କାହ୍ନା ତୁ ଏଠି ମୋ ପୁଅ ହୋଇ ରହ କାହିଁକି ସେ ଦୁଇପର ବସ୍ତିକୁ ଯାଉଛୁ । କାହ୍ନା କିଛି କହେନି । ନିରବ ରହେ । କେମିତିଆ କଥା ମୋ ବାପା ମାଆ ଗରିବ ହେଲେ ବୋଲି ସେ କେବେ କ'ଣ ଜନ୍ମ କଲା ପିତା ମାତାକୁ ଭୁଲିଯିବ । ଚଣ୍ଡାଳ କ'ଣ ମଣିଷ ନୁହଁ । କାହ୍ନା ମନରେ ବିଦ୍ରୋହ ଜନ୍ମ ନିଏ । ସେ ତ ପୁଣି ଚଣ୍ଡାଳ ପିଲା । ପାଠ ପଢ଼ିଲା ବୋଲି କ'ଣ ଜାତି ବଦଳି ଯିବ ନା ପରିଚୟ ? କାହ୍ନା ଭାବୁ ଭାବୁ କାହ୍ନା ପହଂଚିଲା ରସୁଲଗଡ଼ ମାଆ ସାଆନ୍ତାଣୀ ଘରେ । କାହ୍ନା ପଚାରିଲା ସାଆନ୍ତାଣୀକୁ ବାପାଙ୍କର କ'ଣ ହୋଇଛି କି ? ସାଆନ୍ତାଣୀ କହିଲେ – କେଜାଣି ତାଙ୍କ ଦେହଟା ବହୁତ ଦୁର୍ବଳ ଲାଗୁଛି । ଦେହଟା କେମିତି ଶୁଖି ଝଡ଼ି ଗଲେଣି । ଖାଆପିଆ ବି ଭଲ ଭାବରେ କରି ପାରୁନାହାନ୍ତି । ମାଆ ସାଆନ୍ତାଣୀ ପୁଣି କହିଲେ ଦେଖ କାହ୍ନା ତୋ ଛଡ଼ା ଆମର ଆଉ କିଏ ନିଜର ଅଛି କହିଲୁ ?

କାହ୍ନା କିଛି ନକହି ଭାବିଲା ଏ ସଂପର୍କ କିଛି କ୍ଷଣ ପାଇଁ । ବ୍ରାହ୍ମଣ ଚଣ୍ଡାଳ କୋଉଠି ଏକ ହେଲାଣି ନା ହେବ । କାହ୍ନା ବିଶ୍ୱନାଥ ବାବୁଙ୍କୁ ତାଙ୍କ କାରରେ ବସାଇ ହସପିଟାଲକୁ ନେଲା । ଡାକ୍ତର ରକ୍ତ ପରୀକ୍ଷା କଲେ । ରକ୍ତ ଅଭାବ ଅଛି । ଏଣୁ ଦେହ ଦୁର୍ବଳ ଓ ମୁଣ୍ଡ ଘୂରାଉଛଇ । ହେମୋଗ୍ଲୋବିନ କମ୍ । ବିଶ୍ୱନାଥବାବୁଙ୍କୁ ବେଡ଼ ଚେଞ୍ଜ କରାଗଲା । ମାଆ ସାଆନ୍ତାଣୀ ହସପିଟାଲରେ ପହଂଚିଲେ । କାହ୍ନା କହିଲା ବାପାଙ୍କୁ ବ୍ଲଡ଼ ଦରକାର ବି ପଜେଟିଭ୍ । ରକ୍ତ ଭଣ୍ଡାରରେ ସେ ଗ୍ରୁପର ବ୍ଲଡ଼ ନାହିଁ । ରକ୍ତ ଯୋଗାଡ଼ କରିବାକୁ ପଡ଼ିବ । ମାଆ ସାଆନ୍ତାଣୀ କହିଲେ କାହ୍ନା ତୋ ବ୍ଲଡ଼ ଗ୍ରୁପ କ'ଣ ? ସେ କହିଲା ମୁଁ ଜାଣିନି । ମାଆ କହିଲେ ତୁ ପରୀକ୍ଷା କର ତୋ ରଗ୍ରୁପ ଯଦି ମିଶି ଯାଏ ତେବେ ଅନ୍ୟଠୁ କ'ଣ ପାଇଁ ନେବା । କାହ୍ନା ହସିଲା ମାଆ ମୁଁ ତୁମ ରିଲେଟିଭ୍ ନୁହଁ । ମୋ ଗ୍ରୁପ ବୋଧେ ମେଳ ହେବନି । ବିଷ୍ଣୁପ୍ରିୟା ହସିଲେ ଆରେ କାହ୍ନା ମୁଁ ଜାଣେମୋ ମନ କହୁଛି ତୋ ଗ୍ରୁପ ନିଶ୍ଚୟ ମିଶିବ ।

ମାଆ ସାଆନ୍ତାଣୀଙ୍କ ମନ ବୁଝିବା ପାଇଁ କାହ୍ନା ବ୍ଲଡ଼ ଟେଷ୍ଟ କଲା । ତା ବ୍ଲଡ଼ ଗ୍ରୁପ ବି ପଜିଟିଭ୍ ବାହାରିଲା । କାହ୍ନା ବିସ୍ମିତ ହୋଇଗଲା । କହିଲି ମାଆ ତୁମ ଅନୁମାନ ଠିକ୍ ମୋ ବ୍ଲଡ଼ ଗ୍ରୁପ ବି-ପଜେଟିଭ୍ ବାହାରିଲା । କାହ୍ନା ବ୍ଲଡ଼ ଦେଲା ବିଶ୍ୱନାଥବାବୁଙ୍କୁ । କିଛି ଦିନ ପରେ ସୁସ୍ଥ ହୋଇ ବିଶ୍ୱନାଥବାବୁ ଘରକୁ ଆସିଲେ । ଲକ୍ଷ୍ମୀପ୍ରିୟା କହିଲେ ତୁମ ବ୍ଲଡ଼ଗ୍ରୁପ ସହ କାହ୍ନାର ବ୍ଲଡ଼ ଗ୍ରୁପ ମ୍ୟାଚ ହେଉଛି । ଏଣିକି ତୁମକୁ ବ୍ଲଡ଼ ଦରକାର ହେଲେ କାହ୍ନା ଅଛି । ବିଶ୍ୱନାଥବାବୁ

ଭାବିଲେ କାହ୍ନାଟା ଭାରି ଭଲ ପିଲା । ହେଲେ ଯେତେ ଯାହା ହେଲେ ପର ପିଲା ନିଜର ବୋଲି ପିଲାଟିଏ ନାହିଁ । ପର ସବୁବେଳେ ପର । ନିଜର ସବୁବେଳେ ନିଜର ।

ଇତି ମଧ୍ୟରେ କାହ୍ନାର ଜୀବବିଜ୍ଞାନରେ ପିଜି ସରିଗଲା । କୌଣସି କଲେଜରେ ତା ଧର୍ମ ବାପାଙ୍କ ପରି ଲେକଚର ଚାକିରିଟିଏ ଯୋଗାଡ଼ କରିବ । ଆଉ ଘରେ ବସି ଲାଭ ନାହିଁ । ଲକ୍ଷ୍ମୀପ୍ରିୟାଙ୍କ ଇଛା କାହ୍ନାକୁ ଆଇ.ଏ.ଏସ କରିବ । ତା ପାଠ ପଢ଼ାରେ ଗୁଡ଼ାଏ ଟଙ୍କା ଖର୍ଚ୍ଚ ହୋଇଛି । ଏବେ ୟୁପିଏସ କୋଚିଂ ନେଇ ଆଇ.ଏ.ଏସ ପରୀକ୍ଷାଟା ଦେବ ନିଶ୍ଚୟ କୋଟାରେ ପାଇଯିବ ଏକରେ କାହ୍ନାର ଟାଲେଣ୍ଟ ଅଛି । କ୍ୟାରିଅର ମାର୍କ ବି ଭଲ ଅଛି । ଲକ୍ଷ୍ମୀପ୍ରିୟା କାହ୍ନାର ୟୁପିଏସ କୋଚିଂ ପାଇଁ ସବୁ ଖର୍ଚ୍ଚ ବହନ କଲେ । କାହ୍ନା ଦିଲ୍ଲୀରେ କୋଚିଂ ନେଲା । ରାତିଦିନ ଗୁଡ଼ାଏ ବହି ପଢ଼ିଲା । ୟୁପିଏସ ପରୀକ୍ଷା ଦେଲା । କିଛି ଦିନ ପରେ ଫଳାଫଳ ଘୋଷଣା ହେଲା । ସତକୁ ସତ ଲକ୍ଷ୍ମୀପ୍ରିୟାଙ୍କ ସ୍ୱପ୍ନ ସାକାର ହେଲା । କାହ୍ନା ପାଇଛି ଆଇଏଏସରେ ଟପ୍ପର । ଲକ୍ଷ୍ମୀପିୟାଙ୍କ ମନରେ ଅସୀମ ଆନନ୍ଦ । ଓଡ଼ିଶାର ଗଣମାଧ୍ୟମରେ ପ୍ରଚାର ହେଲା । ଗୋଟିଏ ଝାଡୁଦାରର ପୁଅ କାହ୍ନା ହେଲା ଆଇଏଏସରେ ଟପ୍ପର । ଜଗା ଆଉ ରତନୀର ସାକ୍ଷାତକାର ନିଆଗଲା । ସେମାନଙ୍କ ଫଟୋ ସବୁ ଚେନେଲରେ ବାଜିଲା । ଖବର କାଗଜରେ ପ୍ରକାଶ ପାଇଲା । କାହ୍ନୁର ବି ସାକ୍ଷାତକାର ନିଆଗଲା । କାହ୍ନା କହିଲୁ ଏ ସଫଳତା ପଛରେ ମୋ ମାଆ ସାଆନ୍ତାଣୀଙ୍କ ହାତ ରହିଚି । ସେ ହେଉଛନ୍ତି ଲକ୍ଷ୍ମୀପ୍ରିୟା ମିଶ୍ର । ତାଙ୍କର ସ୍ନେହ ଶ୍ରଦ୍ଧା ଏବଂ ପ୍ରଚୁର ଅର୍ଥ ଖର୍ଚ୍ଚ ଯୋଗୁଁ ଏ ସଫଳତା ମିଳିଛି । କାହ୍ନୁର ଖୋଲାଖୋଲି ବକ୍ତବ୍ୟ ଟିଭି ଚ୍ୟାନଲରେ ପ୍ରସାରଣ ହେବା ଦେଖି ବିଷ୍ଣୁପ୍ରିୟାଙ୍କ ଆଖିରୁ ଛଳଛଳ ହୋଇ ଆନନ୍ଦାଶ୍ରୁ ବିଗଳିତ ହୋଇଗଲା । ମୋ କାହ୍ନୁ ସତରେ ଆଇଏଏସ ପାଇଲା । କାହ୍ନୁ ସୁଇପର ବସ୍ତି ଛାଡ଼ି ଖୁସୀ ଖବରଟା ଦେବା ପାଇଁ ଧାଇଁ ଆସିଲା ରସୁଲଗଡ଼ । ଘରେ ମଧ୍ୟାହ୍ନରେ ପହଂଚିଲେ ଓଡ଼ିଆ ଅଧ୍ୟାପକ ବିଶ୍ୱନାଥବାବୁ । ମନରେ ରାଗ । ମୁହଁ ଗମ୍ଭୀରାବାସ୍ପରୁଦ୍ଧ କଣ୍ଠରେ କହିଲେ ଲକ୍ଷ୍ମୀପ୍ରିୟା ତୁମେ ଯାହା କଲ କ'ଣ ଭଲ କଲ ? ଲକ୍ଷ୍ମୀପ୍ରିୟା କହିଲେ କ'ଣ ହେଲା ? ସେ କହିଲେ କାହ୍ନା ଜଣେ ସୁଇପର ପିଲା, ତୁମେ ଟଙ୍କା ପଇସା ଗୁଡ଼ାଏ ଖର୍ଚ୍ଚ କରି ଆଉଏଏସ କରିଛ, ତୁମକୁ କ'ଣ ଆଉ କେହି ମିଳିଲେନାହିଁ । ପୁଣି ତା ରକ୍ତ ମୋ ଦେହରେ । ଛି..ଛି.. ତୁମେ ଏତେ ତଳକୁ ଖସିଗଲା । ଗୋଟିଏ ନୀଚ ପିଲାକୁ ମୁଣ୍ଡରେ ବସାଇଛ । ମୁଁ ଭାବିଥିଲି କାହ୍ନ ଉଚ୍ଚ ଜାତିର ପିଲା । ଆଜିଯାଏ ତା ପିରଚୟକୁ ଦୀର୍ଘଦିନ ହେଲା କାହିଁକି ଲୁଚାଇଛ । ସେ ମତେ ଆଉ ମୋ ଘରକୁ ଅପବିତ୍ର କରିଦେଲା ।

ଲକ୍ଷ୍ମୀପ୍ରିୟା ମନରୁ ସବୁ ହସ ଲିଭିଗଲା । କାହ୍ନା ଆଇଏଏସ ଟପର ହୋଇଛି ଖବରଟା ସେ ତାଙ୍କ ସ୍ୱାମୀଙ୍କି ଶୁଣାଇଲେ ଭାରି ଖୁସି ହେବେ ବୋଲି ଭାବୁଥିଲେ ମାତ୍ର ଓଲଟି ବିଶ୍ୱନାଥବାବୁ କ୍ରୋଧରେ ଅଗ୍ନିବାଣ । ଆଉ ସେ ଅନ୍ତରକଥା କେତେଦିନ ଲୁଚାଇବେ । ସେ କହିଲେ ବୁଝିଲ କାହ୍ନୁ ହାଡ଼ି ଘର ପିଲାନୁହେଁ । ସେ ଆମ ପିଲା । ତୁମ ରକ୍ତରୁ ଜାତ ପିଲା । ମୁଁ ତାକୁ ଜନ୍ମ ଦେଇଛି । କହିକହି କାନ୍ଦି ପକାଇଲେ ଲକ୍ଷ୍ମିପ୍ରିୟା । ତୁମର ମନେ ଥିବ ୩୦ ବର୍ଷ ତଳର କଥା । ତୁମେ ଅବିବାହିତ ଯୁବକ ଥିଲ ମୁଁ ଅବିବାହିତ କନ୍ୟା ଥିଲି । ପରସ୍ପର ମଧ୍ୟରେ ପ୍ରେମ ହେଲା । ତା ପରେ ପ୍ରଣୟ ହେଲା । ତୁମେ ସବୁବେଳେ ଆମ ଘରକୁ ଯାଆ ଆସ କରୁଥିଲ । ମୁଁ ଅବିବାହିତା..କୁଆଁରୀ ମାଆ ହେଲି । ତୁମେ କହିଲ ଏ ଛୁଆକୁ ଗର୍ଭପାତ କର । ନହେଲେ ମୁଁ ବଦନାମ ହେବି । ମୁଁ ବାହାହେବି ନାହିଁ । ତୁମେ ଆମ ଘରକୁ କେତେ ମାସ ଆସିଲନାହିଁ । ତେବେ ମୁଁ ମୋ ଗର୍ଭକୁ ନଷ୍ଟ ନକରି ଏ ଛୁଆକୁ ଜନ୍ମଦେଲି । ବ୍ରହ୍ମ ମୁହୁର୍ତ୍ତ ରଣ କରିବି ଭାବି ପାରିଲି ନାହିଁ । ଲୋକ ଅପବାଦର ଡର ମୋ ମନକୁ ଆନ୍ଦୋଳିତ କଲା । ବାଧ୍ୟ ହୋଇ ଆମ ଘରର ଅନତି ଦୂରେ ଥିବା ଡଷ୍ଟବିନରେ ସଦ୍ୟଜାତ ପୁଅଟାକୁ ଚୁପଚାପ ଥୋଇଦେଲି । ସୌଭାଗ୍ୟକୁ ମାଳତୀ ହାଡ଼ିଆଣୀ ସେ ପୁଅକୁ ଲାଳନ ପାଳନ କଲା । ସେଦିନ ଠାରୁ ମୁଁ କାହ୍ନା ଉପରେ ତୀକ୍ଷଣ ଦୃଷ୍ଟି ରଖିଛି ଆଉ ମୁଁ ତା ପଛରେ ମଣିଷ କରିବା ପାଇଁ ଅର୍ଥ ଖର୍ଚ୍ଚ କରୁଛି । କାହ୍ନାର ମୁଁ ଯଶୋଦା ମାଆ ତୁମେ ତାର ବାସ୍ତବ ବାପା । ତୁମ ରକ୍ତ ତା ରକ୍ତ ଏକ ।

ବିଶ୍ୱନାଥବାବୁ ଲକ୍ଷ୍ମୀପ୍ରିୟାଙ୍କ କଥା ଶୁଣି ବିସ୍ମିତ ହୋଇଗଲେ । ସତରେ କାହ୍ନା ସୁଇପର ପିଲା ନୁହେଁ । ନିଜ ରକ୍ତରୁ ଜନ୍ମ ହୋଇଥିବା ପୁଅ କାହ୍ନା । ବିଶ୍ୱନାଥବାବୁ ଲକ୍ଷ୍ମୀପ୍ରିୟାଙ୍କୁ କ୍ଷମା ମାଗିଲେ । ସତରେ ମାଆ ଜାଣେ ବାପା କିଏ ? ଲକ୍ଷ୍ମୀପ୍ରିୟା ମାଆର କର୍ତ୍ତବ୍ୟ କରିଛି । ହାତୀ ବନସ୍ତରେ ରହିଲେ ମଧ୍ୟ ରାଜାର । କାହ୍ନା ପ୍ରତି ଥିବା ଈର୍ଷା ପରାୟଣ ମନୋଭାବ ଦୂରିକରଣ ହୋଇଗଲା ବିଶ୍ୱନାଥବାବୁଙ୍କ । ସେ କହିଲେ ଲକ୍ଷ୍ମୀପିୟା ତୁମେ କେବେ କହିଛ କି କାହ୍ନାକୁ ସେ ଆମ ଜନ୍ମିତ ପୁଅ ବୋଲି ? ଲକ୍ଷ୍ମୀପ୍ରିୟା କହିଲେ ସେମିତି ସୁଯୋଗ ଆସିନି ଆପେ ଜାଣି ଯିବନି । ଦେଖୁନା କାହ୍ନା ତୁମ ପରି ଡିଟୋ ଚେହେରା ପାଇନି କି ଗୋରା ତକ୍ ତକ୍ ସୁନ୍ଦର ଚେହେରା କାହ୍ନା ଯଦି ଜଗା ଆଉ ରତନୀ ଗର୍ଭରୁ ଜାତ ଚେହେରା ସେମାନଙ୍କ ରଂଗ ସହିତ କ'ଣ ମେଳକ ହେଉଛି ।

ଯାହା ହେଉ ଆମର ତ ବୟସ ସରିଲଣି । କାହ୍ନା ହିଁ ଆମର ସାହାଭରସା । ତୁମେ କାହ୍ନାକୁ ଫୋନକରି ତୁରନ୍ତ ଘରକୁ ଡାକ ବୋଲି ବିଶ୍ୱନାଥବାବୁ ଆନନ୍ଦ ମନରେ କହିଲେ । କାହ୍ନା ଦାଣ୍ଡ ଦୁଆରେ ଠିଆହୋଇ ସବୁ ଶୁଣୁଥିଲା । ସେ ଆଉ ଘର ଭିତରକୁ ନ ପହଂଚି ଫେରିଆସିଲା ସୁଇପର ବସ୍ତିକି । ସେ ଏବେ ଧର୍ମ ସଂକଟରେ ପଡ଼ିଲା ସତରେ ତା ନିଜ ପରିଚୟ କ'ଣ ତା ବାପା ମାଆ କିଏ ? ଜଗା ରତନୀ ନା ବିଶ୍ୱନାଥ ଲକ୍ଷ୍ମୀପ୍ରିୟା । ସେ ଚଣ୍ଡାଳ ନା ବ୍ରାହ୍ମଣ । ସେହି ବସ୍ତିକୁ ଫେରିଲା ବେଳକୁ ଜଗା ଆଉ ରତନୀ ବସ୍ତି ଲୋକମାନଙ୍କୁ କାହ୍ନାର ସଫଳତା ପାଇଁ ଭୋଜି ଭାତର ଆୟୋଜନ କରିଥାନ୍ତି । କାହ୍ନାକୁ ନେଇ ସେଇ ସୁଇପର ବସ୍ତିରେ ଆନନ୍ଦ ଉତ୍ସବ ପାଳନ ଜୋରସୋର । କାହ୍ନାକୁ ଧରି ବସ୍ତିର ସମସ୍ତେ ନାଚଗୀତରେ ମସଗୁଲ । ଏଣେ କାହ୍ନର ଆଇଏଏସ ମୁଣ୍ଡରେ ନିଜ ପରିଚୟ ଖୋଜି ପାଉନଥିବା ମନେ ହେଉଥିଲା ଯେପରି !!

ସଭାପତି, ଉତ୍କଳ ସାହିତ୍ୟ ସଂସଦ
୧୧୯ କଲୋନୀ, ଡିଏନକେ, ମାଲକାନାଗିରି ।

## ମଣିଷ ବାଘ

- ବିମଳା ଶଂକର ଦାସ

ଦାମିନି ଓ କୁମାର ପାଖାପାଖି ରୁହନ୍ତି । ସେମାନଙ୍କ ପାଇଁ ଘର ଦୁଇଟି କୃତ୍ରିମତାରେ ଭରା ହେଲେ ବି ପ୍ରାକୃତିକଠାରୁ ବି କମ୍ ନୁହଁ । ସେଇ ନିଘଞ୍ଚ ମୁଲକର ଅପୂର୍ବ ବଳଶାଳୀ କୁମାର ଥିଲେ ଅଘୋଷିତ ମୁକୁଟ ବିହିନ ସମ୍ରାଟ । ତରୁଲତା ଦିବ୍ୟସୁନ୍ଦରୀ କମନୀୟ କାନ୍ତିଯୁକ୍ତ ଦାମିନି ମଧ୍ୟ କୋଉ ମହାରାଣୀ ଠୁ କମ୍ ନଥିଲେ । ଦାମିନି ପାଖ କୁଟିରରେ ନୂଆକରି ବିଦେଶ ମୁଲକରୁ ଆସି ରହିବା ଦିନଠୁ କୁମାର ମନରେ ପାଶବିକତା ଗଜୁରି ଉଠେ ପ୍ରେମ କମ୍ ଆକର୍ଷଣ ବହୁତ । ତା ଶରୀର ରୋମାଞ୍ଚିତ ହୋଇପଡ଼େ ନିଜ ଶକ୍ତ ପଞ୍ଝାରେ ଦିନେ କାବୁ କରିନେବ ସେଇ ଲାବନ୍ୟମୟୀ ନବାଗତା ଦାମିନିକୁ । ଅକ୍ଳେଶରେ ବଳ ପୂର୍ବକ ତା କାମନା ଲାଳସା ପୂରା କରିଦେବାର ଶକ୍ତି ଓ ସାମର୍ଥ୍ୟ ରହିଥିଲେ ବି କୁମାର ପ୍ରଥମେ ଚାହୁଁଥିଲା ଦାମିନିର ଚିତ ହରଣ କରିବ, ତାପରେ ନିଜ ମନୋରଥ ପୂରଣ କରିବ । ନହେଲେ ଏଇ କୁଟୀର ଦୁଇଟିକୁ ବିଚ୍ଛିନ୍ନ କରୁଥିବା ତାରବାଡ଼ରଶକ୍ତି କାହିଁ ଯେ କୁମାରକୁ ପ୍ରତିରୋଧ କରି ପାରିବ ଦାମିନିକୁ ଜୋର ଜବରଦସ୍ତି ହାସଲ କରିବାରେ । ଦାମିନିକୁ ନିଜ ଆଡ଼କୁ ଆକର୍ଷଣ କରିବା ପାଇଁ କ'ଣ କ'ଣ ନ କରେ ସେ । ନିଜ ଉଦ୍ଦାମ ପ୍ରବୃତ୍ତିକୁ ଲୁଚାଇ ଭଲ ପଣିଆର ପଟା ପଟା ଛାଲ ପିନ୍ଧେ ଦାମିନି ଆଗରେ । ନିଜକୁ ସର୍ବଶ୍ରେଷ୍ଠ ଦେଖାଇହୁଏ । ନିୟନ୍ତ୍ରିତ ଓ ସୀମିତ ଏଇ ସାମାନ୍ୟ ବଣ ରାଇଜର ପରିଧିକୁ ଛାଡ଼ି ସବୁଦିନ ପାଇଁ ମୁକ୍ତ ହୋଇଯିବାର ସପନ ଦେଖାଏ ଦାମିନିକୁ । ତାର ସମସ୍ତ ପ୍ରଚେଷ୍ଟା ବିଫଳ ହୁଏ । ଦାମିନି ସହଜରେ ତାକୁ ବିଶ୍ୱାସ କରେନି । କୁଆଁରୀ ମନକୁ ସଯତ୍ନେ ସାଇତି ରଖିବାକୁ ଚେଷ୍ଟାକରେ । ପ୍ରତିଥର ମୁହଁ ଫେରାଇ ନିଏ କୁମାରଠାରୁ ।

କୁମାରକୁ ବାଧେ । ତା ପୁରୁଷପଣିଆ ପାଣିଚିଆ ହୁଏ ଯେତେବେଳେ ଦାମିନି ପ୍ରତିଥର ଇସାରାରେ ତାର ଅସହମତିକୁ ଦର୍ଶାଏ । କୁମାର ପାଇଁ ଅପେକ୍ଷାର ବେଳ ସକାଳର ଛାଇ ପରି ଲମ୍ୱା ହେଉଥାଏ । ଧୈର୍ଯ୍ୟସରି ସରି ଆସୁଥାଏ ବାସନା କିନ୍ତୁ ବଢୁଥାଏ । ଏସବୁକୁ ତାଳ ଦେଇ ନଖ ଆଉ ଆଉ ଦାନ୍ତ ସେତେ ମାତ୍ରାରେ ମୁନିଆ ହେଉଥାଏ । ସହମତି ଥିଲେ ପ୍ରୀତି ପ୍ରଣୟ ଅସହମତିରେ ଧର୍ଷଣ । କାମୁକପଣରେ ବିବଶ ହୋଇପଡ଼େ କୁମାର । କୁମାର ପାଇଁ ପ୍ରଥମଟି ସମ୍ଭବ ହୋଇ ପାରୁନଥାଏ ।ହୁଅନ୍ତା ବା କେମିତି ? ପ୍ରେମ କୋଉ ଗଡ଼ ଯୁଦ୍ଧ କରି ଜିଣି ହୁଏ ବଳ ଦେଖାଇ । କାମନରେ ନ ଲାଗିଲେ ସେ ଶକ୍ତିର କିବା ମୂଲ୍ୟ । କୁମାର ପାପ ନୟନରେ ନିଜ ଆଡ଼କୁ ଦେଖିଲା କିଛି ସମୟ ନିଜକୁ ପରଖିବା ପରେ ନିଜ ଭିତରର ପଶୁତ୍ୱ ତେଜି ଉଠିଲା ଖୁବ୍ ହିଂସ୍ର ହୋଇ । ମାପି ନେଲା ନିଜ ସାମର୍ଥ୍ୟପଣକୁ । ତାର ଶକ୍ତ ନଖ ତାରବାଡ଼ର ପାଚେରୀ ନଷ୍ଟବିନଷ୍ଟ କରିବାକୁ ପୁରାପୁରି ସମର୍ଥ । ଗୋଟିଏ ଲମ୍ଫରେ ପହଂଚିଯାଇ ପାରିବ ଦାମିନିର କୁଟୀର ପାଖକୁ । ତେଣିକି ହୃଦୟ ନିକଟକୁ ପହଂଚୁ କି ନ ପହଂଚୁ ତା ମନୋସ୍କାମନା ତ ନିଶ୍ଚୟ ପୁରା ହୋଇଯିବ । ଥରେ ଏଥିରେ ସଫଳ ହେଲେ ପ୍ରତିଦିନ ତା ପାଇଁ ଚାନ୍ଦିନୀ ରାତି । ସବୁ ପାଶବିକ ଶକ୍ତିକୁ ଏକାଠି କରି ଗୋଟିଏ ଡିଆଁରେ ପହଂଚିଗଲା ଦାମିନି ନିକଟରେ । କୁମାର ଦେହରେ କାମନା ବାସନାର ନିଆଁ ହୁତୁହୁତୁ ଜଳିବାକୁ ଲାଗିଲା । ତଥାପି ଦାମିନି ଥିଲା ନିର୍ଭୟା ଦାନବର ଉଦ୍ଦେଶ୍ୟକୁ ପୂରଣ କରିବାକୁ ଦେଉ ନଥାଏ ସେ ଲଢୁଥିଲା ତୀକ୍ଷ୍ଣ ପଞ୍ଝାରେ ରକ୍ତାକ୍ତ ହେଉଥିଲା ତଥାପି ଦୀର୍ଘ ସମୟଧରି ପ୍ରତିରୋଧ କରୁଥାଏ ସେ । ଶେଷରେ ରାକ୍ଷସର ନିଷ୍ଠୁର ଆଘାତରେ ଦାମିନି ଲୋଟିଗଲା ଭୂଇଁ ଉପରେ ଶାନ୍ତ ହୋଇ । ତଥାପି ସେ ଜିତି ଯାଇଥାଏ କୁମାରଠାରୁ ନିଜ ପ୍ରାଣ ବିନିମୟରେ ଦୁହେଁ ଖୁସିରେ ଲଢୁଛନ୍ତି ଭାବି ଚତୁର୍ଦିଗ ଦର୍ଶକ କିଛି ସମୟ ଉପଭୋଗ କରୁଥିଲେ ଏ ଦୃଶ୍ୟକୁ । ଯେତେବେଳେ ଅସଲ କଥା ସେମାନଙ୍କ ମଗଜରେ ପଶିଲା ସଭିଏଁ କହିଲେ ନିଷ୍ଠୁର ପଶୁ! ପଶୁ ଶେଷରେ ତା ପଶୁତ୍ୱକୁ ଦେଖାଇହିଁ ଦେଲା । ସେତେବେଳେକୁ ଅଭୟାରଣ୍ୟର ଅନ୍ଧାରିବୁଦା ଆର ପଟରୁ ଅତି କରୁଣକଣ୍ଠରେ ଶୁଣାଯାଉଥାଏ ବଂଚାଅ ବଂଚାଅ । କିଛି ସମୟପରେ ଅଭୟାରଣ୍ୟର ପିଞ୍ଜରାବଦ୍ଧ କୁମାର ପରି ମଣିଷ ବାଘଟି ଗୋଟିଏ ଡିଆଁରେ ବୁଦାମୂଳରୁ ଭିଡ଼ ଭିତରେ ଅଦୃଶ୍ୟ ହୋଇଗଲା । ଏଥର କିନ୍ତୁ ଦାମିନି ହାରି ଯାଇଥାଏ । ଦର୍ଶକ ପୁଣି ଏ ବିଭତ୍ସ ଦୃଶ୍ୟ ଦେଖି ଚିତ୍କାର କରିବାକୁ ଲାଗିଲେ ନିଷ୍ଠୁର ପଶୁ!

ଗୋଡ଼ିଆବଂଧ ପଦ୍ମପୁର, ରାୟଗଡ଼ା

# ଭିଟାମାଟି

– କଳ୍ପନା ରାୟ

ଦଳଦଳ ହୋଇ ଫେରିଥିଲେ ସେଦିନ ଭିଟାମାଟିକୁ । କିଏ ସରକାରଙ୍କ ବସ୍‌ରେ , କିଏ ଟ୍ରେନରେ ତ କିଏ ସାଇକେଲରେ ।

ଜରୁଆ ଚାରିଦିନର ଛୁଆକୁ କୋଳରେ ଧରି ମୁନି ଓ ତାର ସ୍ୱାମୀ ମଧ ଫେରୁଥିଲେ । ସିଟ୍‌ରେ ଯାଗା ନଥିବାରୁ ତଳେ ବସି ଆସିଥିଲେ । କାହାକୁ କହି ନଥିଲେ ଛୁଆକୁ ଜର ବୋଲି । କାରଣ ଜର କହିଲେ ତାଙ୍କୁ କେହି ହୁଏତ ନ ଆଣି ପାରନ୍ତି,କରୋନା ଆକ୍ରାନ୍ତ ବୋଲି ଛୁଆଟି କୋଳରେ ରହିରହି ମରି ଯାଇଥିଲା । ତଥାପି ମଲାଛୁଆ ବୋଲି କାହାକୁ ନକହି ଦୁଇଜଣ ପହଂଚିଥିଲେ ତାଙ୍କ ଭିଟା ମାଟିରେ । ମାଆବାପାଙ୍କ ପାଖରେ ଅଝଟ ଶିଶୁ ପରି କାନ୍ଦିଥିଲେ ଦୁଇଜଣ କଇଁ କଇଁ ହୋଇ ।

ମାଆବାପାଙ୍କ ସ୍ନେହ ପ୍ରେମ ପାଇଁ ଅକାଳରେ ଝରିପଡୁଥିବା ମୁନୀ ଓ ସମାରୁ ପୁଣି ଲାଗି ପଡ଼ିଥିଲେ ସଂସାର ଗଢ଼ିବାରେ । ନିଜର ଭିଟାମାଟିରେ ଲଗାଇଲେ ବାଇଗଣ, ଟମାଟେ, କଖାରୁ, ଜହ୍ନି ଇତ୍ୟାଦି ପରିବା । ଦିନସାରା ମୁନି ରୋଷେଇ ସାରି ସେଇ ବାଡ଼ିରେ ଲାଗିଥାଏ, ସମାରୁ ସାଇକେଲରେ ତିରିଶ କିଲୋମିଟର ଦୂରରେ ଥିବା ସହରରେ ପରିବା ବିକି ଆସେ । ଟିକେ କଷ୍ଟ ପଛେ ହେଉ, ଭଲ ଦୁଇ ପଇସା ହୁଏ । ତା ଦେଖାଦେଖି ଗାଁରେ ସବୁ ପ୍ରବାସୀ ଚାଷରେ ମନ ବଳାଇଥିଲେ । ସବୁଜ ସବୁଜ ଦିଶୁଥିଲା ଗାଁ ।

ଭିଟାମାଟିରେ ପଖାଳ କଂସାର ସ୍ୱାଦ ନିଆରା । ଏଠି ସେ ସହର ଭଳି କେହି ଆକଟ କରିବାକୁ ନାହିଁ । ଯେ କେହି କିଛି କହନ୍ତି ନିଜର ନିଜର ଭାବି, ସେଥିପାଇଁ ସେ ଆକଟ ଭଲଲାଗେ ।

ଏମିତି ଦୁଇତିନିମାସ ଗଲା ପରେ ମିନିର ବାନ୍ତି ହେଲା । ଡାକ୍ତର ଶ୍ୱେତପଦ୍ମା କହିଲେ ଶୁଭ ଖବର । ଘରେ ସମସ୍ତେ ଖୁସି । ଈଶ୍ୱର ଚାହିଁଲେ କାଲିକି ଘର ପୁରି ଉଠିବ କହିଲେ ଶାଶୁ । ଏଥର ସୁନିର ବହୁତ ଯତ୍ନ ନେଉଛି ସମାରୁ । ଆଉ ସେ ଦାଦନ ଖଟିବାକୁ ଯିବନାହିଁ ।

ଭିଟାମାଟିର ସ୍ୱାଦ ଆଉ ମହନୀୟତା ପ୍ରକୃତରେ ସେ ଦାଦନ ଖଟିବାକୁ ଯାଇଥିବାରୁ ଜାଣିଛି । ମାଆର ମମତା ଓ ଛୁଆର ଆନ୍ତରିକତା ସେ ବୁଝିଛି ।

କାହାର ସର୍ବନାଶ, କାହାର ପୁଷମାସ ନ୍ୟାୟରେ କରୋନା ଶିଖାଇଛି ପ୍ରେମର ମହତ୍ତ୍ୱ ଭିଟାମାଟିର ମୂଲ୍ୟ ଆଉ ଆନ୍ତରିକତା ।

ଲଇଡ଼ା, ସମ୍ବଲପୁର ।



# ଏମିତି ବି ହୁଏ

- ଶ୍ରୀ ସତ୍ୟବ୍ରତ ସାହୁ

ଡିସେମ୍ବର ମାସର ଏକ ସନ୍ଧ୍ୟା । ସମୟ ୫ଟା ୪୦ ହେବ । ମୁଁ ଡ୍ୟୁଟି ସାରି ଘରକୁ ବାହାରିଥାଏ । ମୋ ବାଇକ୍ ନଥିଲା ବୈତରଣୀ ରୋଡ଼ରୁ ଷଠିପୁର ଯିବାକୁ ଭାରି ଅସୁବିଧା । କାରଣ ଏହି ସମୟରେ କୌଣସି ଗାଡ଼ି କି ଅଟୋ ମିଳିବନି ଯିବାପାଇଁ । ଭାବିଲି ଲିଫ୍ଟ ମାଗି ଚାଲିଯିବି ଷଠିପୁର ପର୍ଯ୍ୟନ୍ତ । ପ୍ରବଳ ଶୀତ ପଡ଼ିଥାଏ । ତାପରେ ରାତିବି ହେଲାଣି । କିଟି କିଟି ଅନ୍ଧାରସାରା ଜଗତକୁ ମାଡ଼ି ବସିଥାଏ । କିଛି ଦିଶୁ ନଥାଏ । ମୁଁ ଚାଲିବା ସହିତ ଆସୁଥିବା ଗାଡ଼ିର ଆଲୁଅକୁ ଦେଖି ଲିଫ୍ଟ ପାଇଁ ହାତ ମାରୁଥାଏ । କିନ୍ତୁ କେହି ବି ଅଟକୁ ନଥାନ୍ତି । କେତେ ଗାଡ଼ିକୁ ହାତ ମାରିଲାପରେ ଏକ ପ୍ରକାର ବିରକ୍ତ ହୋଇଯାଇଥାଏ । ଏମିତିରେ ଗୋଟେ କିଲୋମିଟର ଚାଲଇଆସିଥାଏ । ସେହି ସମୟରେ ରେଳ ଫାଟକ ଉଠିଲା । ଆଗପଛ ହୋଇ ୧୦-୧୫ ଗାଡ଼ି ଆସିଲା । କେହି ଜଣେତ ଲିଫ୍ଟ ଦେବ, ଏହି ଆଶାରେ ହାତ ମାରିଲି ପୁଣିଥରେ । କିନ୍ତୁ କେହି ଅଟକୁ ନଥାନ୍ତି । ଏମିତି ବି ଏକା ଏକା ଯାଉଥିବା ଯୁବକମାନେ ବି ରହୁନଥାନ୍ତି । ଭାବିଲି ସତରେ କ'ଣ କାହାର ଟିକିଏ ବି ମାନବିକତା ନାହିଁ । ମୁଁ କେତେ କାହାକୁ ଲିଫ୍ଟ ଦେଇଛି ତାର ହିସାବ ନାହିଁ । ମୋତେ ଯିଏ ବି ଲିଫ୍ଟ ମାଗେ ମୁଁ କାହାକୁ ମନା କରେନା । ଅଥଚ ମୋ ବେଳକୁ ସମସ୍ତେ ନିର୍ଦ୍ଦୟ । ଭାବିଲି ଆଉ କାହାକୁ ଲିଫ୍ଟ ମାଗିବିନି । ଚାଲି ଚାଲିଯିବି । ସେହି ସମୟରେ ୧୫-୨୦ ମିଟର ଆଗରେ ଗୋଟେ ସ୍କୁଟି ଅଟକିଲା । କେହିଜଣେ ଲିଫ୍ଟ ଦେବେ ଭାବି ଗାଡ଼ି ପାଖକୁ ଏକ ପ୍ରକାର ଦୌଡ଼ି ଗଲି । ଗାଡ଼ି ପାଖରେ ପହଂଚି ଆଶ୍ଚର୍ଯ୍ୟ ତଥା ବିସ୍ମିତ ହେଲି । କାରଣ ମୋତେ ଲିଫ୍ଟ ଦେବାକୁ ଗାଡ଼ି ଅଟାକାଇଥିବା ଚାଳକ ଜଣକ ଥିଲେ ଝିଅ । ଟିକେ ଅଡୁଆ ଲାଗିଲା । ଭାବିଲି ଝିଅଟିଏ କେମିତି ରହିଗଲା ଲିଫ୍ଟ ଦେବାପାଇଁ ।

ଝିଅଟି ପଚାରିଲା - କୁଆଡ଼େ ଯିବ? ଷଠିପୁର, କହିଲି ମୁଁ । ସେ କହିଲା - ମୁଁ ଷଠିପୁର ଯିବିନି । ରାଣୀଗୋଡ଼ା ପର୍ଯ୍ୟନ୍ତ ଯିବି । ବସନ୍ତୁ ମୁଁ ରାଣୀଗୋଡ଼ା ପର୍ଯ୍ୟନ୍ତ ନେଇଯିବି ନଚେତ ଷଠିପୁରରେ ଛାଡ଼ିଦେବି । ଦୋ ଦୋ ପାଞ୍ଚହୋଇ ଗାଡ଼ିରେ ବସିଲି । ମୋ ହ୍ୟାଣ୍ଡବ୍ୟାଗଟି ମଝିରେ ରଖିଲି ଯେମିତି ଭୁଲରେ ବି ତା ଦେହରେ ମୋ ଦେହ ନବାଜେ । ଚାରି କିଲୋମିଟର ରାସ୍ତା ମଧ୍ୟରେ ଆମ ଭିତରେ ଅଳ୍ପ କଥାବାର୍ତ୍ତା । ପଚାରିଲା, ଷଠିପୁରରୁ କୁଆଡ଼େ ଯିବେ? ମୁଁ କହିଲି ଯାଜପୁର ଟାଉନ୍ ପୁଣି ଟାଉନରୁ ବସ ଧରି ଅହିୟାସ । ମୋ ଅସୁବିଧା କହି ସାରି ତାକୁ ପଚାରିଲି ତମେ ମୋତେ ଲିଫ୍ଟ ଦେବାକୁ କେମିତି ରହିଗଲ ?ଡର ଲାଗିଲାନି । ସହଜେତ ରାତି ତାପରେ ତମେ ଝିଅପିଲା ଏକା ଅଛ, ଆଜିକାଲି ସମୟ ଯାହା ତଥଶପି ତମେ ମୋତେ ଲିଫ୍ଟ ଦେବାକୁ ରହିଲ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଝିଅଟି କହିଲା ଆପଣଙ୍କୁ ଏକା ଛାଡ଼ି ଆସିବାକୁ ମୋ ବିବେକ ମନାକଲା । ମୁଁ ଅନୁଭବ କଲି ଆପଣ ନିହାତି ଅସୁବିଧାରେ ପଡ଼ି ଲିଫ୍ଟ ମାଗୁଛନ୍ତି ।

ତା'ପରେ ମୁଁ ତ ଏକା ଥିଲି । ଆପଣଙ୍କୁ ଆଣିବାରେ କିଛି ଅସୁବିଧା ନଥିଲା । ଆପଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ? ମୁଁ କହିଲି, ହଁ ସବୁ ଦେବାଦେବୀଙ୍କୁ ଭକ୍ତି ଓ ବିଶ୍ୱାସ କରେ । ଜଗନ୍ନାଥଙ୍କୁ ହୃଦୟର ଈଶ୍ୱର ବୋଲି ମାନେ । ଝିଅଟି କହିଲା, ମୁଁ ବି ଈଶ୍ୱରଙ୍କୁ ବିଶ୍ୱାସ କରେ ଆଉ ଏ କଥାଟି ବିଶ୍ୱାସ କରେ ଯେ, ଈଶ୍ୱର କେବେ କାହାର ଅମଙ୍ଗଳ କରନ୍ତି ନାହିଁ । ସେହି ବିଶ୍ୱାସରେ ଆପଣଙ୍କୁ ଆଣିଲି । ଭାରି ଭଲ ଲାଗିଲା ଝିଅଟିର ସାହସ, ଉଦାରତା ଓ ଈଶ୍ୱର ବିଶ୍ୱାସ ଜାଣି । ଇତି ମଧ୍ୟରେ ଆମେ ପହଞ୍ଚି ଯାଇଥିଲୁ ରାଣୀଗୋଡ଼ା ପାଖରେ । ଝିଅଟି କହିଲା, ଚାଲନ୍ତୁ ଷଠିପୁରରେ ଛାଡ଼ିଦେବି । ଶୀତରାତିରେ ଝିଅଟିକୁ ବେଶି ଅସୁବିଧାରେ ନ ପକାଇବା ପାଇଁ ଚାହିଁଲି । ତେଣୁ ମନା କଲି । ସୌଭାଗ୍ୟକୁ ଲିଫ୍ଟ ମିଳିଗଲା ସଂଗେ ସଂଗେ । ଝିଅଟି ବି ପଳାଇଲା । ମୋର କିଛି ଅସୁବିଧା ହେଲାନି । ଭଲରେ ଘରେ ପହଞ୍ଚିଲି । ଏଭଳି ଶୀତରାତିରେ ଝିଅଟିଏ ଲିଫ୍ଟ ଦେବ ଏ ବିଶ୍ୱାସ ମୋର ନଥିଲା । ଝିଅଟିକୁ ମନେ ମନେ ବହୁତ ଧନ୍ୟବାଦ ଦେଲି । ଏପରି ଦୟାର୍ଦ୍ଦ ବ୍ୟକ୍ତିମାନଙ୍କୁ କେବେ କିଛି ବିପଦ ନପଡୁ ବୋଲି ଈଶ୍ୱରଙ୍କୁ ପ୍ରାର୍ଥନା କଲି । ଚାରିବର୍ଷ ତଳର ଏ ଘଟଣା ଏବେ ମନେ ପଡ଼ିଲେ ମନକୁ ମନ କହିଦିଏ, ହଁ ବେଳେବେଳେ ଏମିତି ବି ହୁଏ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର ।

## ନିଛୁମ ରାତିରେ ପାଉଁଜି ବାଜେ...

- ଆନନ୍ଦ ସାଗରିଆ

ଅମାବାସ୍ୟା ରାତି । ସବୁଆଡ଼େ ଅନ୍ଧାର । ରାସ୍ତାଜାକ ଶୂନଶାନ । ରାସ୍ତାକୁ ବାହାରିବା ପାଇଁ ଭାରି ଡର ଲାଗୁଥାଏ । କିଛି ଜରୁରୀକାଳୀନ କାର୍ଯ୍ୟରେ ମୋ ଅନ୍ତରଙ୍ଗ ବନ୍ଧୁ ରାଉରକେଲା ଯିବା ପାଇଁ ଭବାନୀପାଟଣାର ସରକାରୀ ବସ୍‌ଷ୍ଟପରେ ଛାଡ଼ି ଆସିବାକୁ କୁହନ୍ତି । ସେତେବେଳକୁ ପ୍ରାୟ ନଅଟା ତିରିଶ ମିନିଟ ପାଖାପାଖି । ରାଉରକେଲା ବସ୍ ପ୍ରାୟ ରାତି ଦଶଟାବେଳେ ଛାଡ଼େ । ଆମେ ଦୁହେଁ ବାହାରି ପଡ଼ିଲୁ ବସ୍‌ଷ୍ଟପକୁ । ବସ୍ ଲାଗିଥାଏ ରାସ୍ତାକଡ଼ରେ । କିଛି ସମୟ ବାର୍ତ୍ତାଳାପ କଲାପରେ ବସ ଉପରକୁ ଚଢ଼ନ୍ତି ରମା । କିଛି ମୁହୂର୍ତ୍ତପରେ ହର୍ଣ୍ଣ ବଜେଇ ବସ୍ ଚାଲିଯାଏ ।

ମୁଁ ବସ୍‌ଷ୍ଟାଣ୍ଡ ଛାଡ଼ିଲାବେଳେ କିଛି ପାଉଁଜିର ଶବ୍ଦ ଓ ସ୍ୱର ଶୁଣେ ପାଖ ବସ୍‌ରୁ । ସେଇଟା ପୁଣି ଗୋଟିଏ ଝିଅର ସ୍ୱର । ରାତି ଦଶଟାରେ ଝିଅଟି ବସରୁ ଓହ୍ଲାଇ ସବୁଆଡ଼େ ଦେଖାଦେଖି ହୋଇ କହୁଥାଏ ମୋ ଲଗେଜଗୁଡ଼ିକ ରିକ୍ସାବାଲା ପାଖକୁ ଟିକେ ନେଇଯାଅ । ଏପାଖରେ ମୋ ଘର । ଚାରିଛକ ଡେଇଁ କେତେଦୂର ଗଲେ ମୋ ଘର ଦିଶେ । ମୋତେ ଟିକେ ସାହାଯ୍ୟ କର ।

ସ୍ୱର ଶୁଣି ତା ପାଖକୁ ଚାଲିଯିବା ପାଇଁ ଭାବେ । ତାକୁ ଟିକେ ସାହାଯ୍ୟ କରି ଆସିବି ବୋଲି ଆଉ ତା ସହ କିଛି ସମୟ କଥାହୋଇପାରନ୍ତି । କାହିଁକି ନା ତା କଥାରୁ ଜଣା ପଡୁଥାଏ ସିଏବି ବୋଧେ ମୋ ରହୁଥିବା ସାହିର ଝିଅ ।

ଅନ୍ଧାର ରାତି । ତାକୁ ଦେଖି ହେଉନଥାଏ କିନ୍ତୁ ସୁନ୍ଦର ସ୍ୱର ଓ କଥା ଯୋଗୁଁ ଭାରି ଭଲ ଦିଶୁଥିବ ବୋଲି ଅନୁଭବ କରି ହେଉଥାଏ । ତା ପାଖକୁ ଯାଏ ତା ଲଗେଜଗୁଡ଼ାକ ଧରି କୁହେ ଚାଲ ମୁଁ ରିକ୍ସାବାଲା ପାଖରେ ଛାଡ଼ିଦେଇ ଆସିବି । ସେ ଆଗରେ ଆଗରେ ଚାଲିଯାଉଥାଏ । ମୁଁ ପଛରେ ପଛରେ ପାଉଁଜିର ରୁଣୁଝୁଣୁ ଶବ୍ଦ ଶୁଣି ରିକ୍ସା ବାଲା ପାଖକୁ ପହଞ୍ଚାଇ ଦିଏ ।

ପାଉଁଜିର ରୁଣୁଝୁଣୁ ଶବ୍ଦ ଯୋଗୁ ତା'ର ନାଁ ପଚାରିବା ଭୁଲିଯାଇଥିଲି ଆଉ ତା' ଘରର ଠିକଣା ମଧ୍ୟ ।

ମୁଁ ରହୁଥିବା ସାହିରେ କେବେ କେତେବେଳେ କେଉଁ ମୁହୂର୍ତ୍ତରେ କାହାର ପାଉଁଜି ବାଜିଲେ ହଠାତ୍ ଚମକି ଯାଏ ସେ ବୋଧେ ପୁଣିଥରେ ଆସିଛି ମୋତେ ସାହାଯ୍ୟ ମାଗିବାକୁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
କଳାହାଣ୍ଡି ବିଶ୍ୱବିଦ୍ୟାଳୟ



# ଦେହ

- ଦୁଷ୍ମନ୍ତ ବେହେରା

ହାଣ୍ଡିଗଡ଼ ଗ୍ରାମରେ ବେସ୍ ହସ ଖୁସିରେ ରହୁଥିଲେ ଧାର କୁଡ଼ଙ୍କ ପରିବାର । ପରିବାର କହିଲେ ନିଜ ସ୍ତ୍ରୀ ଓ ଝିଅ ସୁଲଗ୍ନା କୁଡକୁ ୧୩ ବର୍ଷ ହୋଇଥାଏ । ହାଣ୍ଡିଗଡ଼ ଗାଁ ରେ ଆମ୍ବତୁଟା, ଝରଣା ଗାଁ ଦାଣ୍ଡ ମହକରେ ସୁଲଗ୍ନା ହସଖୁସିରେ ବୁଲିଆସେ ।

ଦିନେ ହଇଜା ମହାମାରୀ ବ୍ୟାପିଲା, ଗାଁର ଅନେକ ଲୋକ ଓ ନିଜ ବାପା ମାଆ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ସୁଲଗ୍ନା ଚିନ୍ତାରେ ପଡ଼ିଗଲା କ'ଣ ଖାଇବ କିପରି ରହିବ ଆଖିର ଲୁହ ମନର ବେଦନା କହି ଦେଉଥିଲା । ତୁମେ ଏକା ହୋଇଗଲ । ଦେହର ଯୌବନ ମନର ବିଳାସ କହୁଥିଲା ମନରେ କ'ଣ ପାଇଁ କାନ୍ଦୁଛ ? ଏ ଦୁନିଆ ଏମିତି କନ୍ଦାଏ ।

ଏହି ସମୟରେ ଜୁନାଗଡ଼ ଗାଁରୁ ଅଜା ହରିଆ କୁଡ଼ ଆଉ ସୁଲଣା କୁଡ଼ ଆସିଲେ ଓ ସୁଲଗ୍ନାକୁ ନିଜ ସାଥିରେ ନେଇଗଲେ । ଜୁନାଗଡ଼ ଗାଁରେ ଅଜା କହିଲେ ଏ ବୁଢ଼ା ବୟସରେ କି ରୋଜଗାର କରିବି ।

ପରିବାରଟି ଦୁଃଖରେ ଚଳୁଥିଲା । ଓଳିଏ ଖାଇଲେ ଓଳିଏ ଓପାସ । ହରିଆ କୁଡ଼ ମଝିରେ ମଝିରେ ମଦ ପିଏ । ସୁଲଗ୍ନା ଘରର ଦୁଃଖ ଦେଖି ଗାଁ ଜଙ୍ଗଲରୁ ମହୁଲ ଫୁଲ, ଶାଳପତ୍ର, କେନ୍ଦୁପତ୍ର ତୋଳି ବିକ୍ରିକରି ଘର ଚଳାଏ ।

ଦିନେ ଖାଇବାର ଅଭାବ ହେବାରୁ ଅଜା ହରିଆ କୁଡ଼ ମହୁଲି ମଦ ପିଇ ଆଈ ସହିତ ଝଗଡ଼ା କରିଲା । ସୁଲଗ୍ନା ଆସି ମନା କରିବାରୁ ଅଜା ତାକୁ କହିଲା ଭୁଆଁସୁଣି ଝିଅ ଅଲକ୍ଷଣୀ, ମାଆକୁ ବାପାକୁ ଖାଇଲୁ ଏଠି ଆସିଛୁ ଆମକୁ ଖାଇବାକୁ ଲୋ ପୋଡ଼ାମୁହିଁ ଦେଖିଲେ ଅବଛା ଯାଉନୁ ଦେହ ବିକ୍ରି କରିବୁ ।

ମନର ଦୁଃଖ ଓ ପେଟର ଭୋକ ସୁଲଗ୍ନାକୁ ରାଜରାସ୍ତାକୁ ଆସିବାକୁ ପଡ଼ିଲା । ଦୁଇଜଣ ଲୋକଙ୍କୁ କହିଲା ମୁଁ ଦେହ ବିକ୍ରି କରିବି । ଦୁଇଜଣ ଲୋକ ଶୁଣୁ ଶୁଣୁ କହିଲେ ମୁଁ ଆଗ ତଟକା ମାଂସ ଲୋଭ ଏତେ ପାଗଳ କରିଥିଲା ଲୋକଟି କହିଲା କେତେ ଟଙ୍କା ନେବୁ ଝିଅ । ସୁଲଗ୍ନା କହିଲା ମୁଁ ପଇସା ନେବି ନାହିଁ । ମୁଁ ଖାଇବି ଓ ମୋ ଘରକୁ ଖାଇବା ନେବି, ଏକଥା ଶୁଣିଲା ପରେ ପ୍ରଥମ ଲୋକଟି କହିଲା ମୁଁ ଆଗ ଉପଭୋଗ କରିବି ।

ସୁଲଗ୍ନା କହିଲା ତୁମେତ ଉପଭୋଗ କରିବ ହେଲେ ଦୁନିଆ କହିବ ବେଶ୍ୟା, ମୋ ଦେହରୁ ବେଶ୍ୟା କଳଙ୍କଟି ଲିଭେଇଦେଇ ପାରିବ । ଟଙ୍କା ଦେଇ ମୋ ଇଜ୍ଜତ କ'ଣ ଫେରେଇ ପାରିବ ? ସାଇପଡ଼ିଶାଙ୍କର ଟୁପୁରୁ ଟାପୁରୁରୁ କ'ଣ ରକ୍ଷା କରିପାରିବ ?

ଦୁଇଜଣ ଲୋକ କହିଲେ ହଁ ଝିଅ ଆମେ ରକ୍ଷା କରିବୁ । ଦେହକୁ ଉପଭୋଗ କରି ଛିରେ ଛାପ ପକାଇ ଚାଲିଗଲେ । ମାଂସ ବିକଳର ମଣିଷ ମିଥ୍ୟା ପ୍ରତିଶ୍ରୁତି ଦେଇ ଉପଭୋଗ କରି ଚାଲିଗଲେ । ଏ ଦୁନିଆ ଏତେ ସ୍ୱାର୍ଥପର କାମ ସରିଲେ କିଏ କାହାର । ସୁଲଗ୍ନା କହିଲା ଛଳନା ଦୁନିଆରେ ବଂଚିବା ଏତେ ଯେ କଷ୍ଟ । ଆଖିର ଲୁହ ଆପେ ଝରୁଛି । ସୁଲଗ୍ନା କହିଲା କିଏ ଫେରେଇ ଦେବ ମୋ ଇଜ୍ଜତ, ଏ ଦୁନିଆ ନା ଏ ମଣିଷ ! ଏଠି କେହି ନୁହଁ କାହାର । କାମ ଥିଲେ ନିଜର କାମ ସରିଲେ ତୁମେ କିଏ ? ? ?

ରାସୋଳ, ଢ଼େଙ୍କାନାଳ ।

# ହାତୀର ଅନୁତାପ

– ବନଲତା ସିଂହ

ପାହାଡ଼ ତଳର ଗୋଟିଏ ନିଛାଟିଆ ଜାଗାରେ ହାତୀଟି ଅଛାଡ଼ ହୋଇ ପଡ଼ିଛି । ହାତ ଗୋଡ଼ କଥା ଛାଡ଼, ତା'ର କାନ କି ଲାଞ୍ଜ କି ଶୁଣ୍ଢ କିଛି ହଲାଇପାରୁନାହିଁ । ଆଖି କୋଣରେ ଦୁଇଧାର ଲୁହ ସାଥେ ନେଞ୍ଜରା ମେଞ୍ଚାଏ ଲାଗିଛି । ମାଛି ମଶାମାନଙ୍କର ଆନନ୍ଦ କହିଲେ ନସରେ । କାହିଁକି ନା ଆଜି ତାଙ୍କର ଭୟ ନହିଁ । କାରଣ ହାତୀଟି ନିସ୍ତେଜ ହୋଇପଡ଼ିଛି । ନହେଲେ ତା କାନକୁ ହଲାଇ ଦଶକୋଡ଼ିଏଟା ମଶା କି ମାଛିକୁ ଯମପୁରକୁ ପଠାଇ ସାରନ୍ତାଣି । ଏଣୁ ନିର୍ଭୟରେ ମଶାମାଛି ଲୁହ ଲେଞ୍ଜରା ଓ ରକ୍ତକୁ ଖାଇ ଚାଲିଛନ୍ତି । କଥାରେ ଅଛି ଜୋର ଯାର ମୁଲକ ତାର । ନିସ୍ତେଜ ହାତୀ ଉପରେ ପିମ୍ପୁଡ଼ିଟି ଚଢ଼ି କହୁଛି ମୁଁ ମୁଲକର ରାଜା ।

କେମିତି ଜାଣିପାରିହାତୀ ପଲ୍ଲଆସି ନିସ୍ତେଜ ହାତୀକୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇ ଜଙ୍ଗଲକୁ ଫେରିଗଲେ । ଦୁଇ ଦିନପରେ ଦେଖିଲେ ଆହତ ହାତୀଟି ଜଙ୍ଗଲ ଭିତରକୁ ଦଉଡ଼ି କରି ପଳେଇ ଆସି ଗୋଟଇଏ ଗଛ ମୂଳରେ ଶୋଇ ପଡ଼ିଲା । ଅନ୍ୟ ହାତୀମାନେ ଆସି ତାକୁ ଘେରିକରି ସୁଖଦୁଃଖ ପଚାରି ବସିଲେ । ଗୋଟିଏ ହାତୀ କହିଲା ତୁମେ କହିଲା ସାଥୀ – ତୁମର ଏ ଅବସ୍ଥା କିପରି ହେଲା ଆଉ କିଏ କଲା ? ହାତୀଟି କହିଲା – ହଁରେ ସାଙ୍ଗ ମୋ ଉପରେ ଅଭିଶାପ ପଡ଼ିଗଲା । ଛୋଟିଆ ଜୀବଟିଏ ସେ;କିନ୍ତୁ ତା'ର ଅଭିଶାପ ବହୁତ ବଡ଼ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ – ସେ କେଉଁ ଜୀବ, ତୁମ ପରି ଏଡ଼େ ବଡ଼ ଜନ୍ତୁକୁ ତା' ଅଭିଶାପ କିପରି ଫଳିଲା ? ଆଉ ଗୋଟିଏ ବୁଢ଼ା ହାତୀ କହିଲା ତାଙ୍କୁ ଆଗେ କ'ଣ ଟିକେ ଖାଇବାକୁ ଦିଅ । ସେ ଖାଇପିଇ ଟିକେ ଆଶ୍ୱସ୍ତି ଲାଭ କରୁ, ସେ ସବୁ କହିବ । ତୁମର ଅନେକ ପ୍ରଶ୍ନର ଉତ୍ତର ଦେବାକୁ ତା'ର ଶକ୍ତି ନାହିଁ । ସମସ୍ତେ କଥା ମାନି ତାକୁ ଶକ୍ତି ମତେ କିଛି ଖାଇବାକୁ ଦେଲେ, ସେ ଟିକେ ଆଶ୍ୱସ୍ତି ହେଲାପରେ କହିଲା ।

ମୁଁ ମୋ ଜବାନ ବେଳେ ଭାରି ଦୁର୍ଦ୍ଦାନ୍ତ ଥିଲି, ମୁଁ ଭାବୁଥିଲି ଏ ଜଙ୍ଗଲଟା ମୋର । ମୁଁ ଏ ଜଙ୍ଗଲର ରାଜା । ମୁଁ ପାଟି କରି ଜଙ୍ଗଲରେ ଗଲାବେଳେ ମୋତେ ଗର୍ଭଣୀ ସିଂହୀ ମଧ ବାଟଛାଡ଼ିଦିଏ । ପଶୁପକ୍ଷୀମାନେ ଡରରେ ଥରହର ହୁଅନ୍ତି, କାରଣ ମୋ ଦେହରେ ଏତେ ବଳ ଥିଲା ଯେ ମୁଁ ନିମିଷକେ ଜଙ୍ଗଲକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଉଥିଲି । ଦିନେ ମୁଁ ମୋ ହାତୀଆଣୀ ଆଉ ଛୋଟ ପିଲାଟିକୁ ଧରି ଆମେ ଜଙ୍ଗଲ ପରିକ୍ରମା କରୁଥିଲୁ । ଦେଖିଲି କାଠହଣା ଚଢ଼େଇଟି ଗଛରେ ଥଣ୍ଟରେ ହାଣୁଛି । ମୋତେ ଦେଖି ଖାତିର କରୁନି କି କାଠ ହଣା ବନ୍ଦ କରୁନି । ମୁଁ ତାକୁ ଧୀରେ ବୋବାଇ ମାନେ ଗଳା ଖିଙ୍କାରି ସାବଧାନ କଲି କିନ୍ତୁ ତଥାପି ସେ ମୋ ଆଡ଼କୁ ଚାହୁଁନି କି ତା କାମବନ୍ଦ କରୁନି । ମୋର ଧୀରେ ଧୀରେ ରାଗ ବଢ଼ିଲା । ମୋ ରାଗ ଦେଖକି ହାତୀଆଣୀ ଆଉ ମୋ ଛୁଆ ଡରିକରି ପଳାଇଗଲେ । ତାକୁ ଅନେକ ପକ୍ଷୀ ଆସି ବୁଝେଇଲେ ଆରେ ତୁ ଏତେଟିକେ ଚଢ଼େଇ ତୁ ସେ ମଉହସ୍ତୀ ସାଙ୍ଗରେ ଟକ୍କର ଦେଉଛୁ । ତୁ ଟିକେ କେଉଁଆଡ଼େ ପଳେଇ ଯା ପରେ ଆସିବୁ ସେ କହିଲା ମୁଁ କ'ଣ ତା ଅଧୀନରେ ଅଛି । ମୁଁ ମୋର ଛୁଆ ପାଇଁ କାଠ ହାଣି କୋଟର କରୁଛି ମୁଁ ତ କାହାର ସମ୍ପତ୍ତି ଲୁଟ୍ କରୁନି ।

ମୋ ରାଗ ପଞ୍ଚମକୁ ଉଠିଗଲା । ମୁଁ ସେ ଗଛକୁ କାହିଁକି ହଲାଉଛ ? ମୁଁ ତୁମର ଯଦି ଦୋଷ କରିଛି, ତାହେଲେ ମୋତେ ଦଣ୍ଡ ଦିଅ କିନ୍ତୁ ମୋର ଛୋଟ ଛୁଆ କାଲି ଜନ୍ମ ନେଇଛନ୍ତି । ସେ ପଡ଼ିମରି ଯିବେନି । ସେ ମରିଗଲେ ତୁମେ କି ଲାଭ ପାଇବ ? ତୁମ ଆଗରେ ମୁଁ ତୁମ ଛୁଆର ଯଦି ସେଇ ଅବସ୍ଥା କରେ ତୁମେ ସହି ପାରିବ ତ ? ମୁଁ ଆଉରି ଜୋରରେ ରାଗି ଗଲି । ଆଉ ଏତେ ଜୋରରେ ଗଛକୁ ହଲାଇଲି ଯେ ତା ଛୁଆ ବସା ସହିତ ତଳେ ଗଳି ପଡ଼ିଲେ । ଆଉ ମୁଁ ତାକୁ ମୋ ଗୋଡ଼ରେ ଚକଟି ଦଳି ଦେଲି । କାଠ ହଣା ଚଢ଼େଇ କାନ୍ଦି କାନ୍ଦି ମୁଣ୍ଡକୁ ପିଟି ହେଲା ଆଉ ମୋ ଛୁଆର ଆଖିକୁ ଖୁମ୍ପି ତାର ସେ କାଠ ହଣା ଥଣ୍ଟରେ ଆଖି ଫୁଟାଇ ଦେଲା । ତା'ପରେ କାନ୍ଦି କାନ୍ଦି ସେ ଜଙ୍ଗଲକୁ କମ୍ପାଇ ଦେଲା । ଆଉ ଅଭିଶାପ ଦେଲା ତୁ ମୋ ପରି ତୋର ସ୍ତ୍ରୀପିଲାଛୁଆଙ୍କୁ ହରାଇବୁ । ଦିନେ ତୋ ଗର୍ବ ଚୂନା ହେବ । ସେ ପୁଣି ଅର ପରି ପୋତକ ଆକ୍ରମଣରେ ।

ସତକୁ ସତ ମୋ ଆଖି ଆଗରେ ମୋ ସ୍ତ୍ରୀକୁ ଦାନ୍ତ ମାଫିଆ ମାନେ ଗୁଳି କରି ମାରିଦେଲେ । ଆଉ ମୋ ଛୁଆ ଅନ୍ଧ ହୋଇଯାଇ ବଡ଼ ଖାତରେ ପଡ଼ି ମରିଗଲା । ମୁଁ ଦୁଃଖ ଆଉ ରାଗରେ ଦଉଡ଼ି ଦଉଡ଼ି ଆସିବା ସମୟରେ ମୋ ମାହୁନ୍ତ ଯେଉଁ ଖେଦା ସଜାଡ଼ି ଥିଲା ମୁଁ ପଡ଼ିଗଲି ଆଉ ସେ କ'ଣ ଶୁଂଘାଇ ଦେଲା କେଜାଣି ମୁଁ ତା ପଛେ ପଛେ ଚାଲିଲି । ତା'ର ବୋଲକରା ହୋଇଗଲି । ସେ ଯାହା କହିଲା ମୁଁ ସେଇଆକଲି । ମୋତେ ଦେଖାଇ ପଇସା ରୋଜଗାର କରି ତା ପରିବାର ପୋଷିଲା । ଯାହା ଖାଇବାକୁ ଦିଏ ତାହା ସମୁଦ୍ରକୁ ଶଙ୍ଖେ ପରି ଭଗବାନ ଛପନ କୋଟି ଜୀବ ଜନ୍ତୁ ଜନ୍ମଦେଇ ତା ପାଇ ଖାଦ୍ୟ ସୃଷ୍ଟି କରିଛନ୍ତି ଆମ ପାଇଁ ଜଙ୍ଗଲ ସୃଷ୍ଟି କରି ଖାଦ୍ୟ ଦେଇଛନ୍ତି । ସେ ପୁଣି ଏମିତି ବିଧାନ କରିଛନ୍ତି ଯେ ଆମେ ଯେତେ ଖାଇଲେ ସେ ସେତେ କଅଁଳେ । କିନ୍ତୁ ମଣିଷମାନେ ଜଙ୍ଗଲକୁ କାଟି ସଫା କରି ଦେଉଛନ୍ତି । ଦିନେ ମୋ ମାହୁନ୍ତ ମୋତେ ନେଇ ପୁରୁଷୋତ୍ତମ ବାହାରିଲା ।ଅଧିକ ପଇସା ରୋଜଗାର କରିବ ବୋଲି ପାହାଡ଼ ପର୍ବତ ଖାଲଡ଼ିପ ରାସ୍ତାରେ ମୋତେନେଇ କରି ଯାଉଥିଲା । ମୋର ଇଚ୍ଛା ହେଉଥିଲା... ତାକୁ ଏ ନିଛାଟିଆ ରାସ୍ତାରେ ମାରି ଦେଇ ମୁଁ ଜଙ୍ଗଲକୁ ପଳାଇବି । ଠିକ୍ ଏତିକିବେଳେ ସେ ପୋତକ ଦଳ କେଉଁଠି ଥିଲେ

କେଜାଣି ମୋ ଶୁଣ୍ଢରେ ପଶିଗଲେ । ମାହୁନ୍ତ ଜାଣିପାରି ଓହ୍ଲାଇ ଗଲା ଆଉ ମୁଁ ଅସ୍ତବ୍ୟସ୍ତ ହୋଇ ଏହି ଖାଲରେ ପଡ଼ିଗଲି । ମୋର ଗୋଡ଼ ପିଠି ସବୁ ଖଣ୍ଡିଆ ହୋଇଗଲା । ମୁଁ ଆଉ ଉଠି ପାରିଲିନି କି ଚାଲି ପାରିଲାନି । ମୋତେ ନିସ୍ତୁକ ମାଡ଼ ମାରି ଡରାଇ ଉଠାଇବାକୁ ଚେଷ୍ଟାକଲା । ମୁଁ ଉଠି ନପାରିବାରୁ ମୋତେ ଛାଡ଼ିକରି ଚାଲିଗଲା । ମୋତେ ଭୀଷଣ କଷ୍ଟ ହେଉଥାଏ । ଭୋକ ମଧ୍ୟ ହେଉଥାଏ । ଏହି ସମୟରେ ତୁମେମାନେ ଯାଇ ଚେଷ୍ଟା କଲ ମୁଁ ଉଠି ନପାରିବାରୁ ତୁମେ ଚାଲି ଆସିଲ ।

ତାପରେ ଦଳେ ଆଦିବାସୀ ଲୋକ ଆସିଲେ । ହାତୀମାନେ କହିଲେ ମଣିଷ ପରା ତୁମକୁ ଏତେ ଦଣ୍ଡ ଦେଲା । ପୁଣି ସେମାନେ ଆସି କ'ଣ ଅଧିକ ଦଣ୍ଡଦେଲେ । ନାହିଁରେ...ସାଙ୍ଗ ଲୋକମାନେ କ'ଣ ସମସ୍ତେ ଖରାପ । ଈଶ୍ୱରଙ୍କ ସୃଷ୍ଟିରେ ଭଲ ଅଛନ୍ତି ଖରାପ ବି ଅଛନ୍ତି । ଯେମିତି ସୁନାରେ କିଛି ଖାଦ ନ ରହିଲେ କ'ଣ ସୁନ୍ଦର ଗହଣା ହୋଇପାରିବ ? ସେମିତି ଭଲମନ୍ଦ ମିଶା ଲୋକ ନରହିଲେ କ'ଣ ସଂସାର ହୋଇପାରିବ ? ଦେଖୁନ ମୁଁ କେମିତି ଦୁର୍ଦ୍ଦାନ୍ତ ଥିଲି, ପରିସ୍ଥିତିରେ ପଡ଼ି ମୁଁ ଶାନ୍ତ ହୋଇଗଲି । ସେମାନେ ପହଞ୍ଚି ମୋତେ ଖାଲରୁ ଉଠାଇ ମେର ସେବା କଲେ । ଡାକ୍ତର ଡାକି ଔଷଧ ଦେଲେ । ତାପରେ ମୋ ଉପରେ ପାରି ଢ଼ଶଳି ମୋତେ ଉଠାଇଲେ ।

ହାତୀମାନେ କହିଲେ – ଆଚ୍ଛା, ତୁମେ ତୁମର ସେ ମାହୁନ୍ତ ପାଖକୁ ନଯାଇ ଏଠାକୁ କାହିଁକି ଆସିଲ ? ନାହିଁରେ ମୋର ଆଉ ତାଙ୍କ ପାଖକୁ ଯିବାପାଇଁ ଇଚ୍ଛା ହେଲାନି । କାରଣ ସୁଖର ବନ୍ଧୁ କେବେ ଭଲ ପାଇବନି ଦୁଃଖର ବନ୍ଧୁ ପ୍ରକୃତ ବନ୍ଧୁ । ଏଣୁ ମୋର ଜଙ୍ଗଲ ଅଛି ତ ସବୁ ଅଛି । ମୁଁ ଯେଉଁ ଅପରାଧ କରିଥିଲି, ତା'ର ପ୍ରାୟଶ୍ଚିତ କେବଳ ଅନୁତାପରେ କରିବି । ପ୍ରଭୁ ମୋ ସହିତ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଆଉ ଆସ ଆମେ ସମସ୍ତେ ପ୍ରଭୁଙ୍କୁ ଜଣାଣ କରିବା ହେ ପ୍ରଭୁ ମନୁଷ୍ୟଙ୍କୁ ସଦ୍‌ବୁଦ୍ଧି ଦିଅ ସେମାନେ ଜଳ, ଜଙ୍ଗଲ ଆଉ ଜୀବଜନ୍ତୁଙ୍କୁ ନଷ୍ଟ ନକରି ପ୍ରାକୃତିକ ସମ୍ପଦକୁ ରକ୍ଷା କରନ୍ତୁ ।

ଗଣ୍ଡରପୁର, କଟକ

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ମାଆରୁ ମାମା ପର୍ଯ୍ୟନ୍ତ

- ବେବୀ ନାଏକ

ସାମାନ୍ୟ ଡେଙ୍ଗା, କୁଞ୍ଚୁକୁଞ୍ଚିଆ ବାଳ, ସରଳତାର ସାକ୍ଷାତ ପ୍ରତିମୂର୍ତ୍ତି ଆଇ.ଏ.ଏସ୍ ପ୍ରଶାନ୍ତ ମହାପାତ୍ର । ଅର୍ଦ୍ଧାଙ୍ଗିନୀ ହେଇ ଅଛନ୍ତି ମିଲି । ନା-ନା ଭୁଲ୍ କହିଲି ମିସେସ୍ ମହାପାତ୍ର । କାରଣ ସେ ମିସେସ୍ ମହାପାତ୍ର ନଚେତ୍ ମାଡ଼ାମ୍ ଶୁଣିବାକୁ ବେଶ୍ ଭଲ ପାଆନ୍ତି । ଖାଲି ଏମିତି ଡାକରେ ତାଙ୍କ ଭଲପାଇବା ଅଛି କହିଲେ ଠିକ୍ ହେବ ନାହିଁ । ଏପରି ସମ୍ବୋଧନ କି ସମ୍ବର୍ଦ୍ଧନା ତାଙ୍କୁ ସଦା ମିଠେଇ ପରି ଲାଗେ । ତାଙ୍କର ଏକ ଅଲିଅଳି ଗଳାର ରତନ ହେଉଛି ଛଅ ବର୍ଷର ପୁଅ ରାହୁଲ । ମୋଟାମୋଟି କହିବାକୁ ଗଲେ ଗୋଟିଏ ଛୋଟ ପରିବାର ସୁଖୀ ପରିବାର । ମୁମ୍ବାଇରେ ଘର ଅଛି ମାତ୍ର ବାବୁ ରୁହନ୍ତି ସରକାରୀ ଆବାସରେ । ତାଙ୍କ ସ୍ତ୍ରୀ ଗୋଟା ପଣେ ଭାରି ବୁଦ୍ଧିମତି, ଆଉ ଏଇଟା ତାଙ୍କର ବୁଦ୍ଧି ଯେ ନିଜ ଘର ଭଡ଼ାରେ ଯାଉ । ତେଣୁ ଯେ କେହି ବୁଝିଯିବେ ସେ ଜଣେ ସୁଖୀ ମଣିଷଟେ ବୋଲି ।

ମିସେସ୍ ମହାପାତ୍ରଙ୍କ କଥା କ'ଣ ସଦାବେଳେ ହାଇଫାଇରେ ଜୀବନ ପସନ୍ଦ । ଆବଶ୍ୟକତାଠାରୁ ଅଧିକ କେୟାରି । ଖାଲି ସତ୍ୟବାନ ପାଇଁ ସାବିତ୍ରୀ ନୁହଁ ପୁଅ ରାହୁଲ ପାଇଁ ମଧ୍ୟ । ୬ ବର୍ଷର ପୁଅକୁ ଭୋ୍ ୫ଟାରେ ଆଲାରାମ୍ କରି ଉଠାଏ । ଖରା, ବର୍ଷା, ଶୀତ କାକର ସବୁଦିନ ସକାଳୁ ପାର୍କକୁ ନେବ । ଦୁହିଁଙ୍କ ଓ୍ୱାକିଂ ପରେ ଘରକୁ ଫେରିଲେ ଯଦି ପେଟ କାମୁଡ଼େ ମାତ୍ର ଗୋଟେ ଗ୍ଲାସ୍ ଜୁସ୍ ଦବ । ଆଉ କିଛି ସମୟ ପରେ ବାଉଲ ଗଜା ମୁଗ ଯାହା ରାହୁଲ୍‌କୁ ଜମା ପସନ୍ଦ ନୁହେଁ । ମହାପାତ୍ର ସାର୍ ଘରେ ଥିଲେ ତାଙ୍କ ପାଇଁ ବି ପ୍ରାୟ ସେଇ ଖାଇବା । ସେ ରୋଷେଇ କରି ଜାଣନ୍ତିନି କି ଜାଣି ଶୁଣି କରନ୍ତିନି ଏକଥା ବି ସେ ଜାଣନ୍ତି ନାହିଁ । କିନ୍ତୁ ବେଶୀ ସମୟ ସମସ୍ତେ ସିଝା, ସନ୍ତୁଳା ହିଁ ଖାଆନ୍ତି । ବେଳେବେଳେ ସୁପ୍ କି ଫଳମୂଳ ମେନୁକୁ ଡେଇଁ ଆସନ୍ତି । କିନ୍ତୁ ବାପ ପୁଅ ମୋଟେ ପସନ୍ଦ କରନ୍ତି ନାହିଁ । କେବେକେବେ ତ ପ୍ରଶାନ୍ତ ବାହାରେ ହୋଟେଲରେ ପାଦ ଦିଅନ୍ତି କିନ୍ତୁ ପୁଅ ?

ବିଚରା ରାହୁଲ୍ ରାତିରେ କେବେକେ ତାର ଖାଇବ ଜିନିଷ ସ୍ୱପ୍ନରେ ଆସନ୍ତି । କିଛି ଟାଇଟ ପୋଗ୍ରାମ୍ ଭିତରେ ଯଦି ବାପ ପୁଅ ବାହାରକୁ ଗଲେ ମାଡ଼ାମଙ୍କ କଡ଼ା ତାଗିଦ୍ ଥାଏ ଯେ ବାହାର ଖାଦ୍ୟ ଦବନାହିଁ । ଦେହ ଖରାପ ହବ । ଓନଲି ଜୁସ୍ ନଥିଙ୍କ ଏଲସ୍ ଓକେ ? କିନ୍ତୁ ତାଙ୍କ ଅଲକ୍ଷ୍ୟରେ କିଛିଟା ମସ୍ତି, ଢେର ଖାଇବା କରନ୍ତି । ଘରକୁ ଯିବା ଆଗରୁ କୌଣସି ଫଳର ମାଉତ୍ ଫ୍ରେସ୍ ନର କରନ୍ତି ଆଉ ପରସ୍ପରକୁ ପ୍ରମିଜ୍ କରନ୍ତି ମାମା କାନକୁ ଏ କଥା ନଯାଉ ।

ରାହୁଲର ଦଶା କ'ଣ କୁହାଯିବ ସେ ପୁରା ରୁଟିନ୍‌ରେ ବନ୍ଧା । ଖାଇବା, ପିଇବା, ଖେଳିବା, ପଢ଼ିବା ମିଳାମିଶା ସବୁ । ବିଚରା.... । କଠୋର ଅନୁଶାସନ ଓ ଶୃଙ୍ଖଳ ଅନୁବ୍ୟବସ୍ଥାରେ ପିଲାଟି ପେସି ଅଣ ନିଃଶ୍ୱାସୀ ହେଉଥିବାର ଦେଖି ବେଳେବେଳେ ଭାରି ଦୁଃଖ କରନ୍ତି ପ୍ରଶାନ୍ତ କିନ୍ତୁ ସେ ନିରୂପାୟ ।

ପୁଅର ବୟସ ଦେଖି ତାଙ୍କ ଅତୀତ ପୃଷ୍ଠାରୁ ସେ ଘେରାଏ ବୁଲିଆସନ୍ତି । ସେ ଏ ସମୟରେ କ'ଣ କରିଥିଲେ । ବାଲି ଧୂଳିରେ ଲସର ବସର ହେଇ ସାଂଗସାଥି ସହ ଖେଳ, ଯାହା ବି ପାଇଲେ ପେଟ ପୁରା ଖାଇବା, ଏମିତି କେତେ କ'ଣ ? ସେ ନିଜକୁ ନିଜେ ପ୍ରଶ୍ନ ବାଢ଼ନ୍ତି କ'ଣ ଆମେ ଶୃଙ୍ଖଳିତ ନୁହେଁ କି ନଥିଲୁ । ନା ଏବେ ପ୍ରତିଷ୍ଠିତ ନୁହେଁ । କିଏ ବୁଝେଇବ ମିଲିକୁ ଅବୁଝା ଜଗତର ସେ ଭିନ୍ନ ପ୍ରାଣୀଟେ । ରାହୁଲର ଶୋଇବା ଘର ଅଲଗା ମାଆ କୋଳ କ'ଣ ତା ମିଠା ମିଠା ଗେଲ ବସର କ'ଣ ସେ ଏଥିରେ ଅଜଣା ରହିଗଲା । ଯଦିଓ ପ୍ରଶାନ୍ତ କଲେଜ ପଢ଼ା ପର୍ଯ୍ୟନ୍ତ ମାଆ ପାଖରେ ଶୋଉଥିଲେ । ଗୀତ ଗପ ଶୁଣି ଶୁଣି ମାଆକୁ ଜାବୁଡ଼ି ଧରି ଶୋଇବା ଅଭ୍ୟାସ ଥିଲା । ରାତି ସାରା ତା ହାତ ତାଙ୍କ ପିଠିରେ ପହରା ଦେଉଥିଲା । ମାଆ ତାଙ୍କ ପସନ୍ଦର ସବୁ ଜିନିଷ ତିଆରି କରି ତା ହାତରେ ଖୁଆଇ ଦେଉଥିଲେ । କପାଇବା ପରେ ତା କାନି ପଣତରେ ମୁହଁ ପୋଛିଦିଏ । ଏ କ'ଣ ଅସଭ୍ୟତାର ପରିଚୟ ଥିଲା କି ? ବୋଧେ ନା । ଏଠି ପୁଅ ପାଖରେ ଶିଶୁ ସୁଲଭ କୌଣସି ସ୍ୱଭାବ ନ ପାଇବାରେ ସେ ଦୁଃଖିତ ହବା ବାପାର ସ୍ୱାଭାବିକ । ଯଦି ବି କିଛି କରେ ମାମାର ଅନୁପସ୍ଥିତରେ । ମାମା ପାଖରେ ପୁରା ଚୁପ୍ । ଠିକ୍ କେଉଁ ବିଦେଶୀ ପକ୍ଷୀଟି ଅନ୍ୟ ଇଲାକାର ଭାଷା ନ ବୁଝି ପଢ଼ି ପାରିଲା ପରି ପିଞ୍ଜରାରେ ବନ୍ଦ ହେଇ ରହେ ।

ପାଞ୍ଚବର୍ଷ ତଳେ ପ୍ରଥମ କରି ପ୍ରଶାନ୍ତର ମାଆ ଆସିଥିଲେ ତାଙ୍କ ଘରକୁ । ପ୍ରଥମରୁ ଜଣା ଅଛି ମିସେସ୍ ମହାପାତ୍ର ଭାରି କେୟାରି । ତେଣୁ ତାଙ୍କ ବାସି ପଖାଳ ଖିଆ ମାଆ ବିନା ପଖାଳରେ ଛଟପଟ ହେଇ ତିନି ଚାରି ଦିନରେ ଗାଁକୁ ପଳେଇଲେ । ସେ ଥିଲାବେଳେ ସିଝା ଖାଦ୍ୟ ଖାଇପାରେନି ବୋଲି କିଛି ହାତ ତିଆରି ତିଅଣ କରେ, କିନ୍ତୁ ସେସବୁ ମିଲି ମାଡ଼ାମ୍ ଖାଆନ୍ତିନି କି କାହାକୁ ଖାଇବାକୁ ଦିଅନ୍ତି ନାହିଁ । ସେଦିନୁଁ ତାଙ୍କ ମାଆ ଯାଇଛନ୍ତି ଯେ ଏ ଯାଏଁ ଆଉ ଆସି ନାହାଁନ୍ତି ।

ସେ ବି ସମୟ ସହ ଭାବ କରୁକରୁ ତାହିଁ ଢେର କିଛି ଦିନର ସମୟ ନମିଳିବାରୁ ୫ ବର୍ଷ ହେଲା ଗାଁ ଚେହେରା ଦେଖି ନାହାଁନ୍ତି । ଗାଁରେ ସାନ ଭାଇ ବୋହୂ ସହ ମାଆ ରୁହେ ଭାରି ଖୁସିରେ । ବେଳେବେଳେ ସେ ଖୁବ୍ ଏକଲା ଅନୁଭବ କରନ୍ତି । ଗୁମୁରି ଗୁମୁରି କାନ୍ଦନ୍ତି ବି । ଗାଁ ଆଉ ମା କଥା ଭାରି ମନେ ପଡ଼େ । ଏଇ ତ କିଛି ଦିନ ତଳେ ଗାଁ କଥା ତାକୁ ଶୁଣାଉଥିଲେ । ତେଣୁ ତାର ଗୋଟେ ସ୍ୱପ୍ନ ଯେ ଥରେ ଗାଁକୁ ଯିବ । ଜେଜେମା, ଦାଦା, ଖୁଡ଼ିଙ୍କୁ ଦେଖିବ । ସେଥିପାଇଁ ପାପା ପୁଅକୁ କଥା ଦେଇଛନ୍ତି ଏଥର ଶୀତ

ଛୁଟିରେ ଗାଁକୁ ଯିବେ । ଶୀତ ଋତୁର ଗାଉଁଲି ନିଆରା ଦୃଶ୍ୟପଟ ନିଶ୍ଚୟ ପୁଅକୁ ଭଲ ଲାଗିବ ଆଉ ତା'ର ସ୍ୱପ୍ନ ପୂରଣ ହବ ।

ମୁମ୍ବାଇରେ ସେମାନେ ଯେଉଁଠି ରୁହନ୍ତି, ସେଠାରେ ପାଖାପାଖି କିଛି ଓଡ଼ିଆ ଲୋକ ଅଛନ୍ତି । ମାଆର ଭାଷାକୁ କିଏ ବା ଥରେ ଭୁଲିପାରିବ । ସେ ବି ଖୁବ୍ ଭଲ ପାଆନ୍ତି ଓଡ଼ିଆଙ୍କୁ । କିନ୍ତୁ ସ୍ତ୍ରୀ ଜମା ପସନ୍ଦ କରେନି । ଇଏ ଯେମିତି ନାନୀ, ଭାଉଜ, ଖୁଡ଼ି, ମାମୁଁ ମାଇଁ ଆଉ ସେମିତିକା ମିଳି ଡାକ ବି ତାକୁ ମୋଟେ ଭଲ ଲାଗେନା । ଖାଲି ସୁଆଦିଆ ଲାଗେ ଅଙ୍କଲ, ଆଣ୍ଟି, ମିସେସ୍ ମହାପାତ୍ର ବା ଖାସ୍ ମାଡ଼ାମ୍ । ତାକୁ ବୁଝେଇଲେ ଘରକୁ ଉଠବସ୍ କରେଇ ଉଗ୍ର ରୂପେ ଲମ୍ବା ଇଂରାଗୀ ଭାଷଣଟେ ତାଙ୍କ ମୁହଁକୁ ଫୋପାଡ଼ି ଦିଅନ୍ତି । ଏମିତିକି କାହା ସହ ବେମତଲବ୍ ମିଶାମିଶା କରି ଦିଅନ୍ତିନି । ଖାଲି ନିଜ ଆଭିଜାତ୍ୟର ବାହାବା ଦେଖାଇ ସମତୁଲ ସମ୍ଭ୍ରାନ୍ତ ପରିବାର ସହ ଭାବ ରଖନ୍ତି । ଫର୍ମାଲିଟି ତାଙ୍କୁ ଭାରି ଆସେ । ଆର୍ଟିଫିସିଆଲ ଲୋକ ଖୁବ୍ ଅନ୍ତରର ।

ଏଥର ଶୀତ ଛୁଟିରେ ମାଡ଼ାମ୍‌କୁ ଅନେକ ବିଦେଶୀ ଦାମୀ ଜିନିଷ ଉପହାର କରି ପ୍ରଶାନ୍ତ ବାବୁ ଗାଁକୁ ଯିବା ପାଇଁ ରାଜି କରେଇଛନ୍ତି । ଗାଁ ଆଉ ଗାଁ ଲୋକଙ୍କ କଥା ଶୁଣିଲେ ସେ ନାସିକ କୁଞ୍ଚନ କରେ, ତେଣୁ କଷ୍ଟେମଷ୍ଟେ ୪ ଦିନ ପାଇଁ ହଁ ଭରିଲେ ମିଳି ମାଡ଼ାମ୍ । କିନ୍ତୁ ସର୍ତ୍ତ ରଖିଲେ ଯେ ତୁମ ଗାଉଁଲି ଲୋକଙ୍କ ଭଳି ମୁଁ ଶାଢ଼ୀ ପିନ୍ଧି ପାରିବି ନାହିଁ । ମୁଁ ମୋର ନୁଆ ଟି ସାର୍ଟ ଆଉ ଜିନ୍ସ ହିଁ ପିନ୍ଧିବି । ପ୍ରଶାନ୍ତ ମୁହଁକୁ ଟିକେ ନୁଆଇଁ ଦେବାରୁ କହିଲେ ସାଲୱାର ଚଳେଇ ଦେଇ ପାରେ, ବଟ ସାରି ନୋ ୱେ । ରାହୁଲର ସ୍ୱପ୍ନ ତଥଶ ନିଜେ ଟିକିଏ ମାଆର ସାନ୍ନିଧ ପାଇଁ ମିସେସ୍ ମହାପାତ୍ରଙ୍କ ସର୍ତ୍ତ ମାନିନେଲେ ।

କିଛିଦିନ ପରେ ଖୁବ୍ ପ୍ଲାନିଙ୍ଗର ଆଢୁଆଳରେ ସପରିବାର ଗ୍ରାମ ଅଭିମୁଖେ ଯାତ୍ରା କରିଛନ୍ତି । ଫ୍ଲାଇଟରୁ ଡାଇରେକ୍ଟ ଭୁବନେଶ୍ୱର । ସେଠୁ ଗାଁକୁ ୮୦ କିଲୋମିଟର ଦୂର । ବସ୍‌ରେ ଯିବାକୁ ହୁଏ । ରାହୁଲ ଯଦିଓ ବସ ଅନୁଭୂତି ସାଉଁଟିବାକୁ ଚାହୁଁଥିଲା କିନ୍ତୁ ସେ କୌଣସି ମତେ ମିସେସ୍ ମହାପାତ୍ରଙ୍କ ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ ତେଣୁ କାର୍ ବୁକ୍ କରିଛନ୍ତି । ଆଗରୁ ଭାଇକୁ ଗାଁକୁ ଆସିବାର ଖବର ଫୋନ୍ କରି ଦେଇଥିଲେ । ଭାଇଟା ଗାଁ ସ୍କୁଲରେ ଶିକ୍ଷକ ଅଛି । ପ୍ରଶାନ୍ତର ସୁନା ଭାଇ ସୁଶାନ୍ତ । ତାଙ୍କର ଭାରି ଗେହ୍ଲା ଖାସ୍ ପୁଅ ପରି । କିନ୍ତୁ ଭାଇକୁ ସମୟ ଅସମୟରେ କିଛି ଆର୍ଥିକ ସାହାଯ୍ୟ କରେ ବୋଲି ମିସେସ୍ ମହାପାତ୍ର ଭାଇ ସୁଶାନ୍ତ ଉପରେ ସବୁବେଳେ ଖପ୍ପା ।

ଗାଁକୁ ପ୍ରବେଶ କରୁ କରୁ କେଜାଣି କାହିଁକି ଗୋଟେ ଅଜଣା ପ୍ରୀତି ପୁଲକରେ ଛାତିଟା ଧଡ଼ପଡ଼ ହେଉଥିଲା । ମନଟା କେଉଁଏକ ଇଂରାଜୀ ଗୀତରେ କ୍ଲବ ଡାନ୍ସ କରୁଥାଏ । ଯେମିତି ତାଙ୍କ ଘରେ ଟିକେ ଟିକେ ଦେଖା ଗଲା ପ୍ରଶାନ୍ତ ବାବୁ ବେକ ଉପର ତଳ କରି ଚାରିଆଡ଼କୁ ଖଣଲି ବିସ୍ମିତ ଚାହାଁଣୀରେ ଦେଖୁଥାନ୍ତି । ଓଠାରେ ଧାରେ ମୁଚୁକୁନ୍ଦୁ ହସ ସିନା ଥାଏ ମାତ୍ର ହୃଦୟଟା ହୋଲି ଖେଳୁଥିଲା କହିଲେ ଠିକ୍ ହ ବା ଘର ପାଖକୁ କାରଟା ଛୁଇଁବି ଛୁଇଁବି ହଉଥିଲାବେଳେ ତାଙ୍କ ଭିତରୁ କୋହେଟେ ଉଠୁଥାଏ । ଘର ସାମ୍ନାକୁ ଥାଏ ସିଝୁଅମରି ଗଛର ବାଡ଼ ଘେରା ଆବଦ୍ଧ ଦାଣ୍ଡପଟ, ଯାହାକୁ ସେମାନେ କହୁଥିଲେ ଖଳାବାଡ଼ି । ଆଉ ଠିକ୍ ପାଖରେ ଠିଆ ହେଇଥାଏ ମାଆ । ଧଳା ଶାଢ଼ୀ, ଅଧା କଳା ଅଧା ପାଚିଲା ଫୁର୍ ଫୁର୍‌କିନା ଚୁଟି, ପାନ ଖିଆ ନାଲି ଓଠ, ସତରେ ପ୍ରଶାନ୍ତ ବାବୁ ଭାବିନେଲେ ଏ ନୁହେଁ ମୋ ମାଆ ସାକ୍ଷାତ ଗାଁ ବୁଢ଼ଇ ମଙ୍ଗଳା ଠାକୁରାଣୀ ପରି ଦିଶୁଥିଲା । ସମସ୍ତଙ୍କୁ ଦେଖି ଠୋଠୋ ହସରେ ପାଖକୁ ଧାଇଁ ଆସି ସାନ ପୁଅକୁ ଡାକ ଛାଡ଼ିଲେ । କାରରୁ ଓହ୍ଲାଇ ସଭିଏଁ ମାଆ ପାଦ ଛୁଇଁଲା ବେଳେ ମିଳି ମାଆର କିଛି ଦୂରରୁ ବିଦେଶୀ ଢଂଗରେ ହାଏ କହିଲା । ରାହୁଲ ମାଆକୁ ଜାବୁଡ଼ି ଧରିଥାଏ । ମିଳି ପ୍ରଶାନ୍ତର ଠିକ୍ ପଛକୁ ପଛକୁ ଥାଏ କାରଣ କୁଆଡ଼େ ମାଆ ଦେହର ଗାଉଁଲି ଗନ୍ଧ ତାକୁ ଅତିଷ୍ଠ କରି ପକାଉଛି । ସେ ରାଗରେ ଗରଗର ତ ହେଲେ କିନ୍ତୁ କିଛି କହିପାରିଲେ ନାହିଁ । କାରଣ ସେ ସେଇ ସୁଗନ୍ଧ ବାସ୍ନାରେ ପାଗଳ ଥିଲେ ।

ମାଆଟା ପୁଅ ମୁଖକୁ ଚାହିଁ ଅଛରାଏ କାନ୍ଦି ପକେଇ କୁଣ୍ଢେଇ ଧରିଛନ୍ତି । ତହିଁ ସେ ସେଥିରୁ ବି ବାଦ୍ ପଡ଼ି ନାହାନ୍ତି ଆଉ ଦି ଧାର ତତଲ ଲୁହ ଅଳି କଳା ପରି ବାହାରି ଆସିଲେ । ଆଉଁସି ଦେଇ କାନ୍ଦ କାନ୍ଦ ହେଇ କହିଲା – ଖାଉନୁ କିରେ ବାପା ମୋର ଧନ ମୋର । କେତେ ସୁଖି ଝଡ଼ି ଯାଇ କଳାକାଠ ପଡ଼ିଗଲୁଣି । ତୋ ଛନଛନ ମୁହଁ କୁଆଡ଼େ ହଜେଇଲୁ ? ଏମିତି ଅନେକ । ଯଦିଓ ସେ ଖୁବ୍ ମୋଟା ହେଇଯାଇଥିଲେ କିନ୍ତୁ ମାଆର ନଜର ତ ମାଆକୁ ତା ଛୁଆ ସବୁବେଳେ ଦୁର୍ବଳ ଦିଶନ୍ତି ।

ସାନଭାଇ ସମସ୍ତଙ୍କୁ ପ୍ରଣାମ କଲା । କେମିତି ଅଛୁରେ ମୋ ଭାଇ କହି ପ୍ରଶାନ୍ତ ଜୋର କିନ୍ତା ଆଲିଙ୍ଗନେ ଜାବୁଡ଼ି ଧରିଛନ୍ତି । କାରରୁ ସବୁ ଓହ୍ଲାହେଲା । ଭାଇ ବୋହୂ ଆସି ତାଙ୍କୁ ଓ ମିଳିକୁ ମୁଣ୍ଡିଆ ମାରିଛି । ତହିଁ ଆଦେଶ ଛଳରେ ମିଳି ରାହୁଲକୁ ଅଙ୍କଲ ଆଣ୍ଟିକୁ ହାଏ କହିବାରୁ ଅଜାଣତରେ ରାହୁଲ ଜବାବ୍ ଦେଲା ପରି ଦୌଡ଼ି ଯାଇ ଭୂମିଷ୍ଠରେ ପାଦ ଛୁଇଁଲା । ଅତି ସରାଗରେ ସେମାନେ ରାହୁଲକୁ କୋଳେଇ ନେଇ ଦାଦା ଖୁଡ଼ି କହିବା ପାଇଁ କହିବାରୁ ରାହୁଲ ଁ ଭରିଛି । ସତରେ ପ୍ରଥମକରି ପ୍ରଶାନ୍ତ ବାବୁ ଗେହ୍ଲାପୁଅର କଅଁଳିଆ କଣ୍ଠେ ଦାଦା ଖୁଡ଼ି ଶବ୍ଦ ଶୁଣି ବେଶ୍ ଖୁସି ହେଇଗଲେ ।

ଖୁବ୍ କମ୍ ସମୟରେ ରାହୁଲ ସମସ୍ତଙ୍କ ସହ ମିଶିଗଲା । ଫ୍ରେସ୍ ହେଇ ସମସ୍ତେ ଖାଇବାକୁ ଗଲାବେଳେ ମିଳି ମାଡ଼ାମ୍ ମିଳିମିଶି ଖାଇବାରେ ନାପସନ୍ଦ କରୁଥିବାରୁ ତାଙ୍କ ଖାଇବା ତାଙ୍କ ରହିବା ସ୍ଥାନରେ ରଖାହେଇଛି । ମାଆ ପ୍ରଶାନ୍ତର ପସନ୍ଦ ମୁତାବକ ସବୁ ଖାଇବା ଜିନିଷ ରାନ୍ଧି ଥିଲେ । ପଖାଳ, ଛୋଟ ମାଛଭଜା, କେତେ ପ୍ରକାରର ଶାଗ, ବଡ଼ି ଚୁରା, ଆଚାର, ପାମ୍ପଡ଼ ଏମିତି କେତେ କ'ଣ । ଓଃ ସତରେ ଏ ତ ଅମୃତ ବୋଲି କହି ସେ ମାଆର ତାରିଫ ନକରି ରହିପାରି ନାହାନ୍ତି । ପାଖରେ ବସି ମାଆ ପୁଅ ଓ ନାତିକୁ ହାତରେ ଖୁଆଇଲେ । ଆଶ୍ଚର୍ଯ୍ୟର କଥା ଇଏ ଯେ ଏସବୁ କେବେ ଖାଇବା ତ ଦୂରର ଥାଉ ଦେଖି ନଥିବା ରାହୁଲ ଶେଷରେ ନିଜ ହାତରେ ଚାଟି ପୋଛି ସବୁ ସଫା କରିଦେଲା । ଖାଇସାରି ସେ ମାଆ ପଣତରେ ମୁହଁ ପୋଛିଲେ କାରଣ ଏଇଟା ତାଙ୍କର ପୁରୁଣା ଅଭ୍ୟାସ ।

ନାତିକୁ ମାଆ ତା ରୁମକୁ ନେଇଗଲା ଗପିବା ପାଇଁ ଓ ଗଲା ବେଳେ କହିଗଲା ସମସ୍ତେ ଏତେ ବାଟ ଆସି ଥକିଯାଇଛ ଟିକେ ବିଶ୍ରାମ ନେଇଯାଅ । ହେଲେ ଏତେ ଦିନ ପରେ ଗାଁ ଚେହେରା ପାଇଛି ନିଦ ତ ଏକଦମ୍ ଫୁରକିନା ଉଡ଼ିଗଲା ବୋଧେ ତେଣୁ ସେ ଭାବିଲେ ମାଆ ଆଉ ଭାଇ ସହ କିଛି ଗପସପ କରିବା ଭଲ ହବ । ଯେମିତି ଘର ବାରଣ୍ଡା ଡେଇଁଛନ୍ତି ଆଖି ପୁରା ଛଳଛଳ । ମାଆକୁ ଜାବୁଡ଼ି ଗୋଡ଼ ହାତ ଲଦି ପୁଅ ଶୋଇଛି ନିଘୋଡ଼ ନିଦରେ । ହଠାତ୍ ଯେମିତି ଲାଗିଲା ତାଙ୍କ ଅତୀତର କିଛି ପୃଷ୍ଠା ବର୍ତ୍ତମାନକୁ ଡେଇଁ ଆସିଲା ପୁଅ ସହିତ । ଆଖିରେ ଆଖିଏ ଲୁହ ତହିଁ ସବୁ ଯାଇ ଓଠରେ ଗଦା ହେଇଛି । ମାଆ ଦେଖିବା ଆଗରୁ ପୋଛିଦେଲେ । ଦେଖି କହିଲେ ଶୋଇନୁ କିରେ ଧନ, ଆ ବସ । ରାହୁଲ ଶୋଇ ପଡ଼ିଲା କି ପଚାରିବାରୁ ଧୀରେ ହସରେ ମାଆ କହିଲା ତୋ ପୁଅ ତ ଏଇନେ ଗପ ଶୁଣୁଥିଲା, ଏଇନେ ଶୋଇଛି ପରା । ଦୀର୍ଘ ନିଶ୍ୱାସ ପକାଇ ପ୍ରଶାନ୍ତ କହିଲେ ଏତେ ଦିନ ପରେ ପ୍ରଥମ କରି ଯାକୁ ଏମିତି ଶାନ୍ତିରେ ଖାଇ ଶୋଇବାର ଦେଖିଲି, ବିଚରା ସବୁଥିରୁ ବଞ୍ଚିତ । ତହିଁ ଗାଁ ହାଲଚାଲ କଥା ହେଲେ ମା ପୁଅ ।

କିଛି ସମୟ ଅନ୍ତେ ଦିନ ୪ଟା କୁ ରାହୁଲ ଉଠିଲା । ନିଦ ଭାଗିଲା ଏବେ ଉଠିଲୁ କି ବେଟା ବୋଲି କହି ବାପା ଚାଲ ଉଠ ଘେରାଏ ବାରିଆଡ଼େ ବୁଲିବା ପାଇଁ ନେଇଗଲେ । ଅତି ଖୁସିରେ ରାହୁଲ କହିଲା – ସିଓର ପାପା । ଲମ୍ବା ପାଦଚଲା କିଛି ରାସ୍ତା ପରେ କଅଁଳିଆ ଘାସ ଗାଲିଚାରେ ପଦପାତ କଲାବେଳେ ରାହୁଲ ମନରେ ଉଙ୍କି ମାରୁଥାଏ ଅନେକ ପ୍ରଶ୍ନଗୁଚ୍ଛ । ଏଇଟା କେଉଁ ଫଳ, ସେଇଟା କେଉଁ ଫୁଲ, କେଉଁ ପକ୍ଷୀ, ତା କେଉଁ କାମରେ ଲାଗେ ଏମିତି ଅନେକ କିଛି । ଶେଷରେ ପୋଖରୀ ପାଖରେ ପହଞ୍ଚିଲେ ବାପ ପୁଅ ଦି ଜଣ । ପୋଖରୀକୁ ଏତେ ପାଖରେ ଦେଖି ତହିଁ ଛୁଇବାର ଖୁସିରେ ସେ ଉଛୁଳି ପଡୁଥାଏ । ବାପାଙ୍କ ହାତଧରି ଗୋଡ଼କୁ ପାଣିରେ ବୁଡ଼େଇ ଅନେକ ସମୟ ସେ ଖେଳିଲା । ପୁଅ ସହ ପାପା ବି ଛୋଟ ପିଲାଟେ ପରି ପାଣି ସହ ଖେଳିଛନ୍ତି । ପୋଖରୀ ହୁଡ଼ା, ଛୋଟ ମାଛ ତହିଁ ତା ପରିବେଶ ଦେଖି ଖନେଇ ଖନେଇ ରାହୁଲ ପଚାରିଲା ତମ ଗାଁ କେତେ ସୁନ୍ଦର ପାପା ! ହସିହସି ପାପା କହିଲେ କାଇଁ ଏଇଟା ତୋର ବି ଗାଁ ରେ ବେଟା ।

ଅତ୍ୟନ୍ତ ଖୁସି ହେଇଯାଇ ମୁହଁକୁ ବୁଲେଇ କହିଛି ସତରେ ଏଇଟା ମୋ ଗାଁ ? ଆଉ ମୁମ୍ବାଇ ?

ହଠାତ୍ କ'ଣ ଉତ୍ତର ଦେବେ ବୋଲି ଭାବି ପାରିଲେ ନାହିଁ ପାପା । କିନ୍ତୁ କହିଲେ ସେଇଟା ପରା ତୋ ମାମାର ଗାଁ । ସେ ଖିଲି ଖିଲି କରି ହସି କହିଲା ଯେ ପାପା । ମାମାକୁ ଜମା କହିବନି ତା ଗାଁ ମୋଟେ ଭଲ ନୁହେଁ । ଆମ ଗାଁଟା ଭଲ । ପାପା ତୁମ ଗାଁ ଦାଦା, ଖୁଡ଼ି ସଭିଏଁ ବହୁତ ଭଲ । ତମେ ଦେଖିଛ ନା ପାପା ତମ ମାଆ ଖୁଡ଼ି ଯେମିତି ଡ୍ରେସ୍ ପିନ୍ଧୁଛନ୍ତି କଥା ନ ସରୁଣୁ ପାପା କହିଲେ ଶାଢ଼ୀ । ହଁ ହଁ ଶାଢ଼ୀ ପାପା ସେଥିରେ ସେମାନେ ଗଡ଼ ପରି ଦେଖାଯାଉ ନାହାନ୍ତି କି କୁହ ?

ମାମା କାହିଁ ପିନ୍ଧନ୍ତି ନାହିଁ ଯେ ? ଜାଣିଛ ପାପା ତମ ମାଆ ବହୁତ ଭଲ । ସେ ମତେ ଖୁଆଇ ଦେଲେ ଗପ ଶୁଣାଇଲେ । ସେ ଖାଇବା ଯେମିତି ଟେଷ୍ଟ ନା ଭାବି ପାରିବନି । ଗପ କଥା କହିବି ସୋ ନାଇସ୍ ପାପା । ଏମିତି ତୁହାକୁ ତୁହା ପ୍ରଶ୍ନ କରି ଆପେ ଉତ୍ତର ଦେଇଦିଏ ।

କିନ୍ତୁ ରାହୁଲର ଏ ପ୍ରଶ୍ନରେ ପାପାର ମୁଣ୍ଡ ହଲେଇଦେଲା । ଆଚ୍ଛା କୁହ ପାପା ଏଇ ଯୋଉ ତମ ମାଆ ସିଏ ତମ ମାମା ଅଟନ୍ତି ତ ? ପାପା କହିଲେ ନିଶ୍ଚୟ ବେଟା ସେ ମୋ ମାଆ ଆଉ ମାମା ବି ।

ତାହେଲେ ତମ ମାଆକୁ ତୁମପାଇଁ କିଏ ଆଣି ଦେଇଥିଲେ ? ତା ଏପରି ପ୍ରଶ୍ନରେ ଯେ କେହି ହସିବ ସେ ବି ଟିକେ ହସିହସି କହିଲେ ମୋ ଜେଜେବାପା । ହଠାତ୍ ସେ କହିଉଠିଲା ତମ ଜେଜେବାପା ବିଲକୁଲ ଭଲ ନୁହଁନ୍ତି । ବୋଧେ ଖରାପ । ସେ କହିଲେ କାହିଁକି ବେଟା ? ଟିକେ ଉଦାସିଆ ସ୍ୱରରେ କହିଲା – ସେ ତମ ପାଇଁ ଭଲ ମାଆଟିଏ ଆଣିଦେଲେ କିନ୍ତୁ ମୋ ଜେଜେ ମୋ ପାଇଁ ଭଲ ମାଆଟିଏ କାହିଁକି ଆଣିଲେଣି । କୁହ ?

ସେ ମୋ ପାଇଁ ମାମା କାହିଁ ଆଣିଲେ ?

ପାପା ଶୁଣି ମାମା ଭଲ ନୁହଁ ମାଆ ଭଲ ।

କ'ଣ ବା ଅବୋଧ ଶିଶୁର ଏ ଉତ୍ତର ଦେବେ ବୁଝି ପାରିଲେନି । କିନ୍ତୁ କହିଲେ ସରି ବେଟା ତୋ ପାଇଁ ମାମା ମୁଁ ଆଣିଛି । ତୋ ଜେଜେ ନୁହଁ । କାରଣ ସେ ସେତେବେଳେ ଆଉ ନଥିଲେ । ଥିଲେ ବୋଧେ ମାମା ନ ଆଣି ନିଶ୍ଚୟ ମାଆ ଆଣି ପାରିଥାନ୍ତେ । ମୁଁ ଜାଣି ପାରିଲି ନାହିଁ ମାମା ଆଣିଦେଲି ।

ରାହୁଲ ଗୋଟେ ସୁଦକ୍ଷ ବ୍ୟକ୍ତି ଢ଼ଂଗରେ ପାପାଙ୍କୁ କହିଲା – ୟୁ ଆର ରଙ୍ଗ୍ ପାପା ୟୁ ହେପ୍ ଡନ୍ ଏ ମିଷ୍ଟେକ୍ ।

ମାଆ ସହିତ ମାମାର ସମାନ କରି ହବନି ।

ସତରେ ପାପା କହି ଦଉଛି ମାଆ ଇଜ୍ ସମଥିଙ୍ଗ ଡିଫରେଣ୍ଟ ।

ପ୍ରଶାନ୍ତ ବାବୁ ପୁରା ନିରବୀ ଗଲେ । ସତ କଥା ତ ମାଆ ଇଜ୍ ସମଥିଙ୍ଗ ଡିଫରେଣ୍ଟ । ନ ହବ ବା କାହିଁକି ?

ରାହୁଲର ମାମା ଜଣେ ଶିକ୍ଷିତା, ଜଣେ ପ୍ରତିଷ୍ଠିତ ଡକ୍ଟରଙ୍କ ଝିଅ ଓ ନିଜେ ବି ଡକ୍ଟର । ମୁମ୍ବାଇରେ ଘର । ସେଇଠି ପରିଚୟ ପ୍ରେମ ଓ ପରେ ବିବାହ । ତାଙ୍କ ମାଆ ଅଶିକ୍ଷିତା, ଜଣେ ଗାଉଁଲି ଚାଷୀର ଝିଅ । ଜେଜେଙ୍କ ପସନ୍ଦ ବାପାଙ୍କ ବିବାହ । ତେଣୁ କାହିଁ ମାଆ ଆଉ କାହିଁ ମାମା ।


ଆଉ ଏ ସବୁ ଭିତରେ ମାଆରୁ ମାମା ପର୍ଯ୍ୟନ୍ତ ମୋର ଯାତ୍ରା କେତେ ନିଷ୍ଫଳ । କେତେ ଦୟନୀୟ ସେ ଭାବି ପାରୁଥିଲେ ।

୪ଦିନ କେମିତି କଟିଗଲା ଜାଣି ହେଲାନି । ଗାଁରେ ରାହୁଲ ତା ମାମାକୁ ପୁରା ଭୁଲି ସାରିଥିଲା । ସବୁବେଳେ ଜେଜେମାଆ ନଚେତ୍ ଖୁଡ଼ି । ଫେରିବା ଦିନ ପାଖେଇ ଆସିଲା । ମାଆ ବ୍ରାଗରେ କେତେ କ'ଣ ସଜାଡ଼ିଛି । ମୁଡ଼ି, ମୁଆ, ଆଚାର, ବଡ଼ି, ପିଜୁଳି,

ଆଉ ଅନେକ ନାତିର ପସନ୍ଦ ଜିନିଷ ।

କାନ୍ଦୁଥିଲା ମାଆ କାନ୍ଦୁଥିଲା ରାହୁଲ । ଜାବୁଡ଼ି ଧରିଥାଏ ଜେଜେମାକୁ । ହାତ ଧରି ଟାଣୁଥାଏ ମିଳି । ସରି ସରି ମିଳି ମାଡ଼ାମ୍ । ମାଆଠାରୁ ଦୂରେଇ ଯାଉଥିଲା ମାମା ପାଖକୁ । ଏକ ମୁହାଁ ହେଇ ଟାଣି ନେଇଗଲା ପୁଅକୁ । ରାହୁଲ ଅସରନ୍ତି ଲୁହ ଓ ବତୁରା ବତୁରା ଆଖିରେ ଆଖିଏ ଲୁହ ନେଇ ହାତ ବଢ଼େଇଥିଲା ମାଆକୁ ପାପା ଭାବପ୍ରବଣ ନଈରେ ବହି ଯାଇଥିଲେ । ସେ ୬ ବର୍ଷିଆ ଶିଶୁର ବେଦନା ଗର୍ଭିତ ହୃଦୟ ସତରେ ପାପାଙ୍କ ପ୍ରାଣକୁ ଦୋହଲେଇ ଦେଉଥିଲା । ମା କାନ୍ଦୁଥାଏ । କାନ୍ଦି କାନ୍ଦି ବେଦମ୍ । ଗାଡ଼ିଟା ଯେତିକି ଦୂର ଯାଉଥିଲା ରାହୁଲ ସେଦିନ ଜୋର୍‌ରେ ଅସହାୟ ହେଇ ଆତୁରେ କାନ୍ଦୁଥାଏ । ହାତ ତାର ଦୂରେଇ ଯାଉଥିଲା । "ମାଆ ରୁ ମାମା ପର୍ଯ୍ୟନ୍ତ" ।

ଅମ୍ବାଭୋନା, ବରଗଡ

# ସାନ ସିନା ବୁଦ୍ଧି ତା ମହାନ

- ଧରିତ୍ରୀ ଦାସ

ରାମ ନାରାୟଣ ନାମରେ ଜଣେ ପିଲା ଥିଲା । ସେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାଆ ବହୁତ ପରିଶ୍ରମୀ, ଶିକ୍ଷିତା, ସୁଗୁଣ ସଂପନ୍ନା ଥିଲେ । ସେ ଅନେକ କାମ ନିଜେ କରୁଥିଲେ । ଯେପରି କି ଘର କାମ ଛଡ଼ା ବାଡ଼ି ବଗିଚା ସଫା କରିବା, ବାଡ଼ିରେ ଗଛ ଲଗାଇବା, ବାଡ଼ ବୁଜିବା ଇତ୍ୟାଦି । ରାମ ନାରାୟଣ ମଧ୍ୟ ବେଳେବେଳେ ମାଆଙ୍କୁ କାମରେ ସାହାଯ୍ୟ କରୁଥିଲେ ଏବଂ ସେଥିରେ ସେ ଆନନ୍ଦ ପାଉଥିଲେ ।

ଯେତେବେଳେ ସେ ପଞ୍ଚମ ପାଶ କଲେ ସେତେବେଳେ ତାଙ୍କ ବାପା ତାଙ୍କୁ ନେଇ ଅନ୍ୟ ଏକ ବିଦ୍ୟାଳୟରେ ନାମ ଲେଖାଇ ଦେଇଥିଲେ । ସେଠାରେ ପାଠ ପଢ଼ିବା ସମୟରେ ସେ ଦେଖିଲେ ବିଦ୍ୟାଳୟ ସାମନାରେ ବହୁତ ଜାଗା ଫାଙ୍କା ପଡ଼ିଛି କିନ୍ତୁ ଗୋଟିଏ ହେଲେ ଗଛ ନଥିଲା କି ପରିଷ୍କାର ପରିଚ୍ଛନ୍ନ ଉପରେ କାହାର ନଜର ନଥିଲା । କିଛିଦିନ ପରେ ସେ ମନରେ ସାହସ ସଞ୍ଚୟ କରି ପ୍ରଧାନ ଶିକ୍ଷକଙ୍କ ନିକଟକୁ ଯାଇଥିଲା । ସାରଙ୍କୁ ନମସ୍କାର କରି କହିଥିଲା ସାର। ଯଦି ଅନୁମତି ଦେବେ ତେବେ ମୁଁ ଆପଣଙ୍କୁ କିଛି କହିବି । ସାର କହିଲେ ହଁ କ'ଣ କହିବୁ କହ । ସେ କହିଥିଲା ସାର ଆମ ବିଦ୍ୟାଳୟ ସାମନାରେ ଏତେ ଜାଗା ଅଛି । ଆମେ ତ ଚାହିଁଲେ ଏକ ସୁନ୍ଦର ବଗିଚା ତିଆରି କରି ପାରନ୍ତେ । ସାର କହିଲେ ଆରେ ରାମ ନାରାୟଣ ସେଥିପାଇଁ ପରିଶ୍ରମ କରିବ କିଏ ? ଆଜିକାଲି ଯଦି ଗୁରୁଜୀ ଗୁରୁମାମାନେ ଆମ ଛୁଆଙ୍କୁ ପାଠ ନ ପଢ଼ାଇ ନିଜ କାମରେ ଲଗାଉଛନ୍ତି ଅଭିଭାବକ ଆସି ଅଭିଯୋଗ କରୁଛନ୍ତି ଯେ ଗୁରୁଜୀ ଗୁରୁମାମାନେ ଆମ ଛୁଆଙ୍କୁ ପାଠ ନ ପଢ଼ାଇ ନିଜ କାମରେ ଲଗାଉଛନ୍ତି ଇତ୍ୟାଦି ଇତ୍ୟାଦି । ଏଣୁ ସେମାନଙ୍କୁ ବଗିଚା କାମ କରିବାକୁ ବା କିଏ କହିବ । ତା ଛଡ଼ା କେବଳ ଗୁରୁଜୀ ଓ ଗୁରୁମାମାନେ କ'ଣ ସେ କାମ କରିପାରିବେ ? ଏକଥା ଶୁଣି ରାମ ନାରାୟଣ କହିଲା ସାର ଯଦି ପିଲାମାନେ ନିଜ ଇଚ୍ଛାରେ କରନ୍ତି ତେବେ ଆପଣଙ୍କର କିଛି ଆପତ୍ତି ଅଛି କି ? ସାର କହିଲେ ନାହିଁ ଏ ତ ଅତି ଉତ୍ତମ କଥା ।

ରାମ ନାରାୟଣ ଏକ ସୁନ୍ଦର ବଗିଚା ତିଆରି କରିବାର ଲକ୍ଷ୍ୟ ରଖି ମନେମନେ ଚିନ୍ତା କରୁଥିଲା । ମନ କଥା ମନରେ ଥାଏ । ଦିନେ ଖେଳ ପିରିୟଡ଼ ସମୟରେ ମନିଟରଙ୍କୁ ଡାକି କହିଲା । ସାଙ୍ଗ ଶୁଣ ଆଜି ଆମେ ଖେଳିବାକୁ ନଯାଇ ନିଜ ନିଜ ଭିତରେ ଏକ ପ୍ରବନ୍ଧ ପ୍ରତିଯୋଗିତା କଲେ କେମିତି ହୁଅନ୍ତା । ମନିଟର ସମସ୍ତଙ୍କୁ ଡାକି ଏକଥା କହିବାରୁ ସମସ୍ତେ ଏକ ସ୍ୱରରେ କହିଲେ ଭଲ ହୁଅନ୍ତା । ତାପରେ ସେମାନେ ବସି କଥାହେଲେ ଯେ ବିଷୟ ବସ୍ତୁ କ'ଣ ରଖିବା । ସେହି ସମୟରେ ରାମ ନାରାୟଣ କହିଲେ "ବୃକ୍ଷର ଉପକାରିତା" ରଖିଲେ କେମିତି ହୁଅନ୍ତା । ଏକଥା ଶୁଣି ସମସ୍ତେ ଖୁସି ହୋଇଗଲେ ତାପରେ ସମସ୍ତେ ନିଜ ନିଜ ଖାତା ଖୋଲି ଲେଖିବାକୁ ଲାଗିଲେ । ଯିଏ ଯାହା ଜାଣିଥିଲେ ବୃକ୍ଷର ଉପକାରତା ବିଷୟରେ ଲେଖିଲେ । ଶେଷରେ କଥା ହେଲା ସମସ୍ତେ ନିଜ ନିଜ ଲେଖାକୁ ଠିଆହୋଇ ପଢ଼ିବେ ଏବଂ ଅନ୍ୟମାନେ ଚୁପଚାପ ବସି ଶୁଣିବେ । ତାହାହିଁ ହେଲା ସମସ୍ତେ ନିଜ ନିଜ ଲେଖାକୁ ପଢ଼ିଲେ । ତାପରେ ରାମ ନାରାୟଣ କହିଲେ ଆରେ ସାଙ୍ଗ ଗଛ ଆମର କେତେ ଉପକାର କରୁଛି ଦେଖିଲ ତ । ତେବେ ଏବେ କୁହ ବହୁତ ପରିମାଣରେ ଗଛ ଲଗାଇବା ଉଚିତ କି ନୁହଁ । ସମସ୍ତେ ତା କଥାରେ ହଁ ଭରିଲେ । ରାମ ନାରାୟଣ କହିଲେ ତେବେ ସାଙ୍ଗମାନେ ଶୁଣ ଯଦି ଆମ ବିଦ୍ୟାଳୟ ସାମ୍ନାରେ ଖାଲି ପଡ଼ିଥିବା ଜାଗାରେ ଆମ୍ଭେମାନେ କିଛି ଫୁଲ ଓ ଫଳ ଗଛ ଲଗାନ୍ତେ ତେବେ କେମିତି ହୁଅନ୍ତା କୁହ ତ । ସମସ୍ତେ କହିଲେ ହଁ ଯେ ହେଲେ ପାଠ ପଢ଼ା ସହ ସେ କାମ କ'ଣ କରିହେବ । ରାମ ନାରାୟଣ କହିଲା ନାହିଁ ସାଙ୍ଗ ଆମେ ପାଠ ପଢ଼ା ସମୟରେ ପାଠ ପଢ଼ିବା । କେବଳ ବଗିଚା କାମ ଯେଉଁ ପିରିୟଡ଼ରେ ଅଛି ସେହି ସମୟରେ ଆମେ କିଛି କାମ କରିବା । ତା କଥାରେ ସମସ୍ତେ ସହମତି ପ୍ରକାଶ କରିଥିଲେ ।


ସେହିଦିନଠାରୁ ପ୍ରତ୍ୟେକ ଦିନ ବଗିଚାକାମ ପିରିୟଡ଼ରେ ଯାଇ ହଣା ହଣି କରି ଜାଗାଟିକୁ ସଫା କରିଦେଲେ ଏବଂ ନିଜ ନିଜ ବାଡ଼ିରୁ ତୁଳସୀ, ଗଙ୍ଗଶିଉଳି, ଅପରାଜିତା, ମଲ୍ଲୀ ଇତ୍ୟାଦି ଗଛ ଆଣି ଲଗାଇଲେ ଏବଂ ତାର ଯତ୍ନ ନେଲେ । ଏଥିରେ ସେମାନେ ଯେଉଁ ଆନନ୍ଦ ପାଉଥିଲେ ତାହା ଦେଖି ତାଙ୍କ ଉପର ଓ ତଳ ଶ୍ରେଣୀର ପିଲାମାନେ ସେମାନଙ୍କ ସହ ଆସି ଗଛ ଲଗାଇବା କାମରେ ଯୋଗ ଦେଇଥିଲେ । ପିଲାମାନଙ୍କର ଉତ୍ସାହ ଦେଖି ଗୁରୁଜୀ କିଛି ଭଲ ଭଲ ଫୁଲ ଓ ଫଳ ଗଛ ଆଣି ଯୋଗାଇ ଦେଇଥିଲେ ।

କିଛି ଦିନ ପରେ ବଗିଚାଟି ଏତେ ସୁନ୍ଦର ଦେଖାଗଲା ଯେ ବାଟ ଗଲା ଲୋକ ଘଡ଼ିଏ ଛିଡ଼ା ହୋଇ ଦେଖୁଥିଲେ । ଗୁରୁଜୀ ଗୁରୁମା ମଧ୍ୟ ଖୁସି ହୋଇଗଲେ । ଦିନେ ପ୍ରଧାନ ଗୁରୁଜୀ ପିଲାମାନଙ୍କୁ ଡାକି ପଚାରି ବୁଝିଲେ ଯେ ରାମ ନାରାୟଣ କଥା ଅନୁସାରେ ପିଲାମାନେ ଏପରି ପଦକ୍ଷେପ ନେଇଛନ୍ତି । ଏଣୁ ରାମ ନାରାୟଣକୁ ଡାକି ଗୁରୁଜୀ ତା ସହିତ ଅନ୍ୟ ସବୁ ପିଲାଙ୍କୁ କହିଲେ ତୁମେମାନେ ଆମ ବିଦ୍ୟାଳୟର ଗୌରବ । ତୁମେମାନେ ନିଜ ନିଜ ଘରେ ମଧ୍ୟ ଏହିପରି ସୁନ୍ଦର ବଗିଚା କରି ପରିବେଶକୁ ସୁସ୍ଥ ରଖିବାରେ ସାହାଯ୍ୟ କର । ଯାହା ଦ୍ୱାରା ଆମ ଭଳି ତୁମ ବାପା ମାଆ ମଧ୍ୟ ଖୁସି ହେବେ । ଗୁରୁଜୀଙ୍କ କଥାରେ ସବୁ ପିଲା ଏକମତ ହେଲେ ।

କିଛିଦିନ ପରେ ସେହି ବିଦ୍ୟାଳୟକୁ ରାଜ୍ୟପାଳ ପରିଦର୍ଶନରେ ଆସିଥିଲେ । ବିଦ୍ୟାଳୟ ପରିବେଶ ଦେଖି ସେ ଖୁସି ହେଲେ ଏବଂ ସୁନ୍ଦର ପରିବେଶ ନିମିତ୍ତ ରାଜ୍ୟପାଳ ପୁରସ୍କାର

ଘୋଷଣା କଲେ । ତତ୍ ସହିତ ରାମ ନାରାୟଣଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ । ମାତ୍ର ରାମ ନାରାୟଣ କହିଥିଲେ ଆଜ୍ଞା ଏ ପୁରସ୍କାର ମୋର ନୁହେଁ । ଯେହେତୁ ଆମ ବିଦ୍ୟାଳୟର ସବୁ ପିଲାଙ୍କ ଉଦ୍ୟମରେ ଏହା ସମ୍ଭବ ତେଣୁ ଏ ପୁରସ୍କାର ଆମ ସମସ୍ତଙ୍କର । ମାତ୍ର ଗୋଟିଏ ଅନୁରୋଧ ଆମକୁ ପୁରସ୍କାର ନଦେଇ ଯଦି ଆମ ବିଦ୍ୟାଳୟରେ ବଗିଚା ମଝିରେ ମଝିରେ କିଛି ମହାପୁରୁଷଙ୍କ ମୂର୍ତ୍ତି ସ୍ଥାପନ କରି ପାରନ୍ତେ ଆମେ ସବୁ ପିଲା ବହୁତ ଖୁସି ହୁଅନ୍ତୁ । ଏପରି ଉନ୍ନତ ଧରଣର ଚିନ୍ତାଧାରାରେ ରାଜ୍ୟପାଳ ମୁଗ୍ଧ ହୋଇ ତାକୁ କୁଣ୍ଢାଇ ପକାଇ ତା ସହିତ ତା ବାପା ମାଆଙ୍କର ପ୍ରଶଂସା କରିବାକୁ ଲାଗିଲେ । ସେ କହିଥିଲେ "ସାନ ସିନା ବୁଦ୍ଧି ତା ମହାନ ।" ଏକଥା ଶୁଣି ତାର ସାଙ୍ଗମାନେ ମଧ୍ୟ ଆନନ୍ଦରେ ବିଭୋର ହୋଇ ତାକୁ ଟେକି ଟେକି ବୁଲାଇଲେ ଏବଂ କହିଲେ ସାଂଗ ତୁମରି ପାଇଁ ଆଜି ଆମ ବିଦ୍ୟାଳୟ ଗୌରବ ମଣ୍ଡିତ ହୋଇ ପାରିଲା । ତୁମେ ଆମକୁ ଚତୁରତାର ସହ ବୁଦ୍ଧି ପ୍ରଦାନ ନ କରିଥିଲେ ଏସବୁ ସମ୍ଭବ ହୋଇପାରି ନଥାନ୍ତା ।

ରାଉତରାପୁର, ପହଙ୍ଗା, ଯାଜପୁର ।



## ମଧୁମାଳତୀ

- ତପସ୍ୱିନୀ ଷଡ଼ଙ୍ଗୀ

ନୁଆଁଣିଆ ଚାଳଘର । ଛପର କେଉଁ କାଳୁ ହୋଇଥିଲା ନଜର ନାଇଁ । ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର ଦେଖାହେବା ସାର । ବର୍ଷା ହେଲେ ମହା ମୁସ୍କିଲ । ମାଙ୍କଡ଼କୃତ କଣାମାନଙ୍କରେ ଛିଣ୍ଡା ପଲିଥିନ କି ଗିନା ବାସନ ବସେଇବା ଥୟ । ଏଇଠି ଆରମ୍ଭ ଆମ ମଧୁଆର ପିଲାଦିନ ଆଉ ସଂସାର । ଏ ମଧୁଆ କୋଉ ମଧୁସୂଦନ ଦାସ ନୁହଁନ୍ତି ମ ଏ ହେଉଛନ୍ତି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ୮ ନମ୍ବର କେନାଲ କଡ଼ରେ ଥିବା ଅପରିଷ୍କୃତ କଦର୍ଯ୍ୟ ଭାବେ ବସବାସ କରୁଥିବା ଆମ ଦିନ ମଜୁରିଆ ମଧୁ । ପରିବାର ବୋଲି ଚାରିପ୍ରାଣୀ କୁଟୁମ୍ବ ମଧୁ ତା ସ୍ତ୍ରୀ ମାଳତୀ ପୁଅ ଜଗା ଆଉ ଝିଅ ବର୍ଷା । ସେ ବସ୍ତି ଠାରେ ପରିଷ୍କାରର ନାଁ ଧରିବା ବି ସ୍ୱପ୍ନ । ବସ୍ତିର ଲୋକଙ୍କ କାମ ହେଉଛି ଦିନମାନ ଗଧ ପରି ଖଟିବା ଆଉ ସନ୍ଧ୍ୟାକୁ ଫେରିବା ଆଉ ମଦ ଟାଙ୍କେ ପିଇ ଖଟି କରିବା । ଘର ଦାୟିତ୍ୱ ମଧ୍ୟ ନେବାକୁ ଅକ୍ଷମ ।

ମଧୁଆର ସ୍ତ୍ରୀ ମାଳତୀ ପରଘରେ ବାସନ ମାଜେ କାମ ପାଇଟି କରିଦିଏ ଆଉ ସେଥିରୁ ଯାହା ରୋଜଗାର ହୁଏ ଘର ଚଳେ ଓ ପିଲାଙ୍କ ପାଠପଢ଼ାରେ ଲାଗେ । ପାଖ ସ୍କୁଲରେ ଜଗା ପଞ୍ଚମ ଶ୍ରେଣୀରେ ଆଉ ବର୍ଷା ତୃତୀୟ ଶ୍ରେଣୀରେ ପାଠ ପଢ଼ନ୍ତି । ପାଠ ପଢ଼ାଏ ବୋଲି ବହୁତ ଟାହିଟାପରା ଶୁଣିବାକୁ ମିଳିଛି ମାଳତୀକୁ । ସାହିର ପିଲାମାନେ ଟାୟାର ଗଡ଼େଇ ଖେଳିଲା ବେଳେ ଜଗା ଆଉ ବର୍ଷା ପାଠ ପଢ଼ିବାକୁ ଚାଲିଯାନ୍ତି ।

ଖାତା କଲମ କିଣିବାକୁ ଅଭାବ ହେଲେ ଜଗା ପାଖ ହୋଟେଲରେ ଦିପାଇଟି କାମ କରିବାକୁ ପଛଘୁଞ୍ଚା ଦିଏନି । ଜଗାଟି ବଡ଼ ମେଧାବୀ ପିଲାଟିଏ । ପାଠ ସାଠ ସେ ସବୁଥିରେ ପ୍ରଥମ । ଭାଗ୍ୟ ଓ ପରିଶ୍ରମ ବଳରୁ ଜଗାଟି ଆମର ନବୋଦୟ ପାଇଯାଏ । ଏହାପରେ ମଧୁଆର ଖୁସି କହିଲେ ନସରେ । ସାହିରେ ସେ ଅଂଚଳରେ ମଧୁଆର ଖ୍ୟାତି ବଢ଼ିଯାଏ । ମଦୁଆ ପୁଅର ସଫଳତାରେ ଟିକେ ବଦଳିବା ଆରମ୍ଭ କରେ । ମଦ ଛାଡ଼ିଦିଏ ଖୁବ ପରିଶ୍ରମ କରେ । ଝିଅକୁ ପାଠ ପଢ଼ାଇବାକୁ ସବୁ ଲକ୍ଷ୍ମଣରେଖା ପାର କରିଦିଏ ।

ବର୍ଷା ମଧ୍ୟ ଭଲ ପାଠ ପଢ଼େ । ଆମ ମାଗଣା ଶିକ୍ଷା ବ୍ୟବସ୍ଥାଟି ତାଙ୍କ ପରି କମ ରୋଜଗାରୀ ଲୋକଙ୍କୁ ବହୁତ ସହାୟତା କରୁଛି । ବର୍ଷା ଗୀତ ମଧ୍ୟ ଭଲ ବୋଲେ । ସେ ଉଚ୍ଚ ଶିକ୍ଷା ସମୟରେ ବିଭିନ୍ନ ମେଲୋଡ଼ି ପାର୍ଟିରେ ଗୀତ ଗାଇ ନିଜ ପାଠ ପଢ଼ା ଖର୍ଚ୍ଚ ବହନ କରେ ।

ଏପରି କିଛି ବର୍ଷ ବିତିଯାଏ । ଦିନେ ସେ ବସ୍ତିରେ ବଡ଼ ବଡ଼ିଆଙ୍କ କାର ମାଛି ଗଳିବାକୁ ବାଟ ନାହିଁ । ସେ ଅପରିଷ୍କାର ବସ୍ତିକୁ କେହି ଘୃଣା କରନ୍ତି ନାହିଁ । ମିଡ଼ିଆ ପ୍ରେସ ସବୁ ଆସି ମଧୁଆଘର ଆଗରେ । ମଧୁଆ ଜାଣିବାକୁ ପାଇଲା କି ବର୍ଷା ଓଡ଼ିଶାର ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ହୋଇଛି । ପଙ୍କରୁ ପଦ୍ମ ପରି ଆଜି ତା ମହକ ଦୁର୍ଗନ୍ଧ ବସ୍ତିର ବକ୍ଷ ଭେଦ କରି ସୁରଭିତ ହେଉଛି । ଆଉ ଜଗା ନବୋଦୟ ପାଠ ସାରି ସଫ୍ଟୱୟାର ଇଂଜିନିୟର ହୋଇଛି । ମଧୁ ଆଉ ମାଳତୀଙ୍କ ପାଦ ଆଉ ତଳେ ଲାଗୁନି । ମଧୁଆ ଇଛା କରିଛି ଯେଉଁ ଅସୁବିଧା ସେ ଭୋଗିଛି ଅନ୍ୟ କେହି ନ ଭୋଗନ୍ତୁ ସେଥିପାଇଁ ପୁଅ ଓ ଝିଅଙ୍କ ସହମତିରେ ଶିକ୍ଷକ ହକେଇ ବସ୍ତିର ପିଲାଙ୍କ ପାଠ ପଢ଼ାର ସମସ୍ତ ଖର୍ଚ୍ଚ ବହନ କରୁଛି । ମାଳତୀ ଓ ମଧୁଆ ନିଶା ନିବାରଣର ବାର୍ତ୍ତା ସବୁଆଡ଼େ ପ୍ରଚାର କରୁଛନ୍ତି । ସେ ନୁଆଁଣିଆ ଚାଳଘରେ ସାଧାରଣ ଜୀବନଯାପନ କରି ବସ୍ତିର ପିଲାଙ୍କ ପାଇଁ ଉଜ୍ଜ୍ୱଳ ସ୍ୱପ୍ନ ଦେଖୁଛନ୍ତି ସେମାନେ । ଯେଉଁ ଅପରିଷ୍କୃତ ବସ୍ତିରେ ସେମାନଙ୍କ ଅତୀତ ବର୍ତ୍ତମାନ କଟିଥିଲା ସେ ବସ୍ତି ସହିତ ପାଖ ଆଖ ବଜାରକୁ ମଧ୍ୟ ପରିଷ୍କାର କରିବାରେ ବସ୍ତି ବାସୀ ଲାଗିପଡ଼ିଲେ । ଲୋକମାନେ ମାଳତୀ ଓ ମଧୁଆକୁ ଇସାରାରେ ନିଜ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରିବାକୁ ଲାଗିଲେ ।

ଆଏଣ୍ଡା, ଅସୁରେଶ୍ୱର, କଟକ ।

# ଯନ୍ତ୍ରଣା ଏକ ପୁରୁଷର

- ରଶ୍ମିବାଳା ଶତପଥୀ

ଈଶ୍ୱର ସଂସାର ସୃଷ୍ଟି କରିବା ସମୟରେ ନାରୀ ଏବଂ ପୁରୁଷକୁ ସୃଷ୍ଟି କରିଥିଲେ । ସଂସାରର ଚକ୍ର ଆଗକୁ ଗତି କରିବା ଲାଗି ନାରୀ ଓ ପୁରୁଷ ଦୁହିଁଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ନାରୀ ଏବଂ ପୁରୁଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ସଂସାର ରୂପକ ଝରଣାଟି ଅନବରତ ଝରି ଚାଲିବାକୁ ସାହାଯ୍ୟ ଲୋଡ଼ିଥାଏ ଗୋଟିଏ ନାରୀର ଏବଂ ପୁରୁଷର ।

ଜୀବନ ରୂପ ସାଗରରେ ଯନ୍ତ୍ରଣା ରୂପକ କାଳ ସର୍ପଟି ସଦାସର୍ବଦା ଯନ୍ତ୍ରଣା ରୂପକ ଶିକୁଳି ଦ୍ୱାରା ବାନ୍ଧି ହୋଇଥାଏ ।

ନାରୀର ତ୍ୟାଗ, ମହାନତା, ଯନ୍ତ୍ରଣା ବିଷୟରେ ସବୁଠି ଚର୍ଚ୍ଚା ହୋଇଥିବା ସମୟରେ ପୁରୁଷର ତ୍ୟାଗ ମହାନତା ଯନ୍ତ୍ରଣା କଥା ପ୍ରାୟ ଗୌଣ । କିନ୍ତୁ ପୁରୁଷର ଯନ୍ତ୍ରଣା, ତ୍ୟାଗ ବି ନାରୀଠୁ କିଛି କମ୍ ହୋଇନଥାଏ କିନ୍ତୁ ଏହା ସମାଜ ଦୃଷ୍ଟିରେ ଅପ୍ରକାଶଯୋଗ୍ୟ ।

ନାରୀ ସିନା ଯନ୍ତ୍ରଣା ଜ୍ୱାଳାରେ କାନ୍ଦିପାରେ ହେଲେ ପୁରୁଷଟି ସେତକି ବି କରିପାରିନଥାଏ କାରଣ ସେ ତାର ସ୍ୱାଭିମାନକୁ ନେଇ ବଞ୍ଚିଥାଏ । ଛାତିରେ ଅଶେଷ କୋହ, ଦୁଃଖ, କ୍ଷୋଭ ରଖି ବାହାରକୁ ଶକ୍ତ ହେବାର ଅଭିନୟ କରିବାକୁ ପଡ଼ିଥାଏ ।

ପ୍ରଥମତଃ ପରିବାରର ପୁଅ ଭୂମିକାରେ ପରିବାରର ବୋଝ ଉଠାଇବାକୁ ପଡ଼ିଥାଏ । ବାପାଙ୍କ କାନ୍ଧରେ କାନ୍ଧ ମିଶି କାର୍ଯ୍ୟ କରି ଚାଲିଥାଏ ସମସ୍ତଙ୍କ ଓଠରେ ହସ ଫୁଟାଇବା ନିମନ୍ତେ ।

ଦ୍ୱିତୀୟତଃ ବାହାଘରରର ପର ପର୍ଯ୍ୟାୟ ଯେଉଁ ପର୍ଯ୍ୟାୟ କି ପୁରୁଷର ଯନ୍ତ୍ରଣା ପର୍ଯ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ ଯାହାକି ଗୋଟିଏ ପୁରୁଷ ଧର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିଥାଏ ।

ବାହାଘର ଲଭ୍ ହେଉ ଅବା ଆରେଞ୍ଜ । କିଛିଦିନ ପର୍ଯ୍ୟନ୍ତ ବେଶ ଖୁସିରେ କଟିଥାଏ ଦିନ । ସ୍ୱାମୀ ସ୍ତ୍ରୀ ପରିବାର ସମସ୍ତେ ଖୁସିରେ ଥାନ୍ତି କିନ୍ତୁ କିଛି ଦିନ ପରେ ସ୍ୱାମୀଙ୍କୁ ଗୋଟେ କଥା ଶୁଣିବାକୁ ପଡ଼େ ଯେଉଁ କଥାଟିରେ ପୁରା ଜୀବନ କଟିଯାଏ କିନ୍ତୁ କଥା ଶୁଣିବା ବନ୍ଦ ହୁଏନି । ସେ କଥାଟି ହେଲା ତୁମେ ଆଉ ଆଗ ଭଳି ଭଲ ପାଉନ ତୁମେ ବଦଳି ଗଲଣି, ତୁମେ ଟିକେ ବି ରୋମାଣ୍ଟିକ ନୁହଁ । ବାସ୍ତବରେ କେହି କେବେ ବୁଝିବାକୁ ଚେଷ୍ଟା କରନ୍ତିନି ପୁରୁଷର ମନର ବ୍ୟଥା ।

ବାହାଘର ପରେ ସାଧାରଣତଃ ପ୍ରାୟ ପରିବାରରେ ସମସ୍ୟା ଉପୁଜି ଥାଏ । କେଉଁଠି ବୋହୂକୁ ଦୋଷ ଦିଆଯାଏ ତ କେଉଁଠି ଶାଶୁ, ନଣନ୍ଦଙ୍କୁ ହେଲେ ଗୋଟେ ପୁରୁଷ ଚାହେଁ ସେ ସମସ୍ତଙ୍କୁ ନେଇ ଖୁସିରେ ରହିବ ଆଉ ସେମାନଙ୍କ ମନ ମାଳିନ୍ୟରେ ନ ଚାହିଁକି ବି ଫସିବାକୁ ବାଧ୍ୟ ହୁଏ । ନା ସେ ସ୍ତ୍ରୀକୁ କିଛି କହିପାରେ ନା ବାପା ମାଆଙ୍କୁ । ତା ପାଇଁ ତ ସମସ୍ତେ ଦରକାର । ସେ ପାରିବାରିକ ସମସ୍ୟାକୁ ନେଇ ଗଭୀର ଚିନ୍ତା କରେ । ଏହିସବୁ କଥା ଭାବି ଭାବି ସେ ନିଜ ଆଶା ଇଚ୍ଛାକୁ ଭୁଲିଯାଇଥାଏ । କରିବ ତ ଜଣେ କ'ଣ କରିବ ?

କଥାରେ ଅଛି କାନ୍ଧରେ ପଡ଼ିଲେ ବଜେଇ ଶିଖନ୍ତି । ଜୀବନକୁ ସୁନ୍ଦର ଭାବରେ ଉପଭୋଗ କରିବା ସମୟରେ ହଠାତ୍ ସମସ୍ୟା ପଞ୍ଜୁରୀରେ ଆବଦ୍ଧ ହୋଇଯାଏ ଏ କଥା କେହି ବୁଝିବାକୁ ଚେଷ୍ଟା କରନ୍ତିନି ।

ପୁରୁଷଟିକୁ ବହୁତ ଭାବି ଚିନ୍ତି କଥା ହେବାକୁ ପଡ଼େ କାରଣ କଥାରେ ବି ବହୁତ ଲୋକ ବହୁତ କଥା କହିବା ଆରମ୍ଭ କରି ଦିଅନ୍ତି । ସବୁ ବନ୍ଧୁବାନ୍ଧବଙ୍କୁ ଦେଖିବାକୁ ପଡ଼େ । ମଧ୍ୟବିତ୍ତ ପରିବାରର ଗୋଟେ ପୁରୁଷକୁ ତା ଭବିଷ୍ୟତ ବିଷୟରେ ଅନେକ କିଛି ଚିନ୍ତା କରିବାକୁ ପଡ଼େ । ସମାଜରେ ସମ୍ମାନର ସହ ବଞ୍ଚିବାକୁ ଚାହେଁ, ନିଜ ପିଲାଛୁଆଙ୍କ ଭବିଷ୍ୟତ କଥା ଭାବିବାକୁ ପଡ଼େ ଅଧିକରୁ ଅଧିକରୁ ଧନ ଉପାର୍ଜନ କରିବାକୁ ପଡ଼ିଥାଏ କାରଣ ସେ ଧନରେ ପିଲାମାନଙ୍କ ଭବିଷ୍ୟତ ବନ୍ଧା ଥାଏ । ଯେ ପର୍ଯ୍ୟନ୍ତ ବାହା ହୋଇ ନଥାଏ ଏସବୁ କଥା ଧ୍ୟାନକୁ ଆସି ନଥାଏ । ପୁରୁଷର ବି ମନ ଖୋଲି ବଞ୍ଚିବାକୁ ଇଚ୍ଛା ଥାଏ । ରୋମାଣ୍ଟିକ ହେବାକୁ ଇଚ୍ଛା ଥିଲେ ମଧ୍ୟ କର୍ତ୍ତବ୍ୟର କଷଟି ପଥରେ ବାନ୍ଧି ହୋଇ ଜଳାଞ୍ଜଳୀ ଦେବାକୁ ପଡ଼େ ନିଜ ଖୁସିକୁ ।

ତଥାପି ଗୋଟେ ପୁରୁଷକୁ ବହୁତ କଥା ଶୁଣିବାକୁ ପଡ଼େ । ପୁରୁଷର ନିଜ ଆୟର ଦଶ ପ୍ରତିଶତ ବି ମନ ଖୋଲି ଖର୍ଚ୍ଚ କରିପାରେନା । ନିଜ ପାଇଁ ତଥାପି ପୁରୁଷ ସ୍ୱାର୍ଥପର ବୋଲାଏ ।

କେବେ ତ ପୁରଷର ମନର ଅବସ୍ଥା ବୁଝିବାକୁ ଚେଷ୍ଟା କର । କେବେ ତ ସେ କ'ଣ ଚାହୁଁଛି ତାର ଇଚ୍ଛାକୁ ବି ପ୍ରାଧାନ୍ୟ ଦିଅ । ପୁରୁଷକୁ ବି ମନ ଖୋଲି ବଞ୍ଚିବାକୁ ଦିଅ ।

ବାସ୍ତବରେ ପୁରୁଷର ଯନ୍ତ୍ରଣାଟିକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ପୁରୁଷର ମଧ୍ୟ ସଂସାର ପ୍ରତି ତ୍ୟାଗ ଅତୁଳନୀୟ ।

ଯାଜପୁର ଟାଉନ, ଯାଜପୁର ।

# ମେହେନ୍ତର

- ସୁଧାଂଶୁ ଶେଖର ଦ୍ୱିବେଦୀ

ସୁନିଲ ସକାଳରୁ ତା ବାପାଙ୍କ ସହିତ କଥା କହୁନଥାଏ । ପ୍ରତିଦିନ ପରି ତାଙ୍କ ଖାଇବା ଥାଳିରୁ ଖାଇବା ପାଇଁ ଜିଦ କରୁନଥାଏ କି ଆଗରେ ପଛରେ ନଟପଟ ହୋଇ କିଛି ପ୍ରଶ୍ନ ପଚାରୁ ନଥାଏ । ତା ବାପା ତାକୁ କେତେଥର ଡାକିଲେଣି ହେଲେ ସେ କିଛି ନଶୁଣିଲା ପରି ଚୁପଚାପ ରହୁଛି । ସେ ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ଗୋଟିଏ ଦିନ ଏଇ ରବିବାର । ତାଙ୍କୁ ସମୟ ମିଳେ ପୁଅ, ସ୍ତ୍ରୀ ସହିତ ଭଲରେ ଦିଇପଦ କଥା ହେବାପାଇଁ । ମନ ଊଣା କରି ସେ ଖାଇବା ସ୍ଥାନରୁ ଉଠି ସୁନିଲ ପାଖରେ ବସି ପଡ଼ିଲେ । ସୁନିଲ ଦୁଇ ତିନୋଟି କାଚ ଗୁଳି ଧରି ହାତରୁ ହାତକୁ ଏପଟ ସେପଟ କରି ଖେଳୁଥାଏ । ହଠାତ ସେ ଚିତ୍କାର କଲା, ହାଏ ମୋ ଗୁଳି ପଡ଼ିଗଲା । ନୀଳ ରଙ୍ଗର ଗୁଳି ସୁନିଲ ହାତରୁ ତଳେ ପଡ଼ି ଦିଗହୀନ ଭାବେ ଆଗକୁ ଗଡ଼ିଯାଉଥାଏ । ତା ବାପା ଶୀଘ୍ର ଯାଇ ଗୁଳିକୁ ଉଠେଇ ଆଣି ପୁଅକୁ ଦେବା ଲାଗି ହାତ ବଢ଼ାଇଲେ । ସୁନିଲ ଗୁଳି ନେଇ ଚୁପଚାପ ଘର ଭିତରକୁ ଚାଲିଗଲା । ପୁଅର ରାଗ ଓ ଅଭିମାନର କ୍ଷଣ୍ଣ ହୋଇ ସେ କିଛି କହିବା ପୂର୍ବରୁ ତାଙ୍କ ସ୍ତ୍ରୀ କହି ଉଠିଲେ, ଯଦି ତୋ ବାପା ମେହେନ୍ତର ହୋଇ ସଫା ସୁତୁରା କାମ କରୁଛନ୍ତି ଏଥିରେ ତୋର କ'ଣ ଅସୁବିଧା ହେଉଛି ? ଆମ ଜାତିରେ ତ ସେଇ କାମ କରିବାକୁ ଅଛି । କାମ ନକଲେ ବଞ୍ଚିବା କେମିତି ?

ତୁ ସେକଥା କହନା, କାଲି ଯେତେବେଳେ ସ୍କୁଲ ଟିଚର ସବୁ ପିଲାଙ୍କୁ ନିଜ ନିଜ ବାପା ମା'ଙ୍କ ବିଷୟରେ ପଚାରିଲେ ମୋହିତ ହସି ହସି କହିଲା ତା ବାପା ଏ ସହରର ବଡ଼ ଡାକ୍ତର । ଆଉ ମୋତେ ଇଶାରା କରି କହିଲା ମୋ ବାପା ଜଣେ ମେହେନ୍ତର । ତୁ କହିଲୁ ମୁଁ କେମିତି ଏତେବଡ଼ କଥା ସହ୍ୟ କରିଥାନ୍ତି ? ସୁନିଲ ଅଭିମାନ ମିଶା କଣ୍ଠରେ ତା କଥା ଜଣାଇଲା । ସତ କଥାପାଇଁ ଏତେ ଲାଜ କାହିଁକି ? ଆମେ ହେଲୁ ଜାତିରେ ମେହେନ୍ତର । ଆମର କାମ ମଇଳା ସଫା କରିବା । ଯିଏ ଯେମିତି ହୋଇଥାଏ ତା କାମ ତ ତାକୁ କରିବାକୁ ପଡ଼ିବ । ମୋହିତର ବାପା ଡାକ୍ତର, ସେଥିପାଇଁ ରୋଗ ଚିହ୍ନି ଇଲାଜ କରୁଛନ୍ତି । ଆମ କାମ ଆମେ କରୁଛୁ । ଲଜ୍ଜା ଆମକୁ ସେଇବେଳେ ହେବ ଯେମେ ଆମେ ମଇଳା ଫିଙ୍ଗି ପରିବେଶକୁ ପ୍ରଦ୍ୟୁଷଣ କରିଦେବା । ସୁନିଲର ବାପା ପୁଅକୁ ବୁଝେଇ କହିଲେ ।

ବାପାଙ୍କ କଥା ଶୁଣି ସୁନିଲ କିଛି ବୁଝିଲା କି ନାଁ ସେ ଜାଣେ । ତାପରଦିନ ସକାଳେ ଖିଆପିଆ କରି ସ୍କୁଲ ଚାଲିଗଲା । କିନ୍ତୁ ତା ବାପା ପୁଅ କଥା ଭାବି ଭାବି ସାରା ରାତି ଭୋକ ଓପାଷରେ ରହିବା କାରଣରୁ ବ୍ଲଡ଼ ପ୍ରେସର ବଢ଼ିଗଲା । ଜ୍ୱର ଆସିଗଲା । ଡାକ୍ତର ତାଙ୍କୁ କିଛି ଦିନ ଆରାମ ନେବାକୁ କହି ଔଷଧ ଖାଇବାକୁ ଦେଲେ । ସୁନିଲ ସ୍କୁଲରୁ ଫେରିବା ବେଳକୁ ତା ବାପା ମା ହସ୍ପିଟାଲରୁ ଆସି ସାରିଥାନ୍ତି । ସୁନିଲ ଅନୁଭବ କଲା ତାହାରି ପାଇଁ ବାପାଙ୍କର ବ୍ଲଡ଼ପ୍ରେସର ବଢ଼ିଛି । ସେ ଆଉ ତାଙ୍କର କୌଳିକ କାର୍ଯ୍ୟ ମଇଳା ସଫା କରିବା ଲାଗି ଅଭିଯୋଗ କରିବ ନାହିଁ ବୋଲି ବାପାଙ୍କୁ ଜଣାଇ କ୍ଷମା ମାଗିଲା । ପୁଅର ଅଭିମାନ ତୁଟିଛି ଜାଣି ବାପା ତାକୁ ଆନନ୍ଦରେ କୋଳେଇ ନେଲେ । ବାପ ପୁଅର ମନ ମିଳାମିଶା ହୋଇ ଯିବରୁ କ୍ରମଶଃ ତାଙ୍କର ବ୍ଲଡ଼ ପ୍ରେସର ଧମିଗଲା । ପୂର୍ବପରି ବାପ, ପୁଅ ମା ଖୁସିରେ ରହିବାକୁ ପ୍ରୟାସ କଲେ ।

ତିନିଦିନ ବିତି ସରିଥାଏ । ସନ୍ଧ୍ୟା ସମୟ । ତିନିହେଁ ବସି କଥାବାର୍ତ୍ତା ହେଉଛନ୍ତି ହଠାତ୍ କବାଟରେ ଠକଠକ ଶବ୍ଦ ହେଲା । ସୁନିଲ ଦୌଡ଼ି ଯାଇ କବାଟ ଖୋଲି ଦେଖେତ ସମ୍ମୁଖରେ ମୋହିତ ଓ ତା ବାପା ଠିଆ ହୋଇଛନ୍ତି । ତାକୁ ଜଣାଗଲା ତା ବାପାଙ୍କୁ ଅପମାନିତ କରିବା ପାଇଁ ମୋହିତ ତା ଡାକ୍ତର ବାପାଙ୍କୁ ସାଂଗରେ ଧରି ଆସିଛି । ସେତେବେଳକୁ ସୁନିଲର ବାପା ମା ଦ୍ୱାର ନିକଟକୁ ଆସି ସାରିଥାନ୍ତି । ମୋହିତର ବାପା ତୁରନ୍ତ ସୁନିଲର ବାପାଙ୍କୁ ଲକ୍ଷ୍ୟ କରି କହିଲେ, ମୁଁ ଆପଣଙ୍କଠାରୁ କ୍ଷମା ମାଗିବାକୁ ଆସିଛି ।

ସୁନିଲ ନିଜ ବାପା ଓ ମୋହିତର ବାପାଙ୍କୁ ଆଶ୍ଚର୍ଯ୍ୟ ଚକିତ ହୋଇ ଦେଖୁଥାଏ । ସେ ବିଶ୍ୱାସ କରି ପାରୁନଥାଏ ସହରର ଜଣେ ଏତେ ବଡ଼ ଡାକ୍ତର ଯିଏ ତା ବାପାଙ୍କଠାରୁ କ୍ଷମା ଯାଚନା ଚାହୁଁଛନ୍ତି । ତା ବାପା କହିଲେ, ଆପଣ ସେମିତି କୁହନ୍ତୁ ନାହିଁ । ପିଲାମାନେ ତ ନିଜ ନିଜ ଭିତରେ ଭୁଲ ଠିକ କରିଥାନ୍ତି । ସେଥିପାଇଁ ଆମେମାନେ ତାଙ୍କ ଭୁଲ ଠିକକୁ ସଜାଡ଼ି ଦେଲେ ସବୁ ଠିକ୍ ହୋଇଯାଏ । ମୋହିତ କହିଲା ଅଙ୍କଲ ଆପଣ ରାଗରେ ଆମ କଲୋନୀକୁ ଆସିବା ବନ୍ଦ କରି ଦେଇଛନ୍ତି । କଲୋନୀ ଚାରିପଟରେ ମଇଳା ଜମା ହୋଇଗଲାଣି । ଘରୁ ବାହାରକୁ ବାହାରି ହେଉନାହିଁ । ଆମେ ବି ଖେଳିବାକୁ ବାହାରି ପାରୁନୁ ।

ସୁନିଲର ବାପା ହସିହସି କହିଲେ ଆରେ ନା ନା ମୁଁ ରାଗ କରିବି କାହିଁକି ? ତିନିଦିନ ହେଲା ମୋ ଦେହ ଭଲ ନଥିଲା । କାଲିଠାରୁ କାମକୁ ଆସିବି ।

ମୋହିତର ବାପା ଆଗକୁ ଆସି ସୁନିଲ ବାପାଙ୍କ ହାତ ଧରିନେଇ କହିଲେ ଆପଣଙ୍କ ପରି ଲୋକମାନଙ୍କ ପାଇଁ ଆମ ସହର ସଫା ସୁନ୍ଦର ହୋଇ ପାରୁଛି । ସତରେ ଆପଣ ମହାନ । ପୁଣି ସୁନିଲ ପ୍ରତି କହିଲେ ତୁ ବହୁତ ଭାଗ୍ୟଶାଳୀ ସୁନିଲ । ତୋ ବାପା ବହୁତ କିଛି କାଟଛାଟ କରି ଏ ସହରର ସବୁଠାରୁ ଭଲ ସ୍କୁଲରେ ପାଠ ପଢ଼ାଉଛନ୍ତି । ମନ ଲଗେଇ ପାଠ ପଢ଼ । ନିଶ୍ଚୟ ଦିନେ ବଡ଼ମଣିଷ ହେବୁ ।

ମୋହିତର ବାପାଙ୍କଠାରୁ ମର୍ମସ୍ପର୍ଶୀ କଥା ଶୁଣି ସୁନିଲର ଚେହେରା ଲଜ୍ଜାରେ ଲାଲ ପଡ଼ି ଯାଇଥାଏ । ସେ ଦୁଃଖ ଓ ଲୁହଭରା ଆଖିରେ ବାପାଙ୍କୁ ଭିଡ଼ି ଧରି ଛୋଟ ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦି ଉଠିଲା ।

ବିସି-୭୪, ସଲଟ ଲେକ, କଲକତା-୬୪

# ପ୍ରିୟ ବନ୍ଧୁ

- ପ୍ରୀତିମୟୀ ବିଶ୍ୱାଳ

ବନ୍ଧୁ ବିନା ଜୀବନ ଅଧୁରା । ଜୀବନ ଜିଇଁବା ପାଇଁ ଶରୀର ଯେପରି ଜରୁରୀ, ଜୀବନର ସୁଖ ଦୁଃଖ ବାଣ୍ଟିବା ପାଇଁ ବନ୍ଧୁଟିଏ ସେପରି । ବନ୍ଧୁ ସମସ୍ତେ ହୋଇପାରିବେ ପ୍ରକୃତ ବନ୍ଧୁ ବା ପ୍ରିୟ ବନ୍ଧୁ ସମସ୍ତେ ହୋଇପାରିବେ ନାହିଁ ।

ବିଦ୍ୟାଳୟରେ ପୂଜା ମିକି ବହୁତ ଭଲ ସାଙ୍ଗ ଥିଲେ ଜଣେ ଜଣଙ୍କୁ ନଦେଖିଲେ ରହିପାରନ୍ତିନି । ନିବିଡ଼ ସଂପର୍କକୁ ଘର ଲୋକ ସହି ପାରୁନଥିଲେ । ମିକିକୁ ଦିନେ ତାଙ୍କ ଘର ଲୋକ ପୂଜା ଠାରୁ ଅଲଗା କରିବା ପାଇଁ ଗାଁକୁ ନେଇଗଲେ, ହେଲେ ମିକି ଗାଁରେ ଥାଇ ମଧ୍ୟ ପୂଜାକୁ କଲ କରି ଭଲ ମନ୍ଦ ବୁଝୁଥାଏ । ପୂଜା କଲେଜ ଯିବା ବାଟରେ ଥରେ ମିକି ତା ମାକୁ ଦେଖିଲା ହେଲେ ସେମାନେ କେହି କାହା ସହିତ କଥା ହେଲେ ନାହିଁ । ମିକି ଶାଳି ଇଶାରା ଦେଲା କାଲି ଦେଖା କରିବା ପାଇଁ । ପୂଜାର କଲେଜରେ ଷ୍ଟଡ଼ି ଟୁର ଥିଲା ସେହି ଦିନ ସିଏ ବାହାର ଜାଗାକୁ ଯିବା ଚାରିଦିନ ପାଇଁ । ହେଲେ ଭି ପୂଜା ଯିବା ଆଗରୁ ମିକି ଡାକିଥିବା ଜାଗାକୁ ଗଲା, ପୂଜା ମିକିକୁ ଦେଖି କାନ୍ଦି ପକେଇଲା । ମିକି କହିଲା ଏଇଟା ଆମର ଶେଷ ଦେଖା ହୋଇବକି ନାହିଁ ମୁଁ ଜାଣିନି ମତେ ଆମ ଘର ଲୋକ ଗାଁରେ ବାହାଘର ଠିକ୍ ସାରିଛନ୍ତି । ପାଂଚ ଦିନ ଗଲେ ମୋ ବାହାଘର ଏଇ କଥା ଶୁଣି ପୂଜା ପାଦତଳୁ ମାଟି ଖସିଗଲା । ଏତିକି କହିବା ପାଇଁ ଆସିଥିଲି ଏଇଟା ଆମ ଶେଷ ଦେଖା । ଏହି ସମୟରେ ଘରୁ କଲ ଗଲା ମିକି ଚାଲିଗଲା । ପୂଜା ଆସି ବାହାରିଲା ତା ଷ୍ଟଡ଼ି ଟୁର ପାଇଁ ଯିବା ବାଟରେ ମିକି କଲ କରି ବହୁତ ବୁଝେଇଲା ଭଲରେ ଯିବୁ ମନ ଦୁଃଖ କରିବୁନି କହି ରଖିଦେଲା ।

ପୂଜା ଷ୍ଟଡ଼ିଟୁରରୁ ଫେରିଲା ପରଦିନ ତା କଲେଜରେ ପରୀକ୍ଷା ଥାଏ । ପୂଜା କଲେଜରୁ ଆସି ପଢୁଥାଏ ହଠାତ୍ ଟିଭିରେ ସମ୍ବାଦ ଆସିଲା ମହାମାରୀ ଚାରି ଆଡ଼େ ବ୍ୟାପୀ ଯାଇଛି ସ୍କୁଲ କଲେ ସବୁ ବନ୍ଦ । ପୂଜା ସମ୍ବାଦ ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । କଲେଜ ଏକୋଇଶ ଦିନ ପାଇଁ ବନ୍ଦ ହେଲା । ପୂଜା ଅପେକ୍ଷା କରିଥାଏ କେବେ କଲେଜ ଖୋଲିବ ହେଲେ ଦିନ ପରେ ଦିନ ମାସ ପରେ ମାସ ଗଡ଼ି ଚାଲିଥାଏ । ହେଲେ କୌଣସି ଖବର ଆସୁନଥାଏ ମହାମାରୀ କମିବାର । ଆହୁରି ବଢ଼ିବାର ସମ୍ବାଦ ନିତିଦିନ ଆସୁଥାଏ । କିଛି ମାସ ପରେ ନୂଆ କବିତା ଲେଖିବା ଆରମ୍ଭ କଲା ବହୁତ ଭୁଲ ଲେଖୁଥାଏ । ତା' କଲେଜର ମାଡ଼ାମ ପଢ଼ି ଠିକ୍ କରିଦେଲେ ଗୋଟିଏ କବିତା ତାକୁ କହିଗଲେ ଏହିପରି ଲେଖିବାକୁ ସବୁ । ପୂଜା ଭାବି ନେଲା ତା ଦ୍ୱାରା ବୋଧେ କବିତା ଲେଖା ହବନି । କିଛିଦିନ ଲେଖିବା ବନ୍ଦ କରିଦେଲା । ପୁଣି ଦିନେ ବସି ଲେଖା ଆରମ୍ଭ କଲା । ତା ଲେଖା ଦେଖି ସାର ତାକୁ ନେଇ କବିତା ଗ୍ରୁପରେ ଆଡ଼ କରିଦେଲେ । ପୂଜା ନିତିଦିନ ସେଇ ଗ୍ରୁପରେ କବିତା ପଠେଇଲା ଗ୍ରୁପରେ ଆଉ କିଛି ସଦସ୍ୟ ତା କବିତା ପଢ଼ି ଅନ୍ୟାନ୍ୟ ଗ୍ରୁପରେ ଆଡ଼ କରିଦେଲେ । ପୂଜା ସବୁବେଳେ ପ୍ରତିଯୋଗିତାରେ ଭାଗ ନେବାକୁ ଭଲ ପାଏ । ହଠାତ୍ ଦିନେ କବିତା ଗ୍ରୁପରେ ମେସେଜ ଆସିଲା ପ୍ରତିଯୋଗିତା ପାଇଁ, ହେଲେ ପ୍ରତିଯୋଗିତା ଅନ୍ୟ ଗ୍ରୁପରେ ଥିଲା ସେହି ଗ୍ରୁପରେ ପୂଜା ନଥାଏ । ପୂଜା ସାହସ କରି ପ୍ରତିଯୋଗିତା ପଠାଇଥିବା ସାରଙ୍କୁ ମେସେଜ କଲା । କହିଲା ସାର ମୁଁ ପ୍ରତିଯୋଗିତାରେ ଭାଗ ନେବି । ସାର ତାପରେ ତାଙ୍କ ଗ୍ରୁପରେ ପୂଜାକୁ ଆଡ଼ କରିଦେଲେ । ପୂଜା ପ୍ରଥମ ଗଳ୍ପ ଲେଖିଥିଲା ସେହି ଗ୍ରୁପରେ । ସାରଙ୍କ ନାମ ଥିଲା ଶିବପ୍ରସାଦ । ସେ ଥିଲେ ଜଣେ ନିଷ୍ପାପର, ସତ୍ୟବାଦୀ, ଅନ୍ୟାୟ ବିରୋଧୀ, ସହଯୋଗୀ ମନୋଭାବ ଏବଂ ସର୍ବଗୁଣସମ୍ପର୍ଣ୍ଣ ବ୍ୟକ୍ତି । ଧୀରେ ଧୀରେ ପୂଜା ଶିବ ସାରଙ୍କୁ ଜାଣିବାକୁ ଲାଗିଲା । ଦିନେ ସାର ଲେଖିଥିବା ତାଙ୍କ ଜୀବନୀ ବିଷୟରେ ସୋସିଆଲ ମିଡ଼ିଆରେ ପଢ଼ିଲା, ସେ କାହାଣୀରେ ଏତେ ଦୁଃଖ କୋହ ଭରିରହିଥିଲା ଯେ ପୂଜା ଆଖିରେ ଲୁହର ଧାର ବହି ଆସିଲା । ଠିକ୍ ସମୟରେ ମେସେଜ ଆସିଲା ଯେ ଶିବ ସାରଙ୍କ ମାତାଙ୍କର ଦେହାନ୍ତ ହୋଇଗଲା । ପୂଜା ଏ କଥା ଶୁଣି ସ୍ତବ୍ଧ ହୋଇଗଲା । ସାରଙ୍କ ଠାରୁ ପ୍ରେରଣା ପାଇଁ ପୂଜା ପ୍ରବନ୍ଧ, ଗଳ୍ପ ଲେଖିବାକୁ ଆରମ୍ଭ କଲା । ସାରଙ୍କ ଏଇ ଦୁଃଖ ସମୟରେ ପୂଜା ବନ୍ଧୁ ପରି ସାନ୍ତ୍ୱନା ଦେବାକୁ ଚେଷ୍ଟା କଲା । ସେ ଜାଣେ ନାହିଁ ବନ୍ଧୁ ହୋଇ ସେ କେତେ ସାରଙ୍କୁ ବୁଝାଉଛି । କିନ୍ତୁ ପରବର୍ତ୍ତୀ ସମୟରେ ସାର ପୂଜାକୁ ବନ୍ଧୁ ଭାବରେ ଗ୍ରହଣ କଲେ । ଗୋଟେ ଗୁରୁ ଯେ ଭଲ ବନ୍ଧୁ ହୋଇପାରେ ତାହା ଶିବ ପ୍ରସାଦ ସାର ପ୍ରମାଣିତ କରିଦେଲେ । ପୂଜା ସେହି ମୁହୂର୍ତ୍ତରୁ ତାର ଆଉ ସାରଙ୍କର ବନ୍ଧୁତ୍ୱ ସବୁବେଳେ ଅତୁଟ ରହୁ ଓ ସାରଙ୍କ ଜୀବନରେ କେବେ ଦୁଃଖ ନଆସୁ ଭଗବାନଙ୍କ ପାଖରେ ଏଇ ପ୍ରାର୍ଥନା କରେ ।

କିଛି ମାସ ପରେ ପୂଜାର ଏକ କବିତା ଦେଖି ଜଣେ ସମ୍ପାଦକ ମେସେଜ କଲେ କବିତାଟି ବହୁତ ବଢ଼ିଆ ହୋଇଛି ତାଙ୍କରି ନାମ ଥିଲା ଦୀପକ । ପୂଜା ଜାଣିବାକୁ ପାଇଲା ଯେ ସେ ତାଙ୍କ ଗ୍ରାମର ପିଲା ବହୁତ ଭଲ । ଜୀବନରେ ସେ ସବୁବେଳେ ଅନ୍ୟାୟକୁ ବିରୋଧ କରନ୍ତି । ବହୁତ କମ୍ ବୟସରେ ସେ ଉଚ୍ଚପଦବୀ ହାସଲ କରିଛନ୍ତି । ବହୁତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ପ୍ରେରଣା ଯୋଗାଇଛନ୍ତି । ବନ୍ଧୁ କିପରି ଭଲ ସହଯୋଗୀ ହୋଇପାରେ ତାହା ଦୀପକଙ୍କ ଠାରୁ ଶିଖିବା କଥା ।

ପୂଜା ଜୀବନରେ ବହୁତ ବନ୍ଧୁ ଆସିଛନ୍ତି ହେଲେ ଏଇ ଦୁଇ ବନ୍ଧୁ କିଛି ନିଆରା । ପୂଜାକୁ ସବୁବେଳେ ସତ୍ ମାର୍ଗ ଦେଖାନ୍ତି ଓ ପ୍ରେରଣା ଦିଅନ୍ତି । କିନ୍ତୁ ଆଶ୍ଚର୍ଯ୍ୟ କଥା ପୂଜା ତାର ଦୁଇ ପ୍ରିୟ ବନ୍ଧୁଙ୍କୁ ଆଜି ଯାଏ ଦେଖିନାହିଁ । ତାର ଏଇ ପ୍ରାର୍ଥନା ଯେ ତାର ଏହି ତିନି ବନ୍ଧୁ ସବୁବେଳେ ଖୁସିରେ ରୁହନ୍ତୁ ଓ ତାଙ୍କ ଚଲାପଥ କୁସୁମିତ ହେଉ ।

ରାଉରକେଲା ।

# ବିଗତ କଥା

- ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ

ଶ୍ରୀଯୁକ୍ତ ଗୋବିନ୍ଦ ମଙ୍ଗରାଜ ଏବଂ ଗାଁ ମୁଖିଆ ମକରଧ୍ୱଜ ପ୍ରହରାଜଙ୍କ ସମ୍ପର୍କର ତିକ୍ତତା ଓ ମନମାଳିନ୍ୟତା ନିକଟସ୍ଥ ଚାରିଖଣ୍ଡ ଅଞ୍ଚଳର ଲୋକେ ଜାଣନ୍ତି । ଗୋବିନ୍ଦ ମଙ୍ଗରାଜଙ୍କ ଜମିଦାରୀ ବ୍ୟବସ୍ଥାର କ୍ରୁର ଓ ନିଷ୍ଠୁର ଶାସନ ସମସ୍ତଙ୍କୁ ଆତଙ୍କିତ କରିଥିଲା ସେତେବେଳେ । କିନ୍ତୁ ଗାଆଁ ମୁଖିଆ ମକରଧ୍ୱଜ ପ୍ରହରାଜ ଏକ ମର୍ଯ୍ୟାଦା, ସ୍ନେହୀ ଏବଂ ନ୍ୟାୟଶୀଳ ମଣିଷର ପ୍ରତୀକ । ଉଭୟଙ୍କ ପଦ ମର୍ଯ୍ୟାଦାରେ କାହାଠୁ କିଏ କମ ନଥିଲେ । ଲେଶକେ ଖାତିରି ଜଗନ୍ତି ପ୍ରହରାଜଙ୍କୁ । କେଉଁ ଅନାଦି କାଳରୁ ଜମିବାଡ଼ି ଶତ୍ରୁତାକୁ ନେଇ ଏବେ ମଧ୍ୟ କିଏ କାହାର ଛାଇ ମାଡ଼ନ୍ତିନି ଦୁହେଁ ।

ଗୋବିନ୍ଦ ମଙ୍ଗରାଜଙ୍କ ଏକମାତ୍ର ଅଲିଅଳି ଝିଅ କନକଲତା ପାଠ ପଢ଼େ କଟକ ସହରର ସୁପ୍ରତିଷ୍ଠିତ ସେଣ୍ଟ ଜୋସେଫ କଲେଜରେ । କନକଲତାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି ଗୋବିନ୍ଦ ମଙ୍ଗରାଜ । ମନରେ ତାଙ୍କର କଳ୍ପନାର ତାଜମହଲ ଗଢ଼ିଥିଲେ ସେ । ଆଭିଜାତ୍ୟର ଖାନଦାନି ଭିତରେ ଜୀବନ ବିତାଉଥିବା ମଙ୍ଗରାଜ ଭାବନ୍ତି ସେ ନିଜ ଝିଅକୁ ଏକ ସୁପ୍ରତିଷ୍ଠିତ ପରିବାରରେ ବାହା ଦେବେ ଯେଉଁଠି ଅଭାବର ଲେସମାତ୍ର ଚିହ୍ନ ନଥିବ, ନଥିବ ସେଇଠି ରକ୍ଷଣଶୀଳତାର ସ୍ପର୍ଶ । ଆଧୁନିକତାର ପ୍ରାଚୁର୍ଯ୍ୟ ତଳେ ଯେମିତି ତାଙ୍କ ଝିଅ ହସ ଖୁସିରେ ଜୀବନ ବିତାଇବା, ଏମିତି ଅନେକ କିଛି.. ।

ସମୀର ମକରଧ୍ୱଜ ପ୍ରହରାଜଙ୍କ ସବା ସାନପୁଅ । ଏଇ ଛଅମାସ ହେବ ମେକାନିକାଲ ଇଂଜିନିୟରିଙ୍ଗରେ ଡିଗ୍ରୀ ସାରି ସୁଦୂର ବମ୍ବେରୁ ଘରକୁ ଫେରିଛି । ଏଇ ଗାଁରେ ହିଁ ବିତିଥିଲା ତାର ପିଲା ଦିନ । ଖେଳକୁଦ, ଯାନିଯାତ୍ରା ସାଙ୍ଗ ସାଥି ସେ ସବୁକୁ ଏବେ ବି ଭୁଲି ନଥିଲା । କ'ଣ ଯେତେ ବଡ଼ ହେଲେ ମଧ୍ୟ କିଏ କେବେ ଭୁଲି ପାରେ ଅତୀତକୁ, ପିଲାଦିନକୁ । ଅବଶ୍ୟ ପିଲାଦିନର ସାଙ୍ଗସାଥୀମାନେ ଏବେ କିଏ ଚାଷ ବେଉସା କରୁଛି ତ କିଏ ପୁଣି ନିଜ ନିଜର କୌଳିକ ବୃତ୍ତିକୁ ଜାବୁଡ଼ି ପାଠ ସାଠ ଛାଡ଼ି ଦେଇଛନ୍ତି । ଗାଁକୁ ଫେରି ସ୍ମୃତିକୁ ରୋମନ୍ଥନ କରୁଛନ୍ତି ସମୀର । ପିଲା ଦିନର ସାଙ୍ଗ ସାଥୀଙ୍କ ସହ ହସଖୁସିରେ ଜୀବନ ବିତାଉଛନ୍ତି । କିନ୍ତୁ କନକଲତା ଏକମାତ୍ର ଝିଅ ତାଙ୍କ ସହପାଠୀ ଥିଲା ସେ କଥାକୁ ସେ ବିଲକୁଲ ଭୁଲି ନାହାନ୍ତି ।

ସୌଭାଗ୍ୟକୁ ଖରା ଛୁଟିରେ ଗାଁକୁ ଫେରିଛି କନକଲତା । ତାକୁ ଦେଖି ସମୀର ମନେ ପକାଉଛି ସେ ଅଭୁଲା ଅତୀତକୁ । ଧନୀ ଘର ଝିଅ ସିଏ କିନ୍ତୁ ସରଳ ନିଷ୍କପଟ, ମେଳାପି ସ୍ୱଭାବ । ତାହାର ବାପା ଗୋବିନ୍ଦ ମଙ୍ଗରାଜଙ୍କ ଠିକ ବ୍ୟତିକ୍ରମ ସେ । ସ୍ନେହୀ, ସୁମଧୁର ସ୍ୱଭାବ, ଯାହା ପିଲାବେଳେ ଥିଲା, ଏବେ ବି ଏହି ବୟସରେ ଠିକ୍ ସେମିତି । କିଛି ବି ବଦଳି ନଥିଲା ସତରେ । ପ୍ରଥମ ଦେଖାରୁ ହିଁ ସେ ମନେ ମନେ ଭଲ ପାଇ ବସିଥିଲା ସମୀରକୁ । ମନରେ ଉଙ୍କି ମାରୁଥିଲା ଅନେକ ସୁନେଲି ସ୍ୱପ୍ନ । ହେଲେ କ'ଣ ହେବ ? କନକଲତା ମନରେ ଭାବୁଥିଲା ତାଙ୍କ ବାପା ଯେମିତି ଲୋକ ଏସବୁ ସାକାର ହୋଇପାରିବ ନାହିଁ । ତାଙ୍କ ବାପା ଯାହାକୁ ଚୀର ଶତ୍ରୁ ବୋଲି ଭାବନ୍ତି ତାଙ୍କ ପୁଅ ସମୀର ସହ ବାହାଘର କେବେ ବି ସମ୍ଭବ ନୁହେଁ ।

ସେଦିନ ସାଙ୍ଗସାଥୀଙ୍କ ସହ ହସ ଖୁସି ହୋଇ ଘରକୁ ଫେରିଥିଲା କନକଲତା । ନିଜ କୋଠରୀରେ ନୀରବରେ ବସି ବାହାର ଝର୍କା ଦେଇ ଦେଖୁଥିଲା ସ୍ୱାଧୀନ ଭାବେ ଆକାଶରେ ଉଡୁଥିବା ପକ୍ଷୀମାନଙ୍କୁ । ସ୍ୱାଧୀନତାର ଅର୍ଥ ଖୋଜୁ ଥିଲା ମନେମନେ । ଆଖିରୁ ତାର ଝରି ପଡୁଥିଲା ଧାରଧାର ଲୁହ ଅନବରତ ଭାବେ । ଯାହାକୁ ସେ ନିୟନ୍ତ୍ରଣ କରିପାରିନଥିଲା । ନିରାଶ ଓ ହତାଶ ହୋଇ ସେ ଭାବୁଥିଲା ତାଙ୍କ ବାପାଙ୍କ ଆତ୍ମଗର୍ବ ଓ ସ୍ୱାଭିମାନ ପାଖରେ କିପରି ସେ ହାରି ଯାଇଛି । ଏବେ ସେ ହୃଦବୋଧ କରିପାରିଛି ଯେ ଏତେ ବୟସ ଏବଂ ଏତେ ଯୋଗ୍ୟତା ଥାଇ ମଧ୍ୟ ବାପାଙ୍କ ସମ୍ମାନକୁ ମର୍ଯ୍ୟାଦା ଦେବାକୁ ଯାଇ ସେ କିଭଳି ଗୋଟାଏ ଭଲ ମଣିଷଟିଏ ବାଛିବାର ସାମର୍ଥ୍ୟ ହରାଇ ବସିଛି । ଛାତିର ଅକୁହା ବେଦନାକୁ ପ୍ରକାଶ କରିବା ସାହସ ତା'ର ନାହିଁ ।


କନକଲତା କନକଲତା, ଡାକରେ ସତରେ କନକଲତା ଅତର୍କିତ ଭାବେ ଆଖିର ଲୁହ ସବୁ ପୋଛୁ ପୋଛୁ କୋଠରୀକୁ ପଶି ଆସିଛନ୍ତି ତାଙ୍କ ବାପା ମଙ୍ଗରାଜ । ଝିଅର ଏତାଦୃଶ ମ୍ରିୟମାଣ ଅବସ୍ଥାକୁ ଦେଖି ପଚାରିଛନ୍ତି ବିଷାଦର କାରଣ । କହି ମାଆ ତୋର କ'ଣ ଅଭାବ ମୁଁ କରିଛି । ତୁ ଯାହା ଚାହିଁବୁ ସେ ସବୁ ମୁଁ ନିଶ୍ଚୟ ପୂରଣ କରିବି । ମାଆ ତୋ ମନ କଥା ମୋତେ ଲୁଚାଇ ଲାଭ କ'ଣ ? ଏତିକି ବେଳେ କନକଲତା ପ୍ରକାଶ କରିଛି ତା ସ୍ୱପ୍ନର ତାଜମହଲର କାହାଣୀ । ସତରେ ବାପା, ତୁମେ ଜଣେ ଭଲ ମଣିଷକୁ ମୋ ହାତରେ ଉପହାର ଦେଇପାରିବ ? ମୁଁ ସମୀରକୁ ନେଇ ସଂସାର ଗଢ଼ିବାକୁ ଚାହେଁ ବାପା ତୁମେ କ'ଣ ଏକଥାରେ ସତରେ ଅରାଜି ହେବନି ତ ?

ନିରୂପାୟ ନିରବ ହୋଇଯାଇଥିଲେ ଗୋବିନ୍ଦ ମଙ୍ଗରାଜ । କିଛି ମୁହୂର୍ତ୍ତ ପାଇଁ ଚୁପ ହୋଇ ବସି ପଡ଼ିଥିଲେ । ନିଜର ଅହଂକାର ଓ ଆତ୍ମବଡ଼ିମାର ଶକ୍ତ ପାହାଡ଼ଟା ଧୀରେଧୀରେ ଭୁଷୁଡ଼ି ଯାଉଥିଲା ତାଙ୍କ ଅଜାଣତରେ । ପାଦ ତଳୁ ମାଟି ଖସି ଯାଉଥିଲା । ଗୁରୁ ଗମ୍ଭୀର କଣ୍ଠରୁ ପରାସ୍ତର ନରମ ସ୍ୱୀକାରୋକ୍ତି ପ୍ରକାଶ ପୂର୍ବକ ସେ କହୁଥିଲେ, ମାଆ ଲୋ ତୋ ପାଖରେ ମୁଁ ହାରି ଯାଇଛି । ତୁ ମୋର ଆଖି ଖୋଲି

ଦେଇଛୁ । ବୃଥା ଅହମିକାରେ ମୁଁ ଅନ୍ଧ ପାଲଟି ଯାଇଥିଲି ।

ପରଦିନ ସକାଳୁ ସକାଳୁ ଗୋବିନ୍ଦ ମଙ୍ଗରାଜ ପହଞ୍ଚିଯାଇଥିଲେ ମକରଧ୍ୱଜ ପ୍ରହରାଜଙ୍କ ଘରେ । ଅନୁତାପ ଅନଳରେ ମଳିନ ପଡ଼ିଯାଇଥିଲା ତାଙ୍କ ମୁହଁ । ଅହମିକା ଓ ଅହଂକାର ଭୁଷୁଡ଼ି ପଡ଼ିଥିଲା । ନିଜର ଭୁଲ ପାଇଁ କ୍ଷମା ମାଗିଥିଲେ ମଙ୍ଗରାଜ । ବିଗତ କଥାକୁ ଭୁଲି କନକଲତାକୁ ବୋହୂ କରି ନେବାକୁ ସେ ଅନୁରୋଧ କରିଥିଲେ । ମକରଧ୍ୱଜ କ'ଣ ବା କରିଥାନ୍ତେ ନିରୂପାୟ ସେ । ପିଲାମାନଙ୍କ ସୁନେଲି ଭବିଷ୍ୟତକୁ ଆଖି ଆଗରେ ରଖି ଭୁଲି ଯାଇଥିଲେ ସବୁ କିଛି ମାନ ଅଭିମାନ । ଉଭୟେ କୋଳାଗ୍ରତ ହୋଇ ବିଗତ କଥାକୁ ପାଶୋରି ଆଡ଼ମ୍ବରପୂର୍ଣ୍ଣ ବାହାଘରର ଆୟୋଜନ କରାଇଥିଲେ ଦୁହେଁ । ଏସବୁ ଦେଖି ବିଶ୍ୱାସ କରିପାରିନଥିଲେ ସେ ଅଞ୍ଚଳବାସୀ । ସତେ ଯେମିତି ଅଦିନିଆ ମେଘ ଖୁସିରେ ବର୍ଷି ଯାଉଥିଲା । କନକଲତା ଏବଂ ସମୀର ଆକାଶର ସପ୍ତରଙ୍ଗର ଇନ୍ଦ୍ରଧନୁକୁ ଦେଖି ହସୁଥିଲେ ବିଶ୍ୱାସ କରିପାରୁନଥିଲେ ସେମାନଙ୍କ ମିଳନ ମୁହୂର୍ତ୍ତକୁ ।

ପଦ୍ମପୁର, ରାୟଗଡ଼ା ।



## ଅଲଗା

– ସୁକାନ୍ତ ଖଣ୍ଡା

ସେ ଦିନ ଥିଲା ମହା ଶିବରାତ୍ରୀ । ଅଶୀ ବର୍ଷର ବୁଢ଼ା ଅଶୋକ ଖାଇବା, ପିଇବା ଓ ରହିବାକୁ ପୁଅବୋହୂ ନେଲେ ନାହିଁ ତ ବେସାହାରା ହୋଇ ଚାରିଆଡ଼େ ଘୂରି ବୁଲିଲା । ସେ ଭାରି ନିର୍ମାୟା ମାଛିକୁ ମ କହେ ନାହିଁ । ପୁଅବୋହୂ ଘରୁ ତଡ଼ି ଦେଲେ ସୁଦ୍ଧା କଟୁକଥା କହି ନାହିଁ । ନିତି ଈଶ୍ୱରଙ୍କୁ ମିନତି କରେ ପୁଅବୋହୂଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ଅଶୋକ ବୁଲି ବୁଲି ଘଟଗାଁ ବଜାରରେ ପହଂଚିଲା । ଖିଆପିଆ ଅଭାବରୁ ଆଖିଯୋଡ଼ିକ ଭିତରକୁ ପଶି ଯାଇଥିଲା । ଯେମିତି ପୋଷେ ପୋଷେ ଚାଉଳ ରହିଯିବ । ଗାଲ ଦୁଇଯି ଠାକରା, ଦେହର କଙ୍କାର ଦେଖାଯାଉଛି । ଦୂର୍ବଳ ଯୋଗୁଁ ଚାଲିବା ହୋଇପାରୁନାହିଁ । ସେ ଭଗତଙ୍କ ଦୋକାନ ପାଖରେ ବସି ରହି ବଲବଲ ଅନାଇ ରହିଲା ।

ମହା ଶିବରାତ୍ରୀ ପାଇଁ କଳମୁଖରିତ ଘଟଗାଁ । ଜାଗର ଯାତ୍ରା ଓ ତାରିଣୀ ଦର୍ଶନ ସକାଶେ ବାଲେଶ୍ୱରରୁ ବୋଲେରରେ ଦଳେ ଭକ୍ତ ପର୍ଯ୍ୟଟକ ଓହ୍ଲାଇ ମହାଦେବ ଓ ମାଆ ତାରିଣୀକୁ ଦର୍ଶନ କରି ଭଗତଙ୍କ ଫଳ ଦୋକାନ ଆଗରେ ଭିଡ଼ ଜମାଇଲେ । ଜଣେ ଭଦ୍ର ବ୍ୟକ୍ତି ପ୍ରଶ୍ନ କଲେ ଆଜ୍ଞା ! ଏ ଅଙ୍ଗୁର କୋଳି କିଲୋ କେତେ ? ଭଗତ ସହଳ ଭାବରେ କହିଲା ଆଜ୍ଞା ଅଶୀଟଙ୍କା । ଭଦ୍ର ବ୍ୟକ୍ତି ଜଣକ ଟିକିଏ ପରେ ଚାରିଆଡ଼କୁ ଅନାଇ ପୁଣି କହିଲେ ଆଜ୍ଞା ତଳେ ପଡ଼ିଥିବା ଗୋଟା ଅଙ୍ଗୁର ଦାନା କିଲୋ କେତେ ? ସେ ଅଙ୍ଗୁଳି ନିର୍ଦ୍ଦେଶ କଲେ । ଏହା ଶୁଣି ଭଗତ କହିଲା ମାତ୍ର ତିରିଶ ଟଙ୍କା । କୁହନ୍ତୁ କାହାକୁ ଦେବି ପେନ୍ଥା ନା ଗୋଟା ଅଙ୍ଗୁର । ଭଦ୍ର ବ୍ୟକ୍ତି ଜଣକ ପେନ୍ଥା ଅଙ୍ଗୁର ଏକ କିଲୋ କିଣି ଚାଲିଗଲେ ।

ପାଖରେ ବସିଥିଲା ଅଶୋକ ଯାହାର ବୟସ ଅଶୀ ହୋଇ ଯାଇଥିଲା । ସେ ବୁଝିଲା ଅଙ୍ଗୁର ପେନ୍ଥାରୁ ଅଲଗା ହେବା ପରି ମଣିଷ ସମାଜରେ ଯଦି କେହି ଅଶୀ ବର୍ଷକୁ ପହଂଚି ଯାଏ ତାର ଅବସ୍ଥା ମଧ ଏହିପରି ତୁଚ୍ଛ ହୋଇଯାଏ । ମୂଲ୍ୟବୋଧ କମ୍ ହେଲା ତ ସଭିଏଁ ଅନାଦର କରିବେ । ଆଜି ମୋର ଅବସ୍ଥା ପାଇଁ ବୟସର ଦୋଷ । ପୁଅବୋହୂଙ୍କ ଦୋଷ ଦେବି ତ ଈଶ୍ୱରଙ୍କ ପାଖରେ ନୀଚ ହୋଇଯିବି । ଏପରି ଅବସ୍ଥା ଦେଶ, ସମାଜ ଓ ପରିବାରରେ ଆଗରୁ ରହିଛି ରହିବ ମଧ । ତାକୁ ଘୁଂଚାଇବାକୁ ଜଗତରେ କେହି ଜନ୍ମ ହୋଇନାହିଁ । ସେ ନିଜକୁ ଅନାଇଲା ଓ ଆଖିର ଲୁହ ପିଇଲା । ଅଳ୍ପ କିଛି ସମୟ ହେଉ ପଛେ ଲୋକ ଓ ଶୋଷରୁ ମୁକ୍ତି ପାଇଁ କୃତାର୍ଥ ମଣିଲା । ସାମାନ୍ୟ ହସି ଘଟକେଶ୍ୱର ମହାଦେବ ଓ ମାଆ ତାରିଣୀଙ୍କୁ ଦୁଇ ହାତ ଯୋଡ଼ି ଦେଉ ଦେଉ ଚିର ନିଦ୍ରାରେ ଶୋଇଗଲା ।

ପାଖ ଦୋକାନୀ ସବୁ ଧାଇଁ ଆସି ଭିଡ଼ ଜମାଇଲେ । ଭଗତ ମଧ ଠିଆ ହୋଇଥିଲା । ସେ ଆଖିରୁ ଲୁହ ଗଡ଼ାଇ ନିଜକୁ ଧିକ୍କାର କଲା । କାରଣ ପାଖରେ ଥାଇ ଭୋକିଲା ଶୋଷିଲା ଲୋକଟିକୁ ଦେଖି ସୁଦ୍ଧା ନିଜ ବେପାର ସ୍ୱାର୍ଥରେ ମଗ୍ନ ରହିଥିଲା । ସେ ଚାହିଁଥିଲେ ନିଜ ଦୋକାନରୁ ଫଳ କି ପାଣି ଟୋପାଏ ଦେଇ ପାରିଥାନ୍ତା କିନ୍ତୁ ସେତିକି ସୁଦ୍ଧା କଲାନାହିଁ । ଭଗତ ସଂସ୍କାର କାମ ନିଜ ହାତରେ କଲା ଆଉ ଶୁଦ୍ଧି କ୍ରିୟା ନିଜ କୋଷରୁ ମଧ ।

ସ୍ୱର୍ଗରେ ଥାଇ ଅଶୋକ କିରିକିରି ହସୁଥିଲେ । ମହା ଶିବରାତ୍ରୀ ଜାଗର ମେଳା ଚାଲିଥିଲା । ମାଆ ତାରିଣୀଙ୍କ ଆଖିରେ ଲୁହ ହେଲେ ଘଟକେଶ୍ୱର ମହାଦେବ ହସୁଥିଲେ । ମାଆ ତାରିଣୀ ହସିବାର କାରଣ ପଚାରିଲେ ତ ଘଟକେଶ୍ୱର ମହାଦେବ କହିଲେ, ପ୍ରିୟେ ! ପାରବ୍ଧ କର୍ମ ହିଁ ନିଜର ସୁଖ ଓ ଦୁଃଖର କାରଣ ହୋଇଥାଏ । କଳମୁଖରିତ ଘଟଗାଁ । ଚାରିଆଡ଼େ ଆନନ୍ଦ ଉଲ୍ଲାସର ଝଲକ ।

# କାଳିଝିଅ ଓ ଫେରିବାଲା

- ସଚ୍ଚିଦାନନ୍ଦ କର

ଗୋଟିଏ ଦୁର୍ଘଟଣା ଘଟିଗଲା ।

ଫେରିବାଲାର ସାଇକେଲକୁ ଧକ୍‌କା ଦେଲା କାଳିଝିଅର ସ୍କୁଟି । ଶୂନ୍‌ଶାନ୍ ରାସ୍ତାରେ ।

ରକ୍ତ ଝରୁଥିଲା- କାଳିଝିଅର ପାଦରୁ । ଫେରିବାଲାର ମୁଣ୍ଡରୁ । ଧୂଳି ଲାଗି ଅସନା ହୋଇଥିଲା ପୋଷାକ-ଉଭୟଙ୍କର ।

ଫେରିବାଲା ଝାଡ଼ିଝୁଡ଼ି ଠିଆହେଲା । ଜିନିଷ ସଜାଡ଼ିଲା ।

କାଳିଝିଅ ବି ଝାଡ଼ିଝୁଡ଼ି ହୋଇ ଉଠିଲା । ଧାଇଁ ଯାଇ ଫେରିବାଲାର ମୁଣ୍ଡରୁ ନିଜ ରୁମାଲରେ ରକ୍ତ ପୋଛିଲା ।

- 'ଗାଡ଼ି ଚଲାଇବା ବେଳେ ଅନ୍ୟମନସ୍କ ହେବା ଠିକ୍ ନୁହେଁ ।' ଫେରିବାଲା କହିଲା ।

- 'ନୂଆ ନୂଆ ସ୍କୁଟି ଚଲାଉଛି । କିଛି ମନେ କରିବନି । ବୋଧହୁଏ ମୋର ଭୁଲ ହୋଇଛି । କାଳିଝିଅ ଦୁଃଖ ପ୍ରକାଶ କଲା ।'

ଜିନିଷ ସଜାଡୁ ଥିଲା ଫେରିବାଲା । ମନକୁମନ କହୁଥିଲା । - 'ଝିଅଟା ସଜ ହୁଏନି ବୋଧେ । ଇସ୍ କି ଅସୁନ୍ଦର ଦିଶୁଛି । ଇଏ କ'ଣ ବୁଝିବ ମୋ ଜିନିଷପତ୍ରର ମୂଲ୍ୟ ।'

- 'ମୋର ଡେରି ହେଲାଣି । ମୁଁ ଆସୁଛି ।' କହିଲା କାଳିଝିଅ । ସ୍କୁଟି ଷ୍ଟାର୍ଟ କଲା । ଚାଲିଗଲା ।

ଫେରିବାଲା ସାଇକେଲରେ ବସିଲା । ଗୋଟିଏ ଗୋଟିଏ ପେଡାଲ ମାରି ଆଗକୁ ଚାଲିଲା ।

ସେଦିନ କଲେଜରୁ ଫେରି ଫେରିବାଲା କଥା ଭାବିବାକୁ ଲାଗିଲା କାଳିଝିଅ । ରାତିରେ ବି ଭାବିଲା । ଅନେକ ରାତି ପର୍ଯ୍ୟନ୍ତ ସେ ଭାବୁଥିଲା ସେଇ ଫେରିବାଲା କଥା । ଆଖିରେ ନିଦ ଆସୁନଥିଲା ।

- 'କେତେ ଭଲ ସେଇ ଫେରିବାଲା । ମନକୁ ମନ କହୁଥିଲା କାଳିଝିଅ । ଫେରିବାଲା ବାଲା ପାଇଁ ବଢୁଥିଲା ତା'ର ସହୃଦୟତା ।

ଫେରିବାଲାକୁ ମନରୁ ଭୁଲି ପାରିନଥିଲା କାଳି ଝିଅ ।

ପ୍ରାୟ ସପ୍ତାହକ ପରେ ଦିନେ ସେ ନିଜ ଘରର ଗେଟ୍ ସାମନାରେ ଶୁଣିପାରିଲା ଫେରିବାଲାର ସ୍ୱର । - 'ସାମ୍ପୋ, ସାବୁନ୍, ସ୍ନୋ, ପାଉଡର, ବିନ୍ଦି, ଅଳତା ରଖିବ ।' ଡାକୁଥିଲା ଫେରିବାଲା ।

ତା' ପାଖକୁ ଧାଇଁ ଆସିଲା କାଳିଝିଅ । ତାକୁ ଚିହ୍ନିପାରିଲା । ହସହସ ହୋଇ ଭିତରକୁ ଡାକିନେଲା । ଦୁର୍ଘଟଣା କଥା ମନେ ପକାଇଲା । ମନଇଚ୍ଛା ସେଦିନ ଫେରିବାଲାଠାରୁ ବହୁତ ଜିନିଷ ରଖିଲା ।

ପ୍ରଥମ କରି ସଜ ହେବା ଜିନିଷ ରଖୁଥିଲା କାଳିଝିଅ ।

- 'ଯେତେ ସଜ ହେବାକୁ କହିଲେ ହୁଏନି । ଆଜି ତା'ର କ'ଣ ମନ ହେଇଛି କେଜାଣି ।' ପାଖରେ ଠିଆ ହୋଇଥିବା କାଳିଝିଅର ମା' କହିଲେ ଓ କଥାଶେଷରେ ମୁର୍କି ମୁର୍କି ହସିଲେ ।

- 'ତୁମର କେତେ ପଇସା ହେଲା ?' ମୁର୍କି ହସି ଫେରିବାଲାକୁ ପଚାରିଲା କାଳିଝିଅ ।

- 'ତୁମେ ଆଗ ସଜ ହୁଅ । କେମିତି ଦିଶୁଛ ମୁଁ ଦେଖେ । ତା'ପରେ ଯାଇ ପଇସା ନେବି । ସବୁ ସପ୍ତାହରେ ମୁଁ ଥରେ ଏଇ ଏରିଆକୁ ଆସିଥାଏ ।' ଫେରିବାଲା କହିଲା । ଫେରିଗାଲା ।

ସାମ୍ପୋ, ସାବୁନ୍, ସ୍ନୋ, ପାଉଡ଼ର୍, ଟିକିଲି- ଏସବୁରେ ଏବେ କାଳିଝିଅ ଦିଶୁଥିଲା ଗୋରୀ, ସୁନ୍ଦରୀ । ଆଇନା ଆଗରେ ନିଜକୁ ଦେଖି ନିଜେ ଉତ୍‌ଫୁଲ୍ଲିତ ହେଉଥିଲା । ଫେରିବାଲାକୁ ନିଜକୁ ଦେଖେଇବାକୁ ଚାହୁଁଥିଲା । ଜିନିଷର ଦାମ୍ ଦେବାକୁ ବି ଚାହୁଁଥିଲା ।

ଫେରିବାଲାର ଦେଖା ନଥିଲା ।

ଏବେ ନିଜକୁ ଭଲପାଇବାରେ ଲାଗିଥିଲା କାଳିଝିଅ । ବହୁତ ଭଲପାଉଥିଲା । ଖୁବ୍ ଆତ୍ମବିଶ୍ୱାସ ଆସିଯାଇଥିଲା ତା' ମନରେ ।

ଆସୁନଥିଲା ଫେରିବାଲା ।

ବ୍ୟସ୍ତ ହେଉଥିଲା କାଳିଝିଅ ।

ଦିନେ ପୁଣି ଆସିଲା ଫେରିବାଲା । ତାକୁ ଦେଖି ଖୁସି ହେଲା କାଳିଝିଅ । ପଚାରିଲା- 'ଏତେ ଦିନ ହେଲାଣି ଆସୁନଥିଲ ? ମୋତେ ଭୁଲି ଯାଇଥିଲ ବୋଧେ ?'

ଅଳ୍ପ ହସିଲା ଫେରିବାଲା । ଜିନିଷପତ୍ର ଦେଲାବେଳେ ଧୀରେ କହିଲା- 'ଏବେ ତୁମକୁ ସୁନ୍ଦରୀ ବୋଲି କହିପାରିବି କି ?'

- 'ଆଉ କିଛି କହିପାରିବନି କ'ଣ ?' ଅଳ୍ପ ହସି କହିଲା କାଳିଝିଅ ।

ଫେରିବାଲା ମୁର୍କି ହସିଲା । କାଳିଝିଅକୁ ଚାହିଁଲା । ହେଲେ କିଛି କହିପାରିଲାନି ।

ସଲ୍ଲଜ ଭଙ୍ଗୀରେ ଫେରିବାଲାକୁ ଚାହିଁ ରହିଥିଲା କାଳିଝିଅ ।

ଇଏ ଗୋଟେ ଭଲପାଇବା ଜନ୍ମ ନେବାର ସୂଚନା ।

ହେଲେ କିଏ କାହାକୁ ଭଲ ଲାଗୁଥିଲା ???

ନୂଆପଡ଼ା, ନୟାବଜାର, କଟକ

# ଅନ୍ତର୍ଦାହ

- ଦେବାଶିସ ମିଶ୍ର

ସାର୍, ଆଜି ଖବରକାଗଜ ପଢ଼ିଲେ !

ନା, କ'ଣ ବାହାରିଛି କି ?

ଆପଣଙ୍କ ପ୍ରିୟ ଶିଷ୍ୟର ଖବର !

'କ'ଣ', 'କିଏ' ? ମୋ ମନରେ ପ୍ରଶ୍ନ ଉଙ୍କି ମାରିଲା । ମୁଁ ଖବରକାଗଜଟା ଓଲଟାଇ ଦେଖିଲି । ଏ କ'ଣ ରାହୁଲ ?

ହଁ, ତ ରାହୁଲର ଖବର !

ସେ କ'ଣ ଜେଲ୍‌ରେ !

ହଁ, ସେଇଆ ହେବାର ବି ଥିଲା । ଆଶୁତୋଷ କହିଲା । କ'ଣ ଆପଣ ତା' ବିଷୟରେ ଖବର ରଖିଛନ୍ତି ?

ମୁଁ କହିଥିଲି- "ନା, ଦୀର୍ଘ ପନ୍ଦର ବର୍ଷ ହେବ ଦଶମ ଶ୍ରେଣୀରେ ପଢ଼େଇଲା ପରେ ଆଉ ଦେଖିନି, କି ତା' ବିଷୟରେ ଜାଣିନି ।"

ଆଶୁତୋଷ ଖବରକାଜଗରେ ଦେଇଥିବା ଲେଖାଟିକୁ ପଢ଼ିବାକୁ କହିଲା । ପଢ଼ି ମୁଁ ସହିପାରିଲି ନାହିଁ, ଆଖିରୁ ଅଶ୍ରୁ ବାହାରି ପଡ଼ିଲା । ଏମିତି ଲାଗିଲା ଯେମିତି ମୁଁ ନିଜେ ହାରି ଯାଇଛି ।

ସ୍ୱାତୀ ଥିଲା ସୁନ୍ଦରୀ, ବୁଦ୍ଧିମତୀ । ସେ ଥିଲା ଗ୍ରେଜୁଏସନ୍ ଶେଷ ବର୍ଷ ଛାତ୍ରୀ । କିଛିଦିନ ତଳେ ତାର ଦେଖାହେଲା ରାହୁଲ ସହିତ । ରାହୁଲ ଥିଲା ତା' ମାତାପିତାଙ୍କର ଏକମାତ୍ର ସନ୍ତାନ । ଦୁହେଁ ଦୁହିଁଙ୍କ ଭଲ ପାଇବାକୁ ଲାଗିଲେ । ରାହୁଲ ସମ୍ବଲପୁରରେ ବ୍ୟାଙ୍କ୍‌ରେ କ୍ଲର୍କ ଭାବରେ କାମ କରୁଥିଲା । ଦୁହେଁ ନିର୍ଣ୍ଣୟ ନେଇଥିଲେ ଅଭିଭାବକଙ୍କୁ ତାଙ୍କ ବିଷୟରେ ଜଣେଇବେ ବୋଲି । କିନ୍ତୁ ସମସ୍ୟା ଥିଲା ସେ ଦୁହିଁଙ୍କର ଜାତି ଥିଲା ଅଲଗା ।

ସ୍ୱାତୀର ବାପା ଫରେଷ୍ଟ ଅଫିସର କାମ କରୁଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲେ । ସ୍ୱାତୀ ଅଲଗା ଜାତିର ହେବା ସତ୍ୱେ ରାହୁଲର ମାଁ ବାପା ଯୌତୁକ ଆଶାରେ ବିବାହ ପାଇଁ ରାଜି ହୋଇଗଲେ । ସ୍ୱାତୀର ମା' ବାପା ତା' ଜିଦ୍ ସାମ୍ନାରେ ହାର ମାନି ନେଇଗଲେ । ଝିଅର ଖୁସି ପାଇଁ ତାକୁ ରାହୁଲ ସହିତ ବାହା କରେଇବା ପାଇଁ ବାଧ ହେଲେ ।

ବାହାଘର ହେଲା । ରାହୁଲକୁ ସ୍ୱାତୀର ବାପା ସାମର୍ଥ୍ୟ ଅନୁସାରେ ଯୌତୁକ ବି ଦେଲେ । ବାହାଘର ବି ବେଶ୍ ଧୁମ୍‌ଧାମ୍‌ରେ ହେଲା ।

ସ୍ୱାତୀ ବେଶ୍ ଖୁସି ଥିଲା ଯେ ଅନ୍ୟ ଜାତିର ହେବା ସତ୍ୱେ ତା' ବାପା ମା' ବେଶ୍ ଧୁମ୍‌ଧାମ୍‌ରେ ତା'ର ବାହା କରେଇଲେ । ସ୍ୱାତୀର ବିଶ୍ୱାସ ଥିଲା ଯେ ତାକୁ ଶାଶୂଘର ବୋହୂ ନୁହେଁ, ଝିଅ ଭଳି ରଖିବେ ।

କିନ୍ତୁ ଶାଶୂଘର ଧୀରେ ଧୀରେ ସ୍ୱାତୀକୁ ବନ୍ଦୀଶାଳା ଭଳି ଲାଗିଲା । ଯେତେ ଭୋକିଲା ଥିଲେ ମଧ୍ୟ ସମସ୍ତେ ନ ଖାଇବା ପର୍ଯ୍ୟନ୍ତ ତାକୁ ଖାଇବାକୁ ସ୍ୱତନ୍ତ୍ରତା ନଥିଲା । ଏମିତି କି ଘରର କୌଣସି ପୁରୁଷ ସଦସ୍ୟଙ୍କ ସାମ୍ନାରେ ବସିବାର ଅଧିକାର ବି ନଥିଲା । ସେ ଗ୍ରାଜୁଏସନ୍ ପରୀକ୍ଷା ଦେବା ପାଇଁ ପଢ଼ିବାକୁ ଚାହିଁଲା ବେଳକୁ ତାକୁ ସେଥିରେ ବି ମନା କରାଗଲା ।

ସ୍ୱାତୀ ଏସବୁ ପାଇଁ ରାହୁଲ ପାଖରେ ବିରୋଧ ଜଣେଇଲା । ହେଲେ ରାହୁଲ କହିଥିଲା- "ଏହା ପରିବାର ଦ୍ୱାରା କରାଯାଇଥିବା କୌଣସି ଭୁଲ ନିଷ୍ପତ୍ତି ନୁହେଁ, ବରଂ ଆମ ସଂସ୍କୃତି ଓ ପରମ୍ପରା ।" ସେ ସ୍ୱାତୀକୁ ତାଗିଦ୍ କରି କହେ, " ମା' ବାପା ଯାହା କହିବେ, ତୁମେ ମାନିବାକୁ ବାଧ ।" ଶେଷରେ ସ୍ୱାତୀ ପଢ଼ିବା ପାଇଁ ଜିଦ୍ ଧରିବାରୁ ତା' ଶାଶୁ ଶ୍ୱଶୁର ଓ ରାହୁଲ ଠାରୁ ମାଡ଼ ଖାଇବା ପାଇଁ ପଡ଼ିଲା ।

କିଛିଦିନ ପରେ ଶ୍ୱଶୁର ଘରେ ଗୋଟିଏ ଘର କିଣିବା ପାଇଁ ସ୍ଥିର କଲେ । ଟଙ୍କା ନିଅଂଟ ହେବାରୁ ସ୍ୱାତୀକୁ ଚାରିଲକ୍ଷ ଟଙ୍କା ତା' ବାପାଙ୍କ ଠାରୁ ଆଣିବା ପାଇଁ କହିଲେ । ଏହି ସମୟରେ ସେ ଗର୍ଭବତୀ ମଧ୍ୟ ଥିଲା । ସ୍ୱପ୍ନ ଓ ଆଶା ଥିଲା ଏକ ଉଜ୍ଜ୍ୱଳ ଭବିଷ୍ୟତର । ହେଲେ ସବୁ ଓଲଟ-ପାଲଟ ହୋଇଗଲା । ତାକୁ ପୁଣି ଶାଶୁ ଓ ରାହୁଲର ମାଡ଼ ଖାଇବାକୁ ପଡ଼ିଲା ଓ ତା'ର ଗର୍ଭପାତ ହୋଇଗଲା । ସେମାନେ ତାକୁ ହସ୍‌ପିଟାଲ ବି ଆଣିଲେ ନାହିଁ । ଦି'ଦିନ ପର୍ଯ୍ୟନ୍ତ ରକ୍ତସ୍ରାବ ଲାଗି ରହିଲା । ଆଉ ଶେଷରେ ସେ ଆଖି ବୁଜିଦେଲା ।

ଦିନେ ମୁଁ ଗର୍ବ କରୁଥିଲି, ରାହୁଲ ପାଇଁ । ସେ ଥିଲା ମୋର ସବୁଠାରୁ ପ୍ରିୟ ଛାତ୍ର । ଆଜି ବି ମନେ ପଡ଼େ ଜିଲ୍ଲା ସ୍ତରୀୟ ତର୍କ ପ୍ରତିଯୋଗୀତାରେ ସେ 'ଯୌତୁକ ଏକ ରାକ୍ଷସ' ବିଷୟରେ ଦେଇଥିବା ଭାଷଣଟି । ସତରେ କି ଚମତ୍କାର ଥିଲା ସେ ଭାଷଣ । ଯୌତୁକ ରୂପୀ ରାକ୍ଷସର ଅନ୍ତ କରି ସେ ଶାନ୍ତି, ପ୍ରେମ ଓ ସ୍ନେହର ଏକ ସୁନ୍ଦର ସମାଜ ଗଢ଼ିବାର କି ସୁନ୍ଦର ଯୁକ୍ତି ବାଢ଼ିଥିଲା । ପାଠ ପଢ଼ାରେ ବି ସେ ଥିଲା ଅତି ଉତ୍ତମ । ଗଣିତ ଭଲ ଭାବରେ ଜାଣୁଥିବାରୁ ମୁଁ ତାକୁ ନିଜ ପୁଅ ଆଶୁତୋଷ ଠାରୁ ବି ବେଶୀ ଭଲ ପାଉଥିଲି । ମୋର ବିଶ୍ୱାସ ଥିଲା, ସେ ଦିନେ ନା ଦିନେ ମୋ ନାମକୁ ଗୌରବାନ୍ୱିତ କରିବ । ସେ ମୋ ଦେଖେଇଥିବା ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥରେ ଆଗେଇବ ।

ହେଲେ, ଏ କ'ଣ ସବୁ ସତ୍ୟାନାଶ ହୋଇଗଲା । ଆଜି ବି ମନେ ପଡ଼େ ରାହୁଲ ଭଲ ପଢୁଥିବାରୁ ତାକୁ ମୁଁ କ୍ଲାସ ମନିଟର କରିଥାଏ । ଆଉ ଅନ୍ୟ ପଟେ ହଳଧର ସବୁବେଳେ ମୋ କ୍ଲାସ୍‌ରେ ପନିସ୍‌ମେଂଟ ପାଇ ବାହାରେ ଠିଆ ହୋଇଥାଏ । ତା'ର ପଢ଼ାରେ ବିଲକୁଲ ଧ୍ୟାନ ବି ନଥାଏ । ମୁଁ ସବୁବେଳେ ତାକୁ କହେ, କେଜାଣି

ତୁ ସ୍କୁଲକୁ କାହିଁକି ଆସୁଛୁ । ପଢ଼ିବା ପାଇଁ ନା କେବଳ ସମୟ ବର୍ବାଦ କରିବା ପାଇଁ । ତତେ ପଢ଼େଇ ବଦନାମ ହେବା ଛଡ଼ା ଅନ୍ୟ କିଛି ଲାଭ ନାହିଁ । ଯେତେବେଳେ ବି ଗଣିତ ବୁଝେଇବି ଅନ୍ୟମନସ୍କ ହୋଇ ରହିବୁ । ଯାହା ବୁଝେଇଲେ ବି ଫେଲ ହେବୁ । ଯାହା ବି ହେଉ, ସତକୁ ସତ ହଳଧର ଫେଲ ହୋଇ ପାଠ ଛାଡ଼ିଲା । ମୁଁ ବି ସେଦିନ ମନେ ମନେ ଭାବିଥିଲି ଗଲା ମୁର୍ଖଟାଏ ।

ହେଲେ ଏଇ ତ ଗତ ଶୁକ୍ରବାର ଦିନର କଥା । ହଠାତ୍ ମୁଁ ତା' ବିଷୟରେ ଶୁଣି ଅବାକ୍ ହୋଇଗଲି । ସରକାର ତାକୁ କ'ଣ ନା ପଦ୍ମଶ୍ରୀ ଦେବା ପାଇଁ ଘୋଷଣା କଲେ । ସତରେ ଗଣିତ ସିନା ଜାଣୁନଥିଲା, ହେଲେ ଆଜି ମୁହଁ ଖୋଲି ଯେଉଁଠି ବି କବିତା କହେ, ଲୋକେ ମନ୍ତ୍ର ମୁଗ୍ଧ ହୋଇ ଘଂଟା ଘଂଟା ଧରି ତା' କବିତା ଶୁଣନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଆଜି ବି ସେ ମୋତେ ସମ୍ମାନ କରୁଛି । ତାର ଏତେ ବଡ଼ ସମ୍ମାନ ପାଇବା ପଛରେ ମୋର ହାତ ଓ ପ୍ରେରଣା ରହିଛି ବୋଲି ସେ ସମ୍ବାଦିକ ସମ୍ମିଳନୀରେ ଜଣେଇଛି । ଯେଉଁ ପିଲାକୁ ଅଯୋଗ୍ୟ ମନେ କରୁଥିଲି, ସେ ଆଜି ମୋତେ ସମ୍ମାନିତ କଲା ।

ହଳଧରର ଜୀବନଟା ବତ କମ୍ ଆଦର୍ଶମୟ ନୁହେଁ । ସ୍କୁଲ ସିନା ଛାଡ଼ିଲା , ହେଲେ ପଢ଼ା ଛାଡ଼ିନି କେବେ । ଜୀବନ ସାରା ଶିକ୍ଷା ଗ୍ରହଣ କରିଚାଲିଛି ।

ମା' ବାପା ଯେଉଁ ଝିଅକୁ ବାହା କରିବା ପାଇଁ ଠିକ୍ କଲେ, ତାକୁ ଥରୁଟିଏ ବି ନଦେଖି ବାହା ହେଲା । କେବେ ତା' ଆଖିରେ ଅଶ୍ରୁ ଆସିବା ଦେଇନାହିଁ । ସବୁବେଳେ ତାକୁ ଖୁସିରେ ରଖିବା ପାଇଁ ଚେଷ୍ଟା କରିଛି । ଆର୍ଥିକ ସ୍ଥିତି ଖରାପ ଥିଲେ ବି କେବେ ପତ୍ନୀକୁ ପଦୁଟିଏ କହି ନାହିଁ ।

ହଳଧରର ଶାଶୁ ଶ୍ୱଶୁରଙ୍କ ସ୍ୱର୍ଗବାସ ହୋଇଯିବାରୁ ସେ ନିଜ ଶଳା ଓ ଶାଳୀକୁ ନିଜ ପୁଅ ଝିଅ ପରି ସ୍ନେହ ଦେଇଛି । ଥରେ ଯେତେବେଳେ ପତ୍ନୀ ସୁକୁମାରୀକୁ ଜ୍ୱର ହେଲା, ସେ ତାଙ୍କ ଗାଁରେ ସେତେବେଳେ କୌଣସି ଗାଡ଼ି ମଟରର ସୁବିଧା ନଥିଲା । ସେ ସେଥିପାଇଁ ତାକୁ କାନ୍ଧେଇ ଦୀର୍ଘ ଦଶ କିଲୋମିଟର ଦୂର ହସ୍ପିଟାଲ କୁ ବୋହି ନେଇ ଯାଇଥିଲା । ହେଲେ ବଂଚେଇ ପାରିଲା ନାହିଁ ନିଜ ପ୍ରାଣପ୍ରିୟାକୁ । ସେଦିନଠାରୁ ଟଙ୍କା ଯୋଗାଡ଼ କରି ଗୋଟାଏ ଅଟୋ ରିକ୍ସା କିଣିଛି । ଯାହାକୁ ଚିକିତ୍ସାର ଦରକାର ହୁଏ, ସେ ନିଶୁଳ୍କ ସାହାଯ୍ୟ କରେ । ତାକୁ ହସ୍ପିଟାଲ ପହଂଚାଇ ଦିଏ ।

ମୁଁ ଆଗରୁ ଭାବୁଥିଲି ଶିକ୍ଷା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ, ହେଲେ ହୁଏତ ମୁଁ ଭୁଲ୍ ଥିଲି । ଶିକ୍ଷା ନୁହେଁ, ମଣିଷର ଶୁଦ୍ଧ ଭାବନା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ ।

ଆଜି ମୁଁ ନିଜେ ଭୁଲ୍ ପ୍ରମାଣିତ ହୋଇ ବି ଜୀବନରେ ପ୍ରଥମ ଥର ପାଇଁ ଖୁସି ଥିଲି ।

ଅନ୍ତରାତ୍ମାର ଅନ୍ତର୍ଦାହରୁ ବାହାରି ଆସୁଥିଲା- ସମାଜ ଦରକାର କରେ ହଳଧର, ରାହୁଲ ନୁହେଁ । ଦରକାର କରେ ଆଦର୍ଶ, ଶିକ୍ଷା ନୁହେଁ । ମନରୁ ସ୍ୱତଃ ଆସିଯାଉଥିଲା "ହଳଧର ଦୀର୍ଘାୟୁ ଭବ ।"

ଅବନବେଲା,ରେମଣ୍ଡା,ସୁନ୍ଦର ଗଡ

# ବାପାଙ୍କ ପୁରୁଣା ବାକ୍ସ

– ସୁଶାନ୍ତ କୁମାର ନନ୍ଦ
ସମ୍ପାଦକ ସାଧବ ବୋହୂ

ହେତୁ ପାଇବା ଆଗରୁ ବୋଉ ଆମର ଆରପୁରକୁ ଟିକଟ କାଟି ସାରିଥିଲା । ଆମ ପାଇଁ ବାପା ଥିଲେ ସବୁ କିଛି । କେବେ ବି ବୋଉର ସ୍ନେହ, ଶ୍ରଦ୍ଧା ଓ ଅନୁପସ୍ଥିତିକୁ କମ୍ ହେବାକୁ ଦେଉ ନଥିଲେ ସେ ଆମକୁ । ପୂର୍ବ ଆକାଶରେ ସୂର୍ଯ୍ୟଦେବ ସୁନାର କିରଣ ବୁଣିଦେବା ଆଗରୁ ସକାଳ ହେଇ ଯାଉଥିଲା ବାପାଙ୍କ ଜୀବନରେ । ଖାସ୍ ଆମକୁ ଦୁନିଆରେ ଶହେ ଜଣରେ ଜଣେ କରି ଠିଆ କରେଇବା ପାଇଁ ନିଜର ସବୁ ସୁଖକୁ ପର କରି ଦେଇଥିଲେ ସେ । ଦିନରାତିକୁ ଏକ କରି ଦୁନିଆ ଦାଣ୍ଡରେ ସମୟ ସହିତ ତାଳ ଦେଇ ଆମକୁ ଆଗକୁ ଆଗେଇ ନେଉଥିଲେ ସେ । କୌଣସି ଥିରେ କେବେ ଊଣା ଅନୁଭବ କରିବାକୁ ଦେଉନଥିଲେ ଆମକୁ । ଚାକିରି ସହିତ ସଂସାର ରଥକୁ ଏକା ଏକା ସୁରୁଖୁରୁରେ ବାହି ନେଉଥିଲେ ସେ । ସେ ସମୟରେ ଆମ ଭାଇ ଭଉଣୀ ଦିହାଙ୍କ ଟିକେ ଟିକେ ସଫଳତା ଥିଲା ତାଙ୍କ ପାଇଁ ସବୁକିଛି । ଯେଉଁଦିନ ଗୀତା ନାନୀ ମୋର ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲା, ସେଦିନ ବାପାଙ୍କ ପାଇଁ ଥିଲା ବହୁତ ବଡ଼ ଖୁସିର ଦିନଟାଏ । ଗାଁ ମନ୍ଦିରରେ ପୂଜା କରିବା ସହିତ ସାହି ସାହି ବୁଲି ନିଜ ହାତରେ ମିଠା ବାଂଟି ଥିଲେ ସେଦିନ ସେ । କିନ୍ତୁ ସବୁ ଖୁସି ପରେ ବି ସେଦିନ ଏକା ଏକା ଘର ଭିତରଟାରେ ଅନେକ ସମୟ ଧରି ଲୁହ ଗଡ଼ାଇବାକୁ ଭୁଲି ନଥିଲେ । ଅନେକ ଥର ଦେଖିଛୁ ଆମେ, ଏମିତି ଅନେକ ସମୟରେ ବାପା ଏକା ଏକା ଘର ଭିତରେ ବସି ରହି ସମୟ ବିତାଇବା । ବାପାଙ୍କ ଦୃଷ୍ଟି ଆଢୁଆଳରେ ଲକ୍ଷ କରିଛୁ, ବହୁତ ଦିନରୁ ଚାବି ପକାଇ ରଖିଥିବା କେଉଁ ଅମଳର କାଠ ବାକ୍ସଟା ଭିତରୁ କଅଣ ସବୁ ବାହାର କରି ଦେଖିବା, ପୁନଶ୍ଚ ସାଇତି ରଖିଦେବା । ଯଦିଓ ଆମେ କେବେ ବି ସାହସ କରି ପଚାରି ପାରି ନଥିଲୁ ଏମିତି କି ମୂଲ୍ୟବାନ ଜୀନିଷ ଅଛି ସେ ବାକ୍ସ ଭିତରେ ।

ଏହା ମଧ୍ୟରେ ସମୟ ବହୁତ ଦୂର ଅତିକ୍ରାନ୍ତ କରି ସାରିଲାଣି । ବାପାଙ୍କ ଅକ୍ଲାନ୍ତ ପରିଶ୍ରମ ସହିତ ସମସ୍ତ ତ୍ୟାଗ ବଳରେ ଗୀତା ନାନୀ ମୋର ସରକାରୀ ଚାକିରି କରିବା ସହିତ ବଡ଼ ଘରେ ବାହା ହୋଇ ଖୁସିରେ ଜୀବନ ବିତାଉଥିଲା । ମୁଁ ବି ପାଠ ପଢ଼ା ଶେଷ କରି କୃଷି ବିଭାଗରେ ନିଯୁକ୍ତି ପାଇ ସହରର ଉଚ୍ଚ ଶିକ୍ଷୀତା ଝିଅକୁ ବିବାହ କରି ଗାଆଁଠୁ ଦୂର ସହରରେ ରହୁଥିଲି । କିନ୍ତୁ ଆଜିବି ବାପା ନିଜ ପିତୃ ପୁରୁଷ ଅମଳର ସେହି ଗାଁର ଭିଟାମାଟି ଉପରେ ଗଢ଼ିଉଠିଥିବା ଦୁଇ ବଖରା ଘରେ ଭିତରେ ନିଜର ସ୍ମୃତି ସବୁକୁ ସାଥିରେ ଧରି ଏକା ଏକା ଜୀବନ ବିତାଉଥିଲେ । ଅନେକ ବାର, ଅନେକ ଅନୁରୋଧ ପରେ ବି ସହର ଆସି ମୋ ସହିତ ରହିବାକୁ କୁଣ୍ଠାବୋଧ କରୁଥିଲେ ସେ । କୁଆଡ଼େ ସହରୀ ପାଣି ପବନ ତାଙ୍କ ଦେହକୁ ସୁହାଇବ ନାହିଁ । ଗାଆଁ ମାଟି ବାସ୍ନାର ମୋହକୁ ଏବେ ବି ହୃଦୟରେ ସ୍ଥାନ ଦେଇ ଆପଣେଇ ନେଇଥିଲେ ନିଜ ଜନ୍ମଭୂମିକୁ ।

ସେଦିନ କିନ୍ତୁ ଯୋର୍ କରି ମୋ ସହିତ ବାପାଙ୍କୁ ନେଇ ଆସିଲି ସହରକୁ, ମୋ ସରକାରୀ ବାସଭବନକୁ । ଆସିବା ସମୟରେ ବାପା ଘରୁ ନିଜର ଦୈନନ୍ଦିନ ବ୍ୟବହାର ପାଇଁ କପଡ଼ା କେଇଖଣ୍ଡ ସହିତ ସେଇ ସନ୍ଦେହ ଭରା ବାକ୍ସଟିକୁ ନେଇ ଆସିଥିଲେ ନିଜ ସହିତ । ସହରରେ ପହଁଚିବାର ଦିନ କେଇଟା ପରେ ଘରଣୀଙ୍କର ସନ୍ଦେହି ଆଖି ସହିତ ପିଲାଟି ଦିନରୁ ମନରେ ବସା ବାନ୍ଧି ଦେଇଥିବା ସମସ୍ତ ଉତ୍କଣ୍ଠା ମୋର ଚରମ ସୀମାରେ ପହଂଚି ସାରିଥିଲା । କ'ଣ ପାଇଁ ଗାଆଁ ଘରେ ଅନେକ ମୂଲ୍ୟବାନ ଜିନିଷ ଛାଡ଼ି ଏ ବାକ୍ସଟିକୁ କେବଳ ସାଥିରେ ନେଇ ଆସିଲେ ବାପା! କ'ଣ ଅଛି ଏହା ଭିତରେ? ନିଶ୍ଚୟ ଟଙ୍କା ପଇସା ଠାରୁ ନେଇ ବୋଉର ସୁନା ଗହଣା ସବୁ କିଛି ସେ ରଖିଥାଇ ପାରନ୍ତି ଏହା ମଧ୍ୟରେ! ଅନେକ ସମୟରେ ତେଣୁ କରି ଏକା ଏକା ସେ ବାକ୍ସଟିକୁ ଖୋଲି ତା'ର ହିସାବ କରୁଛନ୍ତି ବୋଧ ହୁଏ ନିଜେ ନିଜେ ।


ମଣିଷ ମନର ସନ୍ଦେହ ଯେତେବେଳେ ସୀମା ଅତିକ୍ରାନ୍ତ କରେ, ସେ ସମୟରେ ମଣିଷ ନିଜର ହିତାହିତ ଜ୍ଞାନ ସବୁ ଭୁଲିଯାଇଥାଏ । ସେଦିନର ସବୁ ବିଶ୍ୱାସର ବନ୍ଧଟା ଭାଙ୍ଗିଦେଇ ବାପାଙ୍କ ଅନୁପସ୍ଥିତିରେ ସେହି ପୁରୁଣା ବାକ୍ସର ସନ୍ଦେହ ମୋଚନ ପାଇଁ ହାତୁଡ଼ିଟାଏ ସାହାଯ୍ୟରେ ବାକ୍ସଟିକୁ ଆବୃଦ୍ଧ କରି ରଖିଥିବା କେଉଁ ଅମଳର କଳଙ୍କି ଲଗା ଲୁହା କୋଲପଟା ଭାଙ୍ଗିଦେବା ସମୟରେ ପ୍ରାତଃ ଭ୍ରମଣରୁ ଆସି ପଛପଟେ କେତେବେଳେ ଯେ ବାପା ପହଂଚି ଯାଇଥିଲେ ସେ ଆଡ଼କୁ ଟିକିଏ ବି ନିଘା ନଥିଲା ମୋର । ବାସ୍ ସମସ୍ତ ଉତ୍କଣ୍ଠା କେବଳ ବାକସଟିରେ ନିବୃତ ଥିଲା ଯାହା ।

ହାତୁଡ଼ି ସାହାଯ୍ୟରେ କାର୍ଯ୍ୟଟିକୁ ଶେଷ କରି ବାକ୍ସକୁ ଖୋଲିଦେଇ ଚାହିଁ ରହିଥିଲି ତାହା ମଧ୍ୟକୁ । ଘରଣୀଙ୍କର ଉତ୍କଣ୍ଠାଟା ବି ଫିକା ପଡ଼ିଯାଇଥିଲା ସେତେବେଳକୁ ଯାହା ବେଶ୍ ବାରି ହେଇ ପଡୁଥିଲା ତାଙ୍କ ମୁଖ ମଣ୍ଡଳରୁ । କିନ୍ତୁ ପଛରେ ଦଣ୍ଡାୟମାନ ବାପାଙ୍କ

ଆଖିରୁ ଏହା ଭିତରେ ବହିଚାଲିଥିଲା ଅନବରତ ଲୋତକର ଧାର । ସେତବେଳକୁ ବାପାଙ୍କ ଉପସ୍ଥିତ ଅନୁଭବ କରି ମଧ୍ୟ ସାହସ ସଂଚୟ କରି ପାରୁ ନଥିଲି ବାପାଙ୍କ ଆଖିରେ ଆଖି ମିଶେଇବା ପାଇଁ । ବାସ୍, ବାକ୍ସ ମଧ୍ୟରେ ଥିବା ବୋଉର ସେ ପୁରୁଣା ଫଟୋ, ରଂଗ ଛାଡ଼ି ଆସିଥିବା ବାହା ହେଇ ଆସିଲାବେଳର ସେ ନାଲିଆ ପାଟ ଶାଢ଼ି ଖଣ୍ଡେ ଆଉ ପୁରୁଣା କଳା ପଡ଼ି ଆସିଥିବା ପାଉଁଜି ଦିପଟ ଉପରେ ଖାଲି ଯାହା ଅଶ୍ରୁଭିଜା ଆଖି ଦୁଇଟା ନିବଦ୍ଧ ରହିଥିଲା ମୋର ।

କିଛି ସମୟ ମଧ୍ୟରେ ସମସ୍ତ ଦୃଶ୍ୟର ଯବନିକା ପଡ଼ିସାରିଥିଲା । ବାପା ତାଙ୍କର ସେହି ପୁରୁଣା ଭଙ୍ଗା ବାକ୍ସଟିକୁ ଧରି ଗାଁ ଅଭିମୁଖେ ବାହୁଡ଼ି ସାରିଥିଲେ, ଯାହାକୁ କି ମୁଁ କିଛି ସମୟ ପୂର୍ବରୁ ରହସ୍ୟର ଉନ୍ମୋଚନ ପାଇଁ ଭାଙ୍ଗି ସାରିଥିଲି । ସେଦିନ ଶତ ଚେଷ୍ଟା କରି ମଧ୍ୟ ଅନୁତାପର ଅଜସ୍ର ଅଶ୍ରୁ ବାହି ମୁଁ ବାପାଙ୍କୁ ଅଟକାଇ ରଖି ପାରି ନଥିଲି । ଅବିଶ୍ୱାସର ବନ୍ଧତା ମୋତେ ବାପାଙ୍କ ନିକଟରୁ ଏତେ ଦୂରକୁ ନେଇଯାଇଥିଲା ଯେ, ମୁଁ ଆଗକୁ କିଛି ବି ଭାବିବାକୁ ସାହସ କରିପାରୁ ନଥିଲି ।

ନିୟୁ ଏ.ଜି. କଲୋନୀ, ଜୟଦେବ ବିହାର,
ଭୁବନେଶ୍ୱର-୧୨




CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'